


ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୨୨ ସେପ୍ଟେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 22 September 2026
Vol.No. 36 ■ No.249 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ଜିନପିଙ୍ଗଙ୍କ ଆମେରିକା ଗସ୍ତ ନିଶ୍ଚିତ: ସେପ୍ଟେମ୍ବର ୨୩-୨୫ ମଧ୍ୟରେ କାର୍ଯ୍ୟକ୍ରମ



ନୂଆଦିଲ୍ଲୀ,୨୧/୯ : ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଆମେରିକା ଗସ୍ତକୁ ଆନୁଷ୍ଠାନିକ ଭାବରେ ନିଶ୍ଚିତ କରାଯାଇଛି। ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ଜଣେ ମୁଖପାତ୍ରଙ୍କ ଅନୁଯାୟୀ, ସି ଜିନପିଙ୍ଗ ସେପ୍ଟେମ୍ବର ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ଆମେରିକାର ଏକ ସରକାରୀ ଗସ୍ତ କରିବେ। ଏହି ସମୟ ମଧ୍ୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଜିନପିଙ୍ଗ ସେପ୍ଟେମ୍ବର ୨୩ ତାରିଖରେ ୱାଶିଂଟନରେ ଅବତରଣ କରିବେ ଏବଂ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ଶିଖର ଆଲୋଚନା କରିବେ। ହଂକଂର ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟର ଏକ ରିପୋର୍ଟ ଅନୁଯାୟୀ, ଚୀନ୍ ରାଷ୍ଟ୍ରପତି ଆସିବା ସମୟରେ ଟ୍ରମ୍ପ ଜଏଣ୍ଟ ବେସ୍ ଆଣ୍ଡ୍ରୁଜ୍‌ରେ ବିମାନବନ୍ଦର ଟାରମାକ୍‌ରେ ସିଙ୍କୁ ବ୍ୟକ୍ତିଗତ ଭାବରେ ସ୍ୱାଗତ କରିବାକୁ ଯୋଜନା କରିଛନ୍ତି। ଆମେରିକା ସରକାର ପୂର୍ବରୁ ଘୋଷଣା କରିସାରିଛନ୍ତି ଯେ, ଚଳିତ ସପ୍ତାହରେ ଦୁଇ ଦେଶର ନେତାମାନେ ସାକ୍ଷାତ କରିବେ। ଆଶା କରାଯାଉଛି, ଏହି ବୈଠକ ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ବ୍ୟାପକ ରଣନୈତିକ ପ୍ରସଙ୍ଗ ଉପରେ ଉତ୍ତେଜନା ହ୍ରାସ କରିବାର ଏକ ପ୍ରୟାସ ହେବ। ଦୁଇ ନେତା ଶେଷ ଥର ପାଇଁ ମେ' ମାସରେ ଟ୍ରମ୍ପଙ୍କ ବେଜିଂ ଗସ୍ତ ସମୟରେ ପରସ୍ପରକୁ ସାକ୍ଷାତ କରି ବିଶ୍ୱର ଦୁଇ ବୃହତ୍ତମ ଅର୍ଥନୀତି ମଧ୍ୟରେ ସମ୍ପର୍କ ଉନ୍ନତ କରିବା ବିଷୟରେ ଆଲୋଚନା କରିଥିଲେ।

## କଂଗ୍ରେସରେ ଗୋଷ୍ଠୀ କନ୍ଦଳ: ଭକ୍ତଙ୍କ କମିଟିକୁ ନେଇ ଅସନ୍ତୋଷ, ସାମ୍ନାକୁ ଆସିଲା ମତଭେଦ



ଭୁବନେଶ୍ୱର, ୨୧/୯ (ନି.ପ୍ର): ଗୋଟିଏ ପଟେ ପିସିସି ସଭାପତି ଭକ୍ତ ଚରଣ ଦାସ ସରକାରକୁ ଘେରୁଛନ୍ତି। ଦଳର ନେତା ଓ କର୍ମୀଙ୍କୁ ନେଇ ସମାବେଶ କରୁଛନ୍ତି । ଅନ୍ୟପଟେ ରାଜ୍ୟ କଂଗ୍ରେସର ନୂଆ କମିଟିକୁ ନେଇ ଦଳ ଭିତରୁ ଉଠିଛି ଅସନ୍ତୋଷର ସ୍ୱର। ବରିଷ୍ଠ ନେତା ପ୍ରସାଦ ହରିଚନ୍ଦନ ସିଧାସଳଖ ବିରୋଧ କରିନଥିଲେ ବି ନିଜ ବୟାନରେ ତେରେଛା ବାଣ ମାରିଛନ୍ତି । ପ୍ରସାଦ ହରିଚନ୍ଦନ କହିଛନ୍ତି, ଯୁବକଙ୍କୁ ସୁଯୋଗ, ପୁରୁଣାଙ୍କୁ ସମ୍ମାନ ଏବଂ ନୂଆ ନେତାଙ୍କୁ ଗୁରୁତ୍ୱ ଦେବା ଦରକାର । ଏହାର ସନ୍ତୁଳନ ରହିଲେ ହିଁ ଦଳ ଆଗକୁ ବଢ଼ିପାରିବ। କଂଗ୍ରେସର ଭବିଷ୍ୟତ ଯୁବପିଢ଼ି ହୋଇଥିବାରୁ ସେମାନଙ୍କୁ ଦଳରେ ଅଧିକ ସୁଯୋଗ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି । କେବଳ ପ୍ରେସ୍ ବାର୍ତ୍ତା ଓ ବିବୃତି ଦେଇ ଦଳ ଆଗକୁ ବଢ଼ିପାରିବ ନାହିଁ । ପୁରୁଣା କର୍ମୀଙ୍କୁ ସମ୍ମାନ ଦେବା ସହ ନୂଆ କରି ଆସୁଥିବା ନେତାଙ୍କୁ ମଧ୍ୟ ଉପଯୁକ୍ତ ଗୁରୁତ୍ୱ ଦେବା ଦରକାର। ସମସ୍ତଙ୍କୁ ନେଇ ମିଳିତ ନେତୃତ୍ୱରେ ଲଢ଼ିଲେ ହିଁ ସଂଗଠନ ମଜବୁତ ହେବ ବୋଲି ପ୍ରସାଦ କହିଛନ୍ତି । ସେପଟେ ନୂଆପଡ଼ାରେ ପଦାରେ ପଡ଼ିଛି କଂଗ୍ରେସର ଗୋଷ୍ଠୀ କନ୍ଦଳ । ଜିଲ୍ଲା ସଭାପତି ଘୋଷଣା ପରେ ବଢ଼ିଛି ଅସନ୍ତୋଷ । ଗୋଟିଏ ପଟେ ନବନିଯୁକ୍ତ ସଭାପତି ଅଙ୍କିତ ସିଂଘାଇଙ୍କ ପଦଭାର ସମାରୋହ ହୋଇଥିବା ବେଳେ ଅନ୍ୟପଟେ ପୂର୍ବତନ ଜିଲ୍ଲା ସଭାପତି ଘାସିରାମ ମାଝିଙ୍କ ପକ୍ଷରୁ ନୂଆଁଖାଇ ଭେଟଘାଟ ଆୟୋଜିତ ହୋଇଥିଲା। ଏକ ସମୟରେ ଦୁଇଟି ସ୍ଥାନରେ ସମାନ୍ତରାଳ କାର୍ଯ୍ୟକ୍ରମକୁ ନେଇ ଚର୍ଚ୍ଚା ବଢ଼ିଛି । ତେବେ ମତଭେଦ ଥିଲେ ମଧ୍ୟ ଆଲୋଚନା ମାଧ୍ୟମରେ ଏହାର ସମାଧାନ ହୋଇପାରିବ ବୋଲି ଦଳୀୟ ନେତୃତ୍ୱ କହିଛି।

◆◆ପୃଷ୍ଠା ୭

## ଛତିଶଗଡ଼ର ବୀଜାପୁରରେ ନକ୍ସଲମାନଙ୍କ ଡମ୍ପରୁ ଅସ୍ତ୍ରଶସ୍ତ୍ର ଉଦ୍ଧାର

ନୂଆଦିଲ୍ଲୀ,୨୧/୯ : ଛତିଶଗଡ଼ର ବୀଜାପୁରରେ ସୁରକ୍ଷାବଳର ମିଳିତ ଟିମ୍ ଦ୍ୱାରା ଚାଲିଥିବା ସର୍ଚ୍ଚ ଅଭିଯାନ ସମୟରେ ଭୈରମଗଡ଼ର ଉତଲା ଜଙ୍ଗଲରେ ସୋମବାର ମାଟି ତଳେ ଲୁଚାଇ ରଖାଯାଇଥିବା ନକ୍ସଲମାନଙ୍କ ଡମ୍ପରୁ ଅସ୍ତ୍ରଶସ୍ତ୍ର ଉଦ୍ଧାର କରାଯାଇଛି। ବୀଜାପୁର ଏସପି ଉମେଶ ପ୍ରସାଦ ଗୁପ୍ତା ଏହାର ପୁଷ୍ଟି କରି କହିଛନ୍ତି ଯେ ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କୁ ପଚରାଉଚରା ଏବଂ ପୁନର୍ବାସ ନୀତି ଅଧୀନରେ ଚାଲିଥିବା ସାମାଜିକ କାର୍ଯ୍ୟକ୍ରମଗୁଡ଼ିକର ସକାରାତ୍ମକ ପରିଣାମ ସାମ୍ନାକୁ ଆସୁଛି। ପୁଲିସ ଅଧୀକ୍ଷକଙ୍କ ମାର୍ଗଦର୍ଶନ ଏବଂ ଅତିରିକ୍ତ ପୁଲିସ ଅଧୀକ୍ଷକ (ନକ୍ସଲ) ଅମନ ଝାଙ୍କ ନେତୃତ୍ୱରେ ଭୈରମଗଡ଼ ଥାନାରୁ ପୁଲିସ ବଳ ଏବଂ ଡିଆରଜିର ଏକ ମିଳିତ ଦଳକୁ ଉତଲା ଗାଁର ଜଙ୍ଗଲରେ ସର୍ଚ୍ଚ ପାଇଁ ପଠାଯାଇଥିଲା। ଅଭିଯାନ ସମୟରେ ଜଙ୍ଗଲରେ ସନ୍ଦିଗ୍ଧ ସ୍ଥାନ ଚିହ୍ନଟ କରି ସୁରକ୍ଷାର ସମସ୍ତ ମାନଦଣ୍ଡ ପାଳନ କରି ଯେତେବେଳେ ଯବାନମାନେ ସ୍ଥାନଟି ଖୋଳିଥିଲେ, ସେତେବେଳେ ମାଟି ତଳେ ପୋତି ରଖାଯାଇଥିବା ନକ୍ସଲମାନଙ୍କ ଡମ୍ପ ଉଦ୍ଧାର ହୋଇଥିଲା। ଏଥିରେ ଏକ ଏକେ-୪୭ ରାଇଫଲ, ଏକ .୩୧୫ ବୋର ରାଇଫଲ, ଏକ ଶଟ୍ ରାଇଫଲ, ଏକ ୯ ଏମଏମ ପିସ୍ତଲ, ଦୁଇଟି ଏକେ-୪୭ ମ୍ୟାଗଜିନ, ୪୫ ନଗ ଏକେ-୪୭ ଜୀବନ୍ତ ରାଉଣ୍ଡ, ୨୫ ନଗ ୯ ଏମଏମ ଜୀବନ୍ତ ରାଉଣ୍ଡ, ୦୬ ନଗ .୩୧୫ ବୋର ରାଇଫଲର ଜୀବନ୍ତ ରାଉଣ୍ଡ ଏବଂ ଅନ୍ୟାନ୍ୟ ନକ୍ସଲ ସାମଗ୍ରୀ ଉଦ୍ଧାର କରାଯାଇଛି।

## ବାତ୍ୟା ନୁହେଁ, ବଡ଼ ବର୍ଷା। ଲଘୁଚାପ ପାଇଁ ଓଡ଼ିଶାରେ ବଡ଼ ବର୍ଷା ଆଲର୍ଟ: ୨୨ରୁ ୨୪ ଗୁରୁତ୍ୱପୂର୍ଣ୍ଣ, ଦକ୍ଷିଣ ଓଡ଼ିଶାରେ ରେଡ୍ ଆଲର୍ଟ



ଭୁବନେଶ୍ୱର, ୨୧/୯ (ନି.ପ୍ର): ବଙ୍ଗୋପସାଗରରେ ସକ୍ରିୟ ଥିବା ସୁସ୍ପଷ୍ଟ ଲଘୁଚାପ ବଳ ଧୀରେ ଧୀରେ ଆଗକୁ ବଢୁଛି । ଆସନ୍ତା ୨୪ ଘଣ୍ଟାରେ ଏହା ଅବପାତର ରୂପ ନେଇପାରେ । ପରବର୍ତ୍ତୀ ୨୪ ଘଣ୍ଟାରେ ଆହୁରି ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ହେବା ସମ୍ଭାବନା ରହିଛି । ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରି ୨୩ ତାରିଖ ସକାଳ ସୁଦ୍ଧା ଉତ୍ତର ଆନ୍ଧ୍ରପ୍ରଦେଶ-ଦକ୍ଷିଣ ଓଡ଼ିଶା ଉପକୂଳ ନିକଟରେ ପହଞ୍ଚିପାରେ। ତେବେ ଏହା ବାତ୍ୟାର ରୂପ ନେବ କି ନାହିଁ, ସେନେଇ ଆଇଏମ୍‌ଡି ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ନାହିଁ । ଲଘୁଚାପ ପ୍ରଭାବରେ ୨୨ରୁ ୨୫ ତାରିଖ ଯାଏଁ ରାଜ୍ୟରେ ବର୍ଷା ବଢ଼ିବ। ଗଞ୍ଜାମ, ଗଜପତି ଓ କୋରାପୁଟକୁ ରେଡ୍ ଆଲର୍ଟ ଜାରି ହୋଇଛି । ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ମାଲକାନଗିରି, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ ଓ ଜଗତସିଂହପୁରକୁ ଅରେଞ୍ଜ ଆଲର୍ଟ ଦିଆଯାଇଛି । ଆସନ୍ତା ୨୪ ଘଣ୍ଟାରେ ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ ଓ ଗଜପତିରେ ଝଡ଼ବର୍ଷା ସହ ବଜ୍ରପାତ ଆଶଙ୍କା ରହିଛି । କିଛି ସ୍ଥାନରେ ୪୦ରୁ ୫୦ କିମି ବେଗରେ ପବନ ବହିପାରେ । ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି ।ସେହିପରି ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଅନୁଗୋଳ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ଝଡ଼ପବନ ଓ ବଜ୍ରପାତ ଆଶଙ୍କା ରହିଛି। ଏଠାରେ ୩୦ରୁ ୪୦ କିମି ବେଗରେ ପବନ ବହିପାରେ ।

◆◆ପୃଷ୍ଠା ୭

## ମୌସୁମୀ ଅଧିବେଶନରେ ଆସିବ ୬ଟି ବିଲ୍: ମୁକେଶ ମହାଲିଙ୍ଗ

ଭୁବନେଶ୍ୱର, ୨୧/୯ (ନି.ପ୍ର): ଚଳିତ ବିଧାନସଭାର ମୌସୁମୀ ଅଧିବେଶନରେ ୬ଟି ବିଲ୍ ଆସିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏମଏମଡିଆର କିମ୍ବା ଅନ୍ୟ ଯେଉଁ ପ୍ରଶ୍ନ ବିରୋଧୀ ଆଣିବେ ଆଲୋଚନା ହେବ। ବାଚସ୍ପତି ଯାହା ନିଷ୍ପତି ନେବେ ସେହି ଅନୁଯାୟୀ ଆଲୋଚନା ହେବ। ରାଜ୍ୟର ସ୍ୱାର୍ଥ ସମ୍ବଳିତ ଯେକୌଣସି ଆଲୋଚନା ହେବ। ସତ୍ୟ କଥା ସାମ୍ନାକୁ ଆସିବା ଦରକାର। ବିରୋଧୀଙ୍କ ଅପପ୍ରଚାର ଲୋକଲୋଚନକୁ ଆସିବା ଦରକାର। ବିଲ୍ ସମ୍ପର୍କରେ ବିଜନେସ ଆଡ୍‌ଭାଇଜରୀ କମିଟି ବିଚାର କରିବ ବୋଲି କହିଛନ୍ତି ମୁକେଶ ମହାଲିଙ୍ଗ।

## ବଜାରରେ ସୁନା-ରୂପା ସାମାନ୍ୟ ହ୍ରାସ

ନୂଆଦିଲ୍ଲୀ,୨୧/୯ : ଘରୋଇ ସରାଫା ବଜାରରେ ଆଜି ପ୍ରାରମ୍ଭିକ କାରବାର ସମୟରେ ସାମାନ୍ୟ ହ୍ରାସ ପରିଲକ୍ଷିତ ହେଉଛି। ଦରରେ ପରିବର୍ତ୍ତନ ହେବା କାରଣରୁ ଦେଶର ଅଧିକାଂଶ ସରାଫା ବଜାରରେ ଆଜି ୨୪ କ୍ୟାରେଟ୍ ସୁନା ପ୍ରତି ୧୦ ଗ୍ରାମ୍ ୧,୫୫,୮୩୦ ଟଙ୍କାରୁ ୧,୫୫,୯୮୦ ଟଙ୍କା ମଧ୍ୟରେ କାରବାର ହେଉଛି। ସେହିପରି ୨୨ କ୍ୟାରେଟ୍ ସୁନାର ଦର ପ୍ରତି ୧୦ ଗ୍ରାମ୍ ୧,୪୨,୮୪୦ ଟଙ୍କାରୁ ୧,୪୨,୯୯୦ ଟଙ୍କା ମଧ୍ୟରେ ରହିଛି। ରୁପା ଦରରେ ମଧ୍ୟ ହ୍ରାସ ଘଟିଥିବାରୁ ଆଜି ଦିଲ୍ଲୀ ସରାଫା ବଜାରରେ ଏହି ଚମକୁଥିବା ଧାତୁର ଦର ପ୍ରତି କିଲୋଗ୍ରାମ୍ ୨,୫୪,୯୦୦ ଟଙ୍କା ରହିଛି। ଦିଲ୍ଲୀରେ ଆଜି ୨୪ କ୍ୟାରେଟ୍ ସୁନାର ଦର ପ୍ରତି ୧୦ ଗ୍ରାମ୍ ୧,୫୫,୯୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ଦର ୧,୪୨,୯୯୦ ଟଙ୍କା ରେକର୍ଡ କରାଯାଇଛି।

## ଆଜିଠୁ ବିଧାନସଭା ଅଧିବେଶନ : ସହଯୋଗ ଲୋଡ଼ିଲେ ସରକାର

### ସରକାରଙ୍କୁ ଘେରିବାକୁ ବିଜେଡି-କଂଗ୍ରେସର ପ୍ରସ୍ତୁତି



ଭୁବନେଶ୍ୱର, ୨୧/୯ (ନି.ପ୍ର): ଆସନ୍ତାକାଲିଠୁ ଆରମ୍ଭ ହେବାକୁ ଯାଉଛି ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ। ଏହି ସ୍ୱଳ୍ପକାଳୀନ ଅଧିବେଶନକୁ ଶାନ୍ତିପୂର୍ଣ୍ଣ ଓ ସୁରୁଖୁରୁରେ ପରିଚାଳନା କରିବା ନିମନ୍ତେ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆଜି ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ଶ୍ରୀମତୀ ପାଢ଼ୀ ସବୁ ଦଳର ସହଯୋଗ ଲୋଡ଼ିଛନ୍ତି। ବୈଠକ ପରେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁସ୍ଥ ସଂସଦୀୟ ପରମ୍ପରା ରକ୍ଷା ଓ ଜନହିତକର ପ୍ରସଙ୍ଗରେ ଗଠନମୂଳକ ଓ ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ସମସ୍ତ ରାଜନୈତିକ ଦଳର ସକାରାତ୍ମକ ସହଯୋଗ ଲୋଡ଼ିଛନ୍ତି। ତାଙ୍କ ସରକାର ରାଜ୍ୟବାସୀଙ୍କ ସର୍ବାଙ୍ଗୀନ କଲ୍ୟାଣ ତଥା ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ସହମତି ଏବଂ ସହଯୋଗ ଭିତ୍ତିରେ କାର୍ଯ୍ୟ କରିବାକୁ ଦୃଢ଼ ପ୍ରତିବଦ୍ଧ ବୋଲି କହିଛନ୍ତି। ସେହିପରି ସରକାରଙ୍କ ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସ୍ପଷ୍ଟ କରି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକରେ ବିଧାନସଭା ଅଧିବେଶନର ସୁପରିଚାଳନା ପାଇଁ ଆଲୋଚନା ହେଲା। ବିରୋଧୀ ଦଳ ଏମଏମଡିଆର ଆକ୍ଟ ସଂଶୋଧନର ପ୍ରସଙ୍ଗ ଉଠାଇଛନ୍ତି ତାହା ଉପରେ ବାଚସ୍ପତି ବିଚାର କରିବେ। ଯାହାବି ପ୍ରସଙ୍ଗ ବିରୋଧୀ ଦଳ ଉଠାଇବେ ଆମେ ଆଲୋଚନା ପାଇଁ ପ୍ରସ୍ତୁତ ଅଛୁ। ତେବେ ଅଧିବେଶନରେ କେଉଁ ବିଲ୍ ଆସିବ ସେସମ୍ପର୍କରେ ବିଧାନସଭାର କାର୍ଯ୍ୟ ପରାମର୍ଶଦାତା କମିଟି ବିଚାର କରିବେ। ଏବେସୁଦ୍ଧା ୬ଟି ବିଲର ନୋଟିସ୍ ଆସିଛି ବୋଲି ସେ ସୂଚନା ଦେଇଛନ୍ତି।

◆◆ପୃଷ୍ଠା ୭

## ଏସଆଇଆର ଚୂଡ଼ାନ୍ତ ଭୋଟର ତାଲିକା: ରାଜ୍ୟରେ ୩ କୋଟି ୧୬ ଲକ୍ଷ ଭୋଟର, ବାଦ୍ ପଡ଼ିଲେ ୨୦ ଲକ୍ଷ ଭୋଟର, ୫୮ ଲକ୍ଷ ମତଦାତାଙ୍କୁ ହୋଇଥିଲା ନୋଟିସ୍



ଭୁବନେଶ୍ୱର, ୨୧/୯ (ନି.ପ୍ର): ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସଆଇଆର-୨୦୨୬) ପ୍ରକ୍ରିୟା ଶେଷ ହେବା ପରେ ଆଜି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ରାଜ୍ୟରେ ମୋଟ ୨୦ ଲକ୍ଷ ୧୨ହଜାର ୫୫୭ଜଣ (୬.୦୩%) ଭୋଟର ଚୂଡ଼ାନ୍ତ ତାଲିକାରୁ ବାଦ୍ ପଡ଼ିଥିବାବେଳେ ଏବେ ରାଜ୍ୟରେ ମୋଟ ୩କୋଟି ୧୬ଲକ୍ଷ ୩୨ହଜାର ୭୫୪ଜଣ ଭୋଟର ରହିଛନ୍ତି। ଚଳିତ ଏସଆଇଆର ପ୍ରକ୍ରିୟାରେ ମୋଟ ପ୍ରାୟ ୫୮ଲକ୍ଷ ଭୋଟରଙ୍କୁ ନିର୍ବାଚନ କମିଶନ ନୋଟିସ୍ ଜାରି କରିଥିଲେ। ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ୍ ଗୋପାଳନଙ୍କ ଦ୍ୱାରା ଚୂଡ଼ାନ୍ତ ଭୋଟର ତାଲିକା ଜାରି ହୋଇଛି।

◆◆ପୃଷ୍ଠା ୭

## ପଶ୍ଚିମ ଏସିଆରେ ବଢୁଛି ଉତ୍ତେଜନା: ସାଉଦି ଉପରେ ମିସାଇଲ୍-ଡ୍ରୋନ୍ ମାଡ଼, ଇରାନର ଚେତାବନୀ

ନୂଆଦିଲ୍ଲୀ,୨୧/୯ : ପଶ୍ଚିମ ଏସିଆରେ ବଢୁଛି ଉତ୍ତେଜନା । ସାଉଦି ଆରବ ଉପରେ ହୁତୀ ବିଦ୍ରୋହୀଙ୍କ ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣ ପରେ ସ୍ଥିତି ଆହୁରି ଜଟିଳ ହୋଇଛି । ରାଜଧାନୀ ରିୟାଦ୍ ସମେତ ବିଭିନ୍ନ ସହରକୁ ଟାର୍ଗେଟ୍ କରି ମିସାଇଲ୍ ଓ ଡ୍ରୋନ୍ ମାଡ଼ କରାଯାଇଥିବା ସୂଚନା ମିଳିଛି ।

◆◆ପୃଷ୍ଠା ୭



# ବେଲାଣପୁର ବନ୍ୟା ଆଶ୍ରୟସ୍ଥଳୀରେ ସ୍ୱେଚ୍ଛାସେବୀ ମାନଙ୍କର ବିପର୍ଯ୍ୟୟ ପରିଚାଳନା ତାଲିମ ଉଦ୍‌ଯାପିତ

ବଡ଼ସାହି , ୨୧/୯ (ନି.ପ୍ର): ବଡ଼ସାହି ନିର୍ବାଚନ ମଣ୍ଡଳୀ ଅଧିନ ବତନଟୀ ବ୍ଲକ ଅନ୍ତର୍ଗତ ବେଲାଣପୁର ବନ୍ୟା ଆଶ୍ରୟସ୍ଥଳୀରେ ଓଡ଼ିଶା ରାଜ୍ୟ ଓ ମୟୂରଭଞ୍ଜ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହଯୋଗରେ ଗ୍ରାମ୍ୟ ସ୍ତରୀୟ ସ୍ୱେଚ୍ଛା ସେବୀ ବିପର୍ଯ୍ୟୟ ପରିଚାଳନା ତାଲିମ ଉଦଯାପିତ ହୋଇଅଛି । ଉକ୍ତ କାର୍ଯ୍ୟକ୍ରମକୁ ବେତନଟୀ ପଞ୍ଚାୟତ ସମିତି ଆୟୋଜନରେ ଓ ଫୋର୍ଡ ନାଖରା ସହଯୋଗ କରିଥିଲେ । ଉଦଯାପନୀ ଉତ୍ସବରେ ଫୋର୍ଡର ସମ୍ପାଦକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପଞ୍ଚାୟତ ଅଧିକାରିଣୀ ମଙ୍ଗଳ ମାଳତୀ ପ୍ରିୟା ମୁର୍ମୁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବରେ ପି. କେ. ହିତାଂଶୁ ଜେନା ଅତିରିକ୍ତ ତହସିଲଦାର ବେତନଟୀ, ସ୍ୱତନ୍ତ୍ର ଅତିଥି ଜଗବନ୍ଧୁ ମହାନ୍ତି ଜିଲ୍ଲା ପ୍ରକଳ୍ପ ଅଧିକାରୀ, ମୁଖ୍ୟ ବକ୍ତା ସୁବାଶ ଚନ୍ଦ୍ର ମହାପାତ୍ର ଅଧାପକ ବୈଶିଙ୍ଗା ମହାବିଦ୍ୟାଳୟ, ସମ୍ମାନନୀୟ ଅତିଥି ତିଲୋକେଶ୍ୱର ଦୂର୍ଗା ସମ୍ପାଦକ ବନ୍ୟା ଆଶ୍ରୟସ୍ଥଳୀ ଯୋଗ ଦେଇଥିଲେ । ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ଏବଂ ପ୍ରାଥମିକ ଉପଚାର ସମ୍ବନ୍ଧୀୟ ଜ୍ଞାନ କୌଶଳକୁ ମାଷ୍ଟର ଟ୍ରେନର କବିତା ଘଡେଇ, ଜୁଲିମଣି ବେହେରା ଓ ମାନସୀ ମିଶ୍ର ଥିଓରୀ ଓ ପ୍ରାକ୍ଟିକାଲ କରିବା ସହିତ ବିଭିନ୍ନ ପ୍ରଶ୍ନୋତ୍ତର ଓ ଖେଳ ମାଧ୍ୟମରେ ସ୍ୱେଚ୍ଛାସେବୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ସ୍ୱେଚ୍ଛାସେବୀ ମାନେ ବିପର୍ଯ୍ୟୟର ପୂର୍ବ ଓ ପରବର୍ତ୍ତୀ ସମୟରେ ସହଯୋଗ କଲେ ଜନସାଧାରଣଙ୍କର ଧନ ଜୀବନ ସୁରକ୍ଷିତ ରହିପାରିବ ଓ ସାମାନ୍ୟ କ୍ଷୟକ୍ଷତି ଆଶଙ୍କାକୁ ଦୂର କରାଯାଇପାରିବ ବୋଲି ଅତିଥିବୃନ୍ଦ ପରାମର୍ଶ ଦେଇଥିଲେ । ସ୍ୱେଚ୍ଛାସେବୀ ମାନଙ୍କୁ ପରୀକ୍ଷା କରାଯାଇ ଅତିଥିବୃନ୍ଦ ୩ ଜଣଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରିବା ସହିତ କେତେକ ସ୍ୱେଚ୍ଛାସେବୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ନାଖରା, ମଧୁନଣ୍ଡା ଓ ଦାରିହା ଗ୍ରାମର ୪୦ ଜଣ ଯୁବକ - ଯୁବତୀ ୧୨ ରୁ ୧୮ ସେପଟ୍ଟେମ୍ବର ୭ ଦିନ ଧରି ତାଲିମ ନେଇଥିଲେ । ଅତିଥି ବୃନ୍ଦ ସମସ୍ତଙ୍କୁ ତାଲିମ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଅତିଥିଙ୍କ ଦ୍ୱାରା ବନ୍ୟା ଆଶ୍ରୟସ୍ଥଳୀ ନିକଟରେ ବୃକ୍ଷ ରୋପଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଫୋର୍ଡ ଓ ବନ୍ୟା ଆଶ୍ରୟସ୍ଥଳୀ କମିଟିର ସଭ୍ୟ ମାନେ ସହଯୋଗ କରିଥିଲେ । ସର୍ବଶେଷରେ ଫୋର୍ଡର ଯୁଗ୍ମ ସମ୍ପାଦକ ଅଶୋକ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୮୧ବର୍ଷ ବୟସ୍କ 'ଅନାଦି'ଙ୍କୁ ମିଳୁଛି ୧ହଜାର ଟଙ୍କା ଭତ୍ତା

ଉଦଳା,୨୧/୦୯ (ନି.ପ୍ର): ଗୋପବନ୍ଧୁନଗର ବ୍ଲକର ଶିଳଘାଟି ପଂଚାୟତ ଅନ୍ତର୍ଗତ ହୁଡ଼ିସାହି ଗ୍ରାମର ବାସିନ୍ଦା ସ୍ୱର୍ଗତଃ ନୀଳ ନାଏକଙ୍କ ପୁତ୍ର ଅନାଦି ନାଏକ ଚଳିତ ବର୍ଷ ୮୧ ବର୍ଷ ବୟସରେ ପଦାର୍ପଣ କଲେ । ଆଧାର କାର୍ଡ଼ରେ ଉଲ୍ଲେଖ ଥିବା ଜନ୍ମତାରିଖ ଅନୁସାରେ ତାଙ୍କୁ ୮୧ବର୍ଷ ବୟସ ଛୁଇଁଥିବାର ଜଣାଯାଇଛି । ଏ ବାବଦରେ ଅନାଦି ନାଏକଙ୍କୁ ପଚାରିବାରୁ ସେ କହିଲେ, ବର୍ତ୍ତମାନ ତାଙ୍କର ବୟସ ୮୫ ବର୍ଷରୁ ଉର୍ଦ୍ଧ ହେବ । କିନ୍ତୁ ଆଧାର ଓ ଭୋଟ ପରିଚୟପତ୍ର ସବୁକିଛିରେ ବୟସ କମ୍ ଦର୍ଶାଯାଇଛି ଓ ମାସିକ ୧ହଜାର ଟଙ୍କା ଭତା ମିଳୁଛି । ୮୦ବର୍ଷ ବୟସରୁ ଉର୍ଦ୍ଧ ବ୍ୟକ୍ତିଙ୍କୁ ମାସିକ ୩ହଜାର ୫୦୦ ଟଙ୍କା ଭତା ପ୍ରଦାନ କରାଯାଉଛି ବୋଲି ସରକାର ଘୋଷଣା କରିଛନ୍ତି । ସରକାରୀ କାଗଜପତ୍ରରେ ଅନାଦିଙ୍କୁ ବୟସ ୮୧ବର୍ଷ ଛୁଇଁଯାଇଥିଲେ ମଧ ସେ ୩ହଜାର ୫୦୦ଟଙ୍କା ଭତା କାହିଁକି ପାଉ ନାହାଁନ୍ତି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି ଶୁଣୁନଥିବାର ଅନାଦି ଅଭିଯୋଗ କରିଛନ୍ତି । ସେହିପରି ଆବାସ ଯୋଜନାରେ ଘରଟିଏ ଯୋଗାଇ ଦେବାକୁ ସେ ଗୁହାରି ଜଣାଇଛନ୍ତି । ବିଭାଗୀୟ କର୍ତୃପକ୍ଷ ଏ ବାବଦରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବହୁ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି ।

# ଯାଜପୁର ଜିଲ୍ଲାରେ ଶ୍ରମିକ ରାଜ୍ୟ ବୀମା ନିଗମ ତରଫରୁ ପ୍ରସ୍ତାବିତ ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଦାବି

ଭୁବନେଶ୍ୱର,୨୧/୦୯ (ନି.ପ୍ର): ପ୍ରସ୍ତାବିତ ୧୦୦ ଶଯ୍ୟା ବିଶିଷ୍ଟ ଇଏସ୍‌ଆଇ ଡାକ୍ତରଖାନା, ଯାଜପୁର ରୋଡ ଧାମରା ରେଳପଥ ନିର୍ମାଣ, ଚଣ୍ଡିଖୋଲ ତୈଳ ବିଶୋଧନାଗାର ଏହାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଆଜି ଯାଜପୁର ରୋଡ ଠାରେ ଶ୍ରୀ ନିରଞ୍ଜନ ପରିଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ବୈଠକରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡ. ରାମଚନ୍ଦ୍ର ଖୁଂଟିଆ ଦାବୀ କରିଛନ୍ତି । ଅନ୍ୟପକ୍ଷରେ ଦୀର୍ଘଦିନ ଧରି ବନ୍ଦ ପଡିଥିବାମେସ୍କୋ କାରଖାନା ଚାଲୁ କରିବା,ମେସ୍କୋରୁ ଅବସର ପ୍ରାପ୍ତ ୩୦ଜଣ କର୍ମଚାରୀ ଓ ୧୫ ଜଣ ମୃତ କର୍ମଚାରୀଙ୍କ ସମସ୍ତ ପାଉଣା ପୈଠ କରିବା, ଟାଟା ଜିନ୍ଦଲ, ନିଳାଚଳ ଫେରୋକ୍ରମ ପ୍ଲାଂଟରେ କାର୍ଯ୍ୟ କରୁଥିବା ଠିକା ଶ୍ରମିକମାନଙ୍କୁ ଶ୍ରମ ଆଇନ ଅନୁଯାୟୀ ନିଯୁକ୍ତିପତ୍ର, ପରିଚୟ ପତ୍ର,ୱେଜ ସ୍ଲିପ୍‌ଦେବା, ପ୍ରୋଭିଡେଂଟ ଫଣ୍ଡ ଇଏସ୍‌ଆଇର ଭୁକ୍ତାନ ରସିଦ ଦେବା ପ୍ରତ୍ୟେକ ମାସ ଦରମା ୭ ତାରିଖ ପୂର୍ବରୁଦେବା ଏବଂ ସମସ୍ତ ଠିକା ଶ୍ରମିକମାନଙ୍କୁ ଅବସର ସମୟରେ ଗ୍ରାଚ୍ୟୁଇଟିଦେବା ଏବଂ ସର୍ବନିମ୍ନ ମଜୁରୀ ମାସକୁ ୨୬ ହଜାର ଟଙ୍କା ଦେବା ପାଇଁ ଦାବୀ କରି ପ୍ରସ୍ତାବ ଗୃହିତ ହୋଇଛି । ସୁକିନ୍ଦା ଅଂଚଳରେ ଖଣି ଉତୋଳନ ଓ ଶିଳ୍ପାୟନ ହେତୁ ଜଳ ବାୟୁ ଦୁଷିତ ହେବା ଫଳରେ କିଡ୍ନ ରୋଗ ଓ ଅନ୍ୟାନ୍ୟ ଶ୍ୱାସ ଜନିତ ରୋଗରେ ଅଧିକ ଲୋକ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରୁଥିବାରୁ ଯାଜପୁର ରୋଡ ସୁକିନ୍ଦା ଅଂଚଳରେ ପରିବେଶ ସୁରକ୍ଷା ପାଇଁ କଠୋର ପଦକ୍ଷେପ ନେବାଓ ପୂର୍ବ ପ୍ରସ୍ତାବିତ ଜିନ୍ଦଲ ଡାକ୍ତରଖାନାଛୋଟାପୁର ଠାରେ ନିର୍ମାଣ କରିବା ପାଇଁ ଦାବୀ କରାଯାଇଛି । ଯାଜପୁର ରୋଡ ଅଂଚଳରେ ଶିଳ୍ପପତିମାନଙ୍କର ମିଳିତ ଉଦ୍ୟମରେ ଏକ ଉଚ୍ଚମାନର ଇଞ୍ଜିନିୟରିଂ କଲେଜ ସ୍ଥାପନ କରିବା ପାଇଁ ଡ. ଖୁଂଟିଆ ଦାବୀ କରିଛନ୍ତି । ଆଗାମୀ ନଭେମ୍ବର ପ୍ରଥମ ସପ୍ତାହରେ ଜିଲ୍ଲା ସ୍ତରୀୟ ଅଧିବେଶନ କରିବା ପାଇଁ ନିଷ୍ପତି କରାଯାଇଛି । ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସଂଗଠନ ସମ୍ପାଦକ ସନ୍ତୋଷ ନନ୍ଦ, ସୁଧାନିଧି ମହାପାତ୍ର, ଦିନବନ୍ଧୁ ଖୁଂଟିଆ, ମାନସ କର, ମେସ୍କୋର ଗଣେଶ ନାୟକ, ରଞ୍ଜନ ନାୟକ, ନାରଣ ନାୟକ, ମଧୁସୁଦନ ଜେନା ରାଜକିଶୋର ଦାସ, ପରମାନନ୍ଦ ସେଠୀ, ଦୀନବନ୍ଧୁ ଖୁଂଟିଆ, ଭରତ ପରିଡା, ସୁକୁମାର ଦେଓ, ସାଗର ପରିଡା,ନିଳମଣି ମାଝୀ, ଜଗବନ୍ଧୁ ନାୟକ, ଅନୁପ ନାୟକ, ମଣି ଦେଓ, ତପନ ନାୟକ, ରବିନ୍ଦ୍ର ମାଝୀ, ପରକ୍ଷିତ ମଲ୍ଲିକ, ଜଗବନ୍ଧୁ ନାୟକ, ପଦ୍ମନାଭ ସ୍ୱାଇଁ, ସୁଭମ ବେହେରା, ପ୍ରଫୁଲ ଦାସ, ଶରତ ଖୁଂଟିଆ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଖଇରା ହାଇସ୍କୁଲରେ ବ୍ଲକସ୍ତରୀୟ ଗୀତା ଆବୃତି ପ୍ରତିଯୋଗିତା




ଖଇରା, ୨୧/୯ (ନି.ପ୍ର): ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ବାଲେଶ୍ୱର ଜିଲା ଅନ୍ତର୍ଗତ ପିଏମଶ୍ରୀ ଖଇରା ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ଗୀତାବୃତ୍ତି ପ୍ରତିଯୋଗିତା ରବିବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ଜିଲା ସଂଯୋଜକ ଅକ୍ଷୟ କୁମାର ପଣ୍ଡା ପୌରହିତ୍ୟ କରିଥିଲେ ।ପ୍ରଧାନଶିକ୍ଷୟତ୍ରୀ ସୁଜାତା ସାହୁ ଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ବ୍ରହ୍ମଣ ସମିତିର ସାଧାରଣ ସମ୍ପାଦକ ରମାକାନ୍ତ ଶତପଥି ଉକ୍ତ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଖଇରା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଗୀତାର ପ୍ରତ୍ୟେକଟି ଶବ୍ଦ ମଣିଷର ସାମାଜିକ ଚଳଣିପାଇଁ ନିତିଶିକ୍ଷା ପ୍ରଦାନ କରିଥାଏ ବୋଲି କହିଥିଲେ । ମୋଟ ୫୨ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବା ବେଳେ କୃତିପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବ୍ଲକ ସଂଯୋଜକ ପ୍ରଦ୍ୟୁମ୍ନ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


# କେନ୍ଦ୍ରାପଡ଼ାରେ ବିଜେପିର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

କେନ୍ଦ୍ରାପଡ଼ା,୨୧/୦୯ (ନି.ପ୍ର): କେନ୍ଦ୍ରାପଡ଼ା ଭାରତୀୟ ଜନତା ପାର୍ଟି ତରଫରୁ ସଂଗଠନକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ କରି ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ମଂଚାସିନ ଅତିଥିମାନଙ୍କ ମଧ୍ୟରେ, ଜିଲ୍ଲା ପ୍ରଭାରୀ ଅଶୋକ କୁମାର ମିଶ୍ର,ରାଜ୍ୟ ଉପସଭାପତି ବିଷ୍ଣୁ ଦାସ, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, କେନ୍ଦ୍ରାପଡ଼ା ବିଧାନ ସଭା ନେତ୍ରୀ ଗୀତାଞ୍ଜଳି ସେଠୀ, ତେଜେଶ୍ୱର ପରିଡା, କୃଷ୍ଣ ପଣ୍ଡା, ଲଳିତ ବେହେରା, ଅଲେଖ ଜେନା, ସୁନାକର ବେହେରା, କିଶୋର ପଣ୍ଡା, ଦୁର୍ଯ୍ୟାଧନ ସାହୁ, ଅମିତାଭ ସୁଆର ପ୍ରମୁଖ ନେତୃବୃନ୍ଦ, କାର୍ଯ୍ୟକର୍ତା ଏବଂ ଦଳୀୟ ପଦାଧିକାରୀମାନେ ଯୋଗଦେଇ ସାଂଗଠନିକ ସ୍ଥିତି ଓ ଆଗାମୀ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ବୈଠକର ମୁଖ୍ୟ ଆଲୋଚ୍ୟ ବିଷୟଗୁଡ଼ିକ ମଧ୍ୟରେ ଜିଲ୍ଲାରେସାଂଗଠନିକ ସୁଦୃଢ଼ୀକରଣ ନିମନ୍ତେ ତୃଣମୂଳ ସ୍ତରରେ ବୁଥ୍ କମିଟିକୁ ସକ୍ରିୟ କରିବା ଏବଂ ପ୍ରତ୍ୟେକ ପଂଚାୟତରେ ଶକ୍ତି କେନ୍ଦ୍ର ଓ ବୁଥ ସ୍ତରରେ ଦଳର ସ୍ଥିତିକୁ ଆହୁରି ମଜବୁତ କରିବା ପାଇଁ ନିଷ୍ପତି ନିଆଯାଇଛି। ଜନକଲ୍ୟାଣ ଯୋଜନାର ପ୍ରଚାର କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଓ ବିକାଶମୂଳକ ଯୋଜନାକୁ ଘରେ ଘରେ ପହଂଚାଇବା ଉପରେ ଗୁରୁତ୍ୱାରୋପ କରାଯାଇଛି। ସ୍ଥାନୀୟ ସମସ୍ୟା ସମାଧାନ: ଜିଲ୍ଲାର ବିଭିନ୍ନ ଜନସାଧାରଣଙ୍କ ସମସ୍ୟା ଉପରେ ଦୃଷ୍ଟି ଦେଇ ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ କାର୍ଯ୍ୟକର୍ତାମାନଙ୍କୁ ସକ୍ରିୟ ରହିବାକୁ ଆହ୍ୱାନ ଦିଆଯାଇଛି। ଶେଷ ସତ୍ରରେ ଓଡ଼ିଶା ସରକାରଙ୍କ ମାନ୍ୟବର ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ମାନ୍ୟବର ମହାକାଳପଡ଼ା ବିଧାୟକ ଡ ଦୁର୍ଗା ପ୍ରସନ୍ନ ନାୟକ ଓ ରାଜ୍ୟ ସମ୍ପାଦିକା ପୂର୍ଣ୍ଣିମା ନାୟକ ଯୋଗ ମଂଚାସୀନ ହୋଇ ଜିଲ୍ଲାରେ ଆଗାମୀ ଦିନରେ ଦଳ କିପରି ସୁଦୃଢ଼ ହେବ ସହ ଜନ କଲ୍ୟାଣକରୀ ଯୋଜନାଗୁଡ଼ିକ ଲୋକମାନଙ୍କ ପାଖରେ ପହଂଚି ପାରିବ। ଏହି ବିଷୟ ରେ ନେତୃବୃନ୍ଦ କାର୍ଯ୍ୟକର୍ତାମାନଙ୍କୁ ଦଳୀୟ ଶୃଙ୍ଖଳା ରକ୍ଷା କରି ଏକଜୁଟ ହୋଇ ସେବା ମନୋଭାବ ସହ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ। ସଭାରେ ସମସ୍ତ ମାର୍ଚ୍ଚ ସଭାପତି,ମଣ୍ଡଳ ସଭାପତି,ଜିଲ୍ଲା ରଘରମଙ୍କପ୍ରସଙ୍ଗର ମେମ୍ବର ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଉପସ୍ଥିତ ରହିଥିଲେ।

## ଫ୍ରେଣ୍ଡସିପ କ୍ଲବର ଗଣେଶ ମହୋତ୍ସବ ଉଦ୍‌ଘାଟିତ

ଭୁବନ,୨୧/୦୯ (ନି.ପ୍ର): ଭୁବନର ପ୍ରସିଦ୍ଧ ଗଣେଶ ପୂଜାରେ ଫ୍ରେଣ୍ଡସିପ କ୍ଲବ୍ ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଚଳିତ ବର୍ଷ ୧୨ ବର୍ଷ ପୂର୍ତ୍ତି ଉପଲକ୍ଷେ ବୃନ୍ଦାବନ ପ୍ରେମ ମନ୍ଦିର କରି ସାରା ରାଜ୍ୟରେ ଚର୍ଚ୍ଚାରେ ରହିଛି । ଶନିବାର ସନ୍ଧ୍ୟାରେ କ୍ଲବ୍ ର ଗଣେଶ ମହୋତ୍ସବ ଉଦଘାଟିତ ହୋଇଯାଇଛି। ସଭାପତି ଜୀବନ ଜ୍ୟୋତି ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପ ଜିଲ୍ଲାପାଳ ବିକାଶ କୁମାର ମହାନ୍ତି,ତହସିଲଦାର ଜ୍ୟୋତିରୂପା ଶତପଥୀ,ଭୁବନ ଥାନା ଆରକ୍ଷୀ ନିରୀକ୍ଷକ ରେଣୁବାଳା ସାହୁ ପ୍ରମୁଖ ଯୋଗଦେଇ ଫ୍ରେଣ୍ଡସିପ କ୍ଲବ୍ କୁ ଭୂୟସୀ ପ୍ରଶଂସା କରିଥିଲେ । ପରେ ଜାଭେଦ ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ସଂଗ୍ରାମୀଙ୍କ ପତ୍ନୀ ତଥା ଆଦର୍ଶ ନାରୀ ଉଷାରାଣୀ ମହାନ୍ତିଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ



ବାସୁଦେବପୁର ,୨୧/୦୯ (ନି.ପ୍ର): ବାସୁଦେବପୁର ସହରରେ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଅନିରୁଦ୍ଧ ମହାନ୍ତିଙ୍କ ଧର୍ମପତ୍ନୀ ତଥା ଆଦର୍ଶ ନାରୀ ଉଷାରାଣୀ ମହାନ୍ତିଙ୍କ ଏକା ଦଶାହ ଅବସରରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ସଭାରେ ବିଶିଷ୍ଟ ଶିକ୍ଷାବିତ୍ ଦୁଃଶାସନ ରାଉତ ସଭାପତିତ୍ୱ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ବାସୁଦେବପୁର ର୍ନିବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ, ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଶହୀଦ ତୀର୍ଥଯାତ୍ରୀ ସଂଘର ପ୍ରତିଷ୍ଠାତା ବୈଲୋଚନ ଜେନା, ଇଲେକ୍ଟ୍ରିକାଲ ବିଭାଗର ଅବସର ପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ବୀରେନ୍ଦ୍ର ବେହେରା, ଶିଳ୍ପପତି ଶୁଭେନ୍ଦୁ ଭୂଷଣ ବେହେରା, ଶିଳ୍ପପତି ମହେଶ ଦାସ, କବି ଭାଗୀରଥି ପଲେଇ, କାଞ୍ଚନ ପରିଡ଼ା, କବି ବିକାଶ କୁମାର ଶତପଥୀ,ଆଇନଜୀବୀ ତାରାକାନ୍ତ ଡାଙ୍ଗୁଆ, ବିଜେଡ଼ି ବ୍ଲକ୍ ସଭାପତି ଦୀନବନ୍ଧୁ ଦାସ, ବିଜେପିର ପୂର୍ବତନ ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ,ଶିକ୍ଷୟତ୍ରୀ ଲତିକା ସେଠୀ, ଶିକ୍ଷକ ସୁବ୍ରତ କୁମାର ଧଳ, ମହେଶ୍ୱର ଧଳ, ଆଦ୍ୟାଶା ଆଦିରୂପା ମହାନ୍ତି,ସମାଜସେବୀ ଟୁନା ସାମଲ, କବି ନିରଞ୍ଜନ ସେଠୀ, ଅଧ୍ୟାପକ ପ୍ରଭାତ କୁମାର ରାଉତ, ସମାଜ ସେବୀ ବିଜୟ ମହାନ୍ତି,ଅବସର ପ୍ରାପ୍ତ ଶିକ୍ଷକ ଜୟନ୍ତ ଦାସ, ଶାରଦା ପ୍ରସାଦ ମହାନ୍ତି, ଅଭିଷେକ ଅଭିନନ୍ଦନ ମହାନ୍ତି, ନିମାଇଁ ନାୟକ, ଅସିତା ଦାସ, ଶ୍ରୀକାନ୍ତ ବେହେରା, ଉମେଶ କୁମାର ଦାସ, ଆଦର୍ଶ ନାରୀ ଙ୍କ କନ୍ୟା କୃଷ୍ଣପ୍ରିୟା ମହାନ୍ତି, ହରପ୍ରିୟା ମହାନ୍ତି, ବିଷ୍ଣୁପ୍ରିୟା ମହାନ୍ତି, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ ର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଆଦର୍ଶ ନାରୀ ଉଷାରାଣୀ ମହାନ୍ତିଙ୍କ କର୍ମମୟ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଏହି ଉତ୍ସବରେ ସ୍ୱାଧୀନତା ସଂଗ୍ରାମୀ ଅନିରୁଦ୍ଧ ମହାନ୍ତି ଓ ଉଷାରାଣୀ ମହାନ୍ତିଙ୍କ ପୁତ୍ର ଅନନ୍ତ ନାରାୟଣ ମହାନ୍ତି, ଅମର ନାରାୟଣ ମହାନ୍ତି ଉତ୍ସ୍ୱ ପରିଚାଳନା କରିବାରେ ସହଯୋଗ କରିଥିଲେ। ସମସ୍ତେ ଉଷାରାଣୀ ମହାନ୍ତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ବାଢ଼ିଥିଲେ।

# ଲୁଣିଆ ଗୁଳିକାଣ୍ଡର ଅନ୍ତରାଳେ



ଧାମନଗର,୨୧/୦୯ (ନି.ପ୍ର): ୧୯୪୨ ସେପଟ୍ଟେମ୍ବର ୨୨ ତାରିଖରେ ତତ୍କାଳୀନ ବାଲେଶ୍ୱର ଜିଲ୍ଲା ଭଦ୍ରକ ସବ ଡିଭିଜନ ଅନ୍ତର୍ଗତ ଧାମନଗର ଥାନାର ଲୁଣିଆରେ ସଂଘଟିତ ଗୁଳିକାଣ୍ଡରେ ନଅ ଜଣ ସ୍ୱାଧୀନତା ସଂଗ୍ରାମୀ ନିହତ ହୋଇଥିଲେ ।ସେମାନେ ହେଲେ ନିଧି ମହାଳିକ,ଅଗଣି ସାହୁ,କୃଷ୍ଣ ମହାଳିକ ଗୋପୀନାଥ ଯେନା, ନବ କିଶୋର ନାୟକ,ଗୌରୀ ଯେନା,ଚିନ୍ତାମଣି ଦାସ,ଶଙ୍କର ବେହେରା ଓ ଶ୍ୟାମ ମହାଳିକ । ସେମାନଙ୍କ ଲୁହରେ ରକ୍ତ ରଂଜିତ ହୋଇଥିଲା ଲୁଣିଆ ।ଏହାର ଅନ୍ତରାଳରେ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନ ଥିଲା - ଦେଶ ମାତୃକାକୁ ସ୍ୱାଧୀନ କରିବା। ତାଙ୍କୁ ସହଯୋଗ କରିବାକୁ ଅଣ୍ଟା ଭିଡିଥିଲେ ଭଦ୍ରକ ମାଟିର ସଂଗ୍ରାମୀ ଡ.ହରେକୃଷ୍ଣ ମହତାବ,ସର୍ଦାର ମୁରଲୀଧର ପଣ୍ଡା,ନୀଳମଣୀ ରାଉତରାୟ, ଗୌରଚନ୍ଦ୍ର ମହାପାତ୍ର ମୁରଲୀଧର ଜେନା, ସଚ୍ଚିଦାନନ୍ଦ ପଣ୍ଡା ପ୍ରମୁଖ । ଆମ ଦେଶ ସ୍ୱାଧୀନ ହେବ। ଆମ ଦେଶର ଶାସନ ବ୍ୟବସ୍ଥା ଆମେ କରିବା, ଜମିଦାରୀ ଯିବ,ଅଯଥା କର ଦେବା ନାହିଁ ଇତ୍ୟାଦି ପ୍ରସ୍ତାବରେ ସ୍ୱତଃ ହୋଇଥିଲା ଜନ ସମାବେଶ । ଏ ଖବର ପାଇ ବାଲେଶ୍ୱରର ତତ୍କାଳୀନ ଏସ.ପି.ମେଜର ଫକ୍ସଙ୍କ ନିର୍ଦ୍ଦେଶରେ ଧାମନଗର ଥାନା ସବ ଇନିସ୍ପେକ୍ଟର ବଳରାମ ବେହେରାଙ୍କ ଫୌଜ ସଂଗ୍ରାମୀଙ୍କ ଉପରେ ଗୁଳି ଚଳାଇ ଥିଲେ। ଇତି ପୂର୍ବରୁ ସଂଗ୍ରାମୀମାନେ ଭଣ୍ଡାରିପୋଖରୀ ଥାନା ପୋଡ଼ି ଦେଇଥିଲେ। ଓଡ଼ିଶାର ତତକାଳିନ ମୁଖ୍ୟମନ୍ତ୍ରୀ ନବ କୃଷ୍ଣ ଚୌଧୁରୀ ଏଠାକୁ ଆସି ଥିଲେ ଓ ଏ ସ୍ଥାନର ନାମ ସହିଦ ନଗର ଘୋଷଣା କରିଥିଲେ ।ଆଜି ତାର ୮୪ତମ ସ୍ମୃତି ଦିବସ । ଏହି ଐତିହାସିକ ପୀଠରେ ସଂଗ୍ରାମୀଙ୍କୁ ଶତ ଶତ ଶ୍ରଦ୍ଧାଞ୍ଜଳି ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ଅବସର ଗ୍ରହଣ କରୁଥିବା କର୍ମଚାରୀଙ୍କ ଜୀବନସାଥୀମାନଙ୍କ ପାଇଁ ପରାମର୍ଶ କର୍ମଶାଳା 'ରୋଷନୀ- ସକ୍ଷମ ସାଥୀ' ଆୟୋଜିତ




ରାଉରକେଲା,୨୧/୦୯ (ନି.ପ୍ର): ଅକ୍ଟୋବରରୁ ଡିସେମ୍ବର ୨୦୨୬ ମଧ୍ୟରେ ଅବସର ଗ୍ରହଣ କରୁଥିବା କର୍ମଚାରୀଙ୍କ ଜୀବନସାଥୀମାନଙ୍କ ପାଇଁ ୧୯ ସେପ୍ଟେମ୍ବର, ୨୦୨୬ ରେ ସିଭିକ୍ ସେଣ୍ଟରଠାରେ 'ରୋଷନୀ-ସକ୍ଷମ ସାଥୀ' ନାମକ ଏକ ପରାମର୍ଶ କର୍ମଶାଳା ଆୟୋଜିତ ହୋଇଯାଇଛି। ସେବା ବିଭାଗର ଭାରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ଏ. ସି. ସରକାର ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମାନବ ସମ୍ବଳ ବିଭାଗର ଭାରପ୍ରାପ୍ତ ମହାପ୍ରବନ୍ଧକ ଶ୍ରୀ ସଞ୍ଜୟ ମେହରୋତ୍ରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବକ୍ତବ୍ୟ ରଖି ଶ୍ରୀ ସରକାର ଅବସର ଗ୍ରହଣ କରୁଥିବା କର୍ମଚାରୀମାନଙ୍କୁ ସହଯୋଗ କରିବା ଏବଂ ସେମାନଙ୍କ ସହ ସହାନୁଭୂତି ରଖିବା ପାଇଁ ଜୀବନସାଥୀମାନଙ୍କୁ ଉତ୍ସାହିତ କରିଥିଲେ, ଯାହା ଦ୍ୱାରା ସେମାନେ ଅବସର ପରବର୍ତ୍ତୀ ଜୀବନର ପରିବର୍ତ୍ତନଗୁଡ଼ିକୁ ସହଜ ଏବଂ ସକାରାତ୍ମକ ଭାବରେ ଆପଣେଇ ପାରିବେ। 'ଅବସର ପରେ ଜୀବନର ଏକ ନୂତନ ପର୍ଯ୍ୟାୟକୁ ସହଜ ପରିବର୍ତ୍ତନ ପାଇଁ ମାନସିକତା' ଶୀର୍ଷକ ଏକ ସେସନ୍ ସିପି-୨ ର ସହକାରୀ ମହାପ୍ରବନ୍ଧକ ଶ୍ରୀ ବି. ନାହାକଙ୍କ ଦ୍ୱାରା ପରିଚାଳିତ ହୋଇଥିବା ବେଳେ ଏଫ୍ ଆଣ୍ଡ ଏ ର ସହକାରୀ ମହାପ୍ରବନ୍ଧକ ଶ୍ରୀ ପପୁ କୁମାର ଆର୍ଥିକ ସୁରକ୍ଷା ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଉଦ୍ୟାନ କୃଷି ବିଭାଗର ଉପ-ମହାପ୍ରବନ୍ଧକ ଶ୍ରୀ ଟି. ବି. ଟପ୍ପୋ ଅବସର ପରବର୍ତ୍ତୀ ନିୟୋଜନ ଉପରେ ପରାମର୍ଶ ସେୟାର କରିଥିଲେ ଏବଂ ଓଏଚ୍‌ଏସ୍‌ସି ର ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଏସ୍. କୁମାର 'ଏକ ଅର୍ଥପୂର୍ଣ୍ଣ ଜୀବନ ପାଇଁ ଉତ୍ତମ ସ୍ୱାସ୍ଥ୍ୟ, କଲ୍ୟାଣ ଏବଂ ସମଗ୍ର ସାମଗ୍ରିକ ଦୃଷ୍ଟିକୋଣ ନିଶ୍ଚିତ କରିବା' ବିଷୟରେ କହିଥିଲେ। ମାନବ ସମ୍ବଳ ବିଭାଗର ସହକାରୀ ପ୍ରବନ୍ଧକ ଶ୍ରୀ ଏସ୍. ପି. ମାଝୀ ଉପସ୍ଥିତ ଶ୍ରୋତାମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ମାନବ ସମ୍ବଳ (ଇଆର ଆଣ୍ଡ ସି) ଟିମ୍‌ର ସହଯୋଗରେ ଏବଂ ସହକାରୀ ମହାପ୍ରବନ୍ଧକ (ମାନବ ସମ୍ବଳ) ଶ୍ରୀ ଅବିନାଶଙ୍କ ମାର୍ଗଦର୍ଶନରେ ମାନବ ସମ୍ବଳ ବିଭାଗର ଉପ-ପ୍ରବନ୍ଧକ ଶ୍ରୀ ଏସ୍. ସି. ନାୟକଙ୍କ ଦ୍ୱାରା ଏହି କର୍ମଶାଳା ସଂଚାଳିତ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଅବସର ଗ୍ରହଣ କରିବାକୁ ଥିବା କର୍ମଚାରୀଙ୍କ ଜୀବନସାଥୀମାନଙ୍କୁ ସାମିଲ କରି ଏହି କର୍ମଶାଳା ନିୟମିତ ବ୍ୟବଧାନରେ ଆୟୋଜନ କରାଯାଉଛି।

# ୨୨୦୩ ବିଦ୍ୟାଳୟରେ ଉଲ୍ଲାସ ଏଫ୍‌ଏଲ୍‌ଏନ୍‌ଏଟି ପରୀକ୍ଷା ପ୍ରାୟ ୪୫ ହଜାର ନବସାକ୍ଷର ପରୀକ୍ଷାର୍ଥୀଙ୍କ ଉତ୍ସାହଜନକ ଅଂଶଗ୍ରହଣ

ବଲାଙ୍ଗୀର,୨୧/୦୯ (ନି.ପ୍ର): ଜିଲ୍ଲାରେ ଉଲ୍ଲାସ ଅଭିଯାନ ଅଧିନରେ ଏଫ୍‌ଏଲ୍‌ଏନ୍‌ଏଟି (ଫାଉଣ୍ଡେସେନାଲ ଲିଟରେସି ଆଣ୍ଡ ନ୍ୟୁମେରସି ଏସେସମେଂଟ ଟେଷ୍ଟ)-୨୦୨୬ ପରୀକ୍ଷା ସୁଚାରୁ ରୂପେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ମୋଟ ୨୨୦୩ଟି ବିଦ୍ୟାଳୟରେ ଏହି ପରୀକ୍ଷା ଆୟୋଜିତ ହୋଇଥିବାବେଳେ ପ୍ରାୟ ୪୫ ହଜାର ନବସାକ୍ଷର ଏଥିରେ ଅଂଶଗ୍ରହଣ କରିଥିଲେ। ପରୀକ୍ଷାର ସୁପରିଚାଳନା ଓ ବ୍ୟବସ୍ଥାପନା ତଦାରଖ କରିବା ପାଇଁ ଜିଲ୍ଲା ଶିକ୍ଷାଧିକାରୀ(ଡିଇଓ) ସୁଧାଂଶୁ ଶେଖର ମିଶ୍ର ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ସେହିପରି ଜିଲ୍ଲାର ତିନିଜଣ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ(ଏଡିଇଓ) ପ୍ରବୀର କୁମାର ପଣ୍ଡା, ରୀନା କୁମାରୀ ବେହେରା ଓ ସେବାଶ୍ରୀ ଭୋଇ ମଧ ବିଭିନ୍ନ କେନ୍ଦ୍ର ପରିଦର୍ଶନ କରି ପରୀକ୍ଷାର ବ୍ୟବସ୍ଥା ଓ ପରିଚାଳନା ଅନୁଧ୍ୟାନ କରିଥିଲେ। ପରୀକ୍ଷାକୁ ସୁଚାରୁ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାରେ ଜିଲ୍ଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ, ସାଧନକର୍ମୀ, ଧନ୍ଦାମୂଳକ ଶିକ୍ଷକ, ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ ଏବଂ ନୋଡାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷକମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏଥିସହିତ ସର୍ଭେୟର, ସ୍ୱେଚ୍ଛାସେବୀ ଓ ଅନ୍ୟାନ୍ୟ ଶିକ୍ଷକମାନେ ମଧ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ। ଜିଲ୍ଲାର ଦୂରଦୂରାନ୍ତ ଅଂଚଳରୁ ନବସାକ୍ଷରମାନେ ପରୀକ୍ଷା କେନ୍ଦ୍ରରେ ପହଂଚି ଉତ୍ସାହର ସହିତ ପରୀକ୍ଷା ଦେଇଥିଲେ। ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତାର ମୂଲ୍ୟାୟନ ସହିତ ନବସାକ୍ଷରମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ଓ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ଏହି ପରୀକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମତପ୍ରକାଶ ପାଇଛି। ସମସ୍ତଙ୍କ ସମନ୍ୱିତ ପ୍ରୟାସ ଯୋଗୁଁ ଜିଲ୍ଲାରେ ଉଲ୍ଲାସ ଏଫ୍‌ଏଲ୍‌ଏନ୍‌ଏଟି–୨୦୨୬ ପରୀକ୍ଷା ଶାନ୍ତିଶୃଙ୍ଖଳା ଓ ସଫଳତାର ସହ ସମ୍ପନ୍ନ ହୋଇଥିଲା।

## ଧନିଆ ଖାଆନ୍ତୁ: ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ପାଆନ୍ତୁ

ଧନିଆ ଭାରତୀୟ ଖାଦ୍ୟରେ ସବୁଠାରୁ ସାଧାରଣ ଏବଂ ଲୋକପ୍ରିୟ ମସଲା ମଧ୍ୟରୁ ଗୋଟିଏ । ଏହା ପନିପରିବା, ଡାଲି, କିମ୍ବା ଚଟଣି ହେଉ, ଏହାର ସୁଗନ୍ଧ ଏବଂ ସ୍ୱାଦ ପ୍ରତ୍ୟେକ ଖାଦ୍ୟକୁ ବୃଦ୍ଧି କରିଥାଏ । କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ଏହା କେବଳ ସ୍ୱାଦ ବୃଦ୍ଧି କରିବା ପାଇଁ ନୁହେଁ, ବରଂ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଅତ୍ୟନ୍ତ ଲାଭଦାୟକ ? ହଁ, ସବୁଜ ଧନିଆ ପତ୍ର ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ହୋଇପାରେ। ଏହା କେବଳ ଆମର ମତ ନୁହେଁ, ବରଂ ଆଚାର୍ଯ୍ୟ ବାଲକୃଷ୍ଣଙ୍କ ମଧ୍ୟ ଏହା କୁହନ୍ତି । ଆଚାର୍ଯ୍ୟ ବାଲକୃଷ୍ଣଙ୍କ ଅନୁସାରେ, ଧନିଆରେ ଅନେକ ଲୁକ୍କାୟିତ ଗୁଣ ଅଛି ଯାହା ଶରୀର ଏବଂ ମନ ଉଭୟ ପାଇଁ ଲାଭଦାୟକ । ସେ କରିଥିଲେ ଯେ ଧନିଆ ପାଚନ ପ୍ରକ୍ରିୟାକୁ ଉନ୍ନତ କରେ, ମେଟାବୋଲିଜିମକୁ ସକ୍ରିୟ କରେ ଏବଂ ଶରୀରରୁ କ୍ଷତିକାରକ ପଦାର୍ଥକୁ ବାହାର କରିବାରେ ସାହାଯ୍ୟ କରେ । ଏହା ବ୍ୟତୀତ, ଏହା ହୃଦୟ ସ୍ୱାସ୍ଥ୍ୟ ବଜାୟ ରଖିବା, ପ୍ରଦାହ ହ୍ରାସ କରିବା ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ମଧ୍ୟ ସହାୟକ । ଧନିଆ କେବଳ ଏକ ସ୍ୱାଦିଷ୍ଟ ମସଲା ନୁହେଁ, ଏହା ଆମ ସ୍ୱାସ୍ଥ୍ୟ ପାଇଁ ଏକ ଉତ୍କୃଷ୍ଟ ଅସ୍ତ୍ର ମଧ୍ୟ। ଏହାକୁ ଆପଣଙ୍କ ଦୈନନ୍ଦିନ ଖାଦ୍ୟରେ ସାମିଲ କରିବା ଯେକୌଣସି ସମୟରେ ଲାଭଦାୟକ ସାବ୍ୟସ୍ତ ହୋଇପାରେ।



ପେଟ ଏବଂ ପାଚନ ପାଇଁ ଲାଭଦାୟକ: ଧନିଆ ପାଚନକୁ ଉନ୍ନତ କରେ ଏବଂ ପେଟ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରେ । ଯଦି ଆପଣ ପେଟ ଫୁଲିବା, ଗ୍ୟାସ୍ କିମ୍ବା ଏସିଡିଟିରେ ପୀଡିତ, ତେବେ ନିୟମିତ ଧନିଆ ବ୍ୟବହାର ବହୁତ ଲାଭଦାୟକ ପ୍ରମାଣିତ ହୁଏ । ପତ୍ରର ରସ କିମ୍ବା ଧନିଆ ପାଉଡର ସେବନ ପେଟକୁ ହାଲୁକା ରଖିବା ଏବଂ ପାଚନ ଶକ୍ତିକୁ ଉନ୍ନତ କରିବାରେ ସାହାଯ୍ୟ କରେ । ଧନିଆ କେବଳ ହଜମ ପାଇଁ ଲାଭଦାୟକ ନୁହେଁ, ଏହା ଗଳା ଏବଂ କାଶରୁ ମୁକ୍ତି ଦେବାରେ ମଧ୍ୟ ସାହାଯ୍ୟ କରେ । ଧନିଆ ପତ୍ର କିମ୍ବା ରସର ଏକ ଛୋଟ ମାତ୍ରା ପିଲାମାନଙ୍କ କାଶରୁ ମୁକ୍ତି ଦେଇପାରେ। ଏହା ଗଳା ଯନ୍ତ୍ରଣା ଏବଂ ଘା' ହେବା ଚିକିତ୍ସାରେ ମଧ୍ୟ ପ୍ରଭାବଶାଳୀ । ଧନିଆ ପାଉଡରକୁ ପାଣିରେ ମିଶାଇ ପିଇବା ଦ୍ୱାରା ମୁଣ୍ଡବିନ୍ଧା ଏବଂ ଗରମଜନିତ ଅସୁବିଧାରୁ ମୁକ୍ତି ମିଳିଥାଏ । ଧନିଆର ବ୍ୟବହାର ଦ୍ୱାରା ଆଣ୍ଠୁଗଣ୍ଠି ଏବଂ ଋତୁଶ୍ରାବ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ ।

## ଆଖିରୁ ଜାଣନ୍ତୁ ମଧୁମେହ ଏବଂ କୋଲେଷ୍ଟ୍ରଲର ଲକ୍ଷଣ : ପରୀକ୍ଷା ନକରି କରନ୍ତୁ ଚିହ୍ନଟ

ଆଖିକୁ ଶରୀରର ଦର୍ପଣ କୁହାଯାଏ । କେବଳ ଦୁନିଆକୁ ଦେଖିବା ପାଇଁ ନୁହେଁ, ବରଂ ଶରୀର ଭିତରେ କେଉଁ ରୋଗ ପାଦ ଥାପୁଛି, ତାହା ମଧ୍ୟ ଆଖି ମାଧ୍ୟମରେ ଜାଣିହୁଏ । ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ ଡାଇବେଟିସ୍ ଏବଂ ହାଇ କୋଲେଷ୍ଟ୍ରଲ୍ ଏକ ସାଧାରଣ ସମସ୍ୟା ପାଲଟିଛି । ଅନେକ ସମୟରେ ରକ୍ତ ପରୀକ୍ଷା କରିବା ପୂର୍ବରୁ ଆମ ଆଖି କିଛି ସ୍ୱତନ୍ତ୍ର ସଙ୍କେତ ଦେଇଥାଏ, ଯାହାକୁ ଆମେ ଜାଣିବା ନିହାତି ଜରୁରୀ।



୧. ଆଖିରୁ କୋଲେଷ୍ଟ୍ରଲ୍ ବଢ଼ିବାର ସଙ୍କେତ

ଯେତେବେଳେ ଶରୀରରେ ଖରାପ କୋଲେଷ୍ଟ୍ରଲ୍ ର ମାତ୍ରା ବଢ଼ିଯାଏ, ଏହା ରକ୍ତନଳୀରେ ଜମା ହେବାକୁ ଲାଗେ। ଏହାର ପ୍ରଭାବ ଆଖିରେ ମଧ୍ୟ ଦେଖାଯାଏ:

କର୍ଣ୍ଣିଆ ଚାରିପଟେ ଧଳା ବଳୟ : ଯଦି ଆପଣଙ୍କ ଆଖିର କଳା ଡୋଳା ବା କର୍ଣ୍ଣିଆର ଚାରିପଟେ ଧଳା, ପାଉଁଶିଆ କିମ୍ବା ନୀଳ ରଙ୍ଗର ଏକ ଗୋଲାକାର ବଳୟ ଦେଖାଯାଉଛି, ତେବେ ଏହା ହାଇ କୋଲେଷ୍ଟ୍ରଲ୍ର ଏକ ପ୍ରମୁଖ ସଙ୍କେତ । ଏହା ଚର୍ବି ଜମା ହେବା କାରଣରୁ ହୋଇଥାଏ।

ଆଖି ପତା ଉପରେ ହଳଦିଆ ଦାଗ: ଆଖିର ଉପର କିମ୍ବା ତଳ ପତା ପାଖରେ ଛୋଟ ଛୋଟ ହଳଦିଆ ରଙ୍ଗର ମାଂସଳ ପେଣ୍ଡୁଲା ବା ଦାଗ ଦେଖାଯିବା। ଏଥିରେ ଯନ୍ତ୍ରଣା ହୁଏନାହିଁ, କିନ୍ତୁ ଏହା ଶରୀରରେ ବଢୁଥିବା ଚର୍ବି ବା କୋଲେଷ୍ଟ୍ରଲ୍ର ସ୍ୱଷ୍ଟ ପ୍ରମାଣ।

ଦୃଷ୍ଟିଶକ୍ତି ହଠାତ୍ କମିଯିବା: କୋଲେଷ୍ଟ୍ରଲ୍ କାରଣରୁ ଆଖିକୁ ରକ୍ତ ଯୋଗାଉଥିବା ନଳୀରେ ବାଧା ସୃଷ୍ଟି ହୋଇପାରେ, ଯାହାକୁ 'ରେଟିନାଲ୍ ଆର୍ଟେରୀ ଅକ୍ଲୁଜନ' କୁହାଯାଏ। ଏହା ଦ୍ୱାରା ଜଣେ ବ୍ୟକ୍ତି ହଠାତ୍ ଦେଖିବାରେ ଅସୁବିଧା ଅନୁଭବ କରେ ।

୨. ଆଖିରୁ ଡାଇବେଟିସ୍ର ସଙ୍କେତ

ରକ୍ତରେ ଶର୍କରା ବା ସୁଗାରର ମାତ୍ରା ବଢ଼ିଲେ ଏହା ଆଖିର ସୂକ୍ଷ୍ମ ରକ୍ତନଳୀଗୁଡ଼ିକୁ ନଷ୍ଟ କରିଦିଏ । ଏହାକୁ 'ଡାଇବେଟିକ୍ ରେଟିନୋପାଥି' କୁହାଯାଏ।

ଝାପ୍ସା ଦେଖାଯିବା : ଯଦି ଆପଣଙ୍କୁ ହଠାତ୍ ସବୁକିଛି ଝାପ୍ସା ଦେଖାଯାଉଛି, ତେବେ ଏହା ବଢୁଥିବା ସୁଗାରର ଲକ୍ଷଣ ହୋଇପାରେ । ରକ୍ତରେ ସୁଗାର ବଢ଼ିଲେ ଆଖିର ଲେନ୍ସ ଫୁଲିଯାଏ, ଯାହା ଫଳରେ ଦୃଷ୍ଟିଶକ୍ତି ଅସ୍ୱଷ୍ଟ ହୋଇଯାଏ ।

ଆଖି ଆଗରେ କଳା ଦାଗ ଉଡ଼ିବା : ଅନେକ ସମୟରେ ଡାଇବେଟିସ୍ ରୋଗୀଙ୍କୁ ଆଖି ଆଗରେ ଛୋଟ ଛୋଟ କଳା ଦାଗ, ବିନ୍ଦୁ କିମ୍ବା ବୁଢ଼ିଆଣି ଜାଲ ଭଳି କିଛି ଉଡୁଥିବାର ଦେଖାଯାଏ । ଏହା ରେଟିନାରୁ ରକ୍ତସ୍ରାବ ହେବାର ସଙ୍କେତ ହୋଇପାରେ ।

ରଙ୍ଗ ଚିହ୍ନିବାରେ ଅସୁବିଧା: ସୁଗାର ବହୁତ ଦିନ ଧରି ଅଧିକ ରହିଲେ ବ୍ୟକ୍ତି ରଙ୍ଗ ଚିହ୍ନିବାର କ୍ଷମତା ହରାଇବାକୁ ଲାଗେ। ବିଶେଷ କରି ନୀଳ ଏବଂ ହଳଦିଆ ରଙ୍ଗ ମଧ୍ୟରେ ପାର୍ଥକ୍ୟ ବୁଝିବା କଷ୍ଟକର ହୁଏ।

ରାତିରେ ଦେଖିବାରେ କଷ୍ଟ: ମଧୁମେହ କାରଣରୁ ଆଖିର ଦୃଷ୍ଟିଶକ୍ତି ଦୁର୍ବଳ ହୋଇଯାଏ, ଯାହାଫଳରେ ଅଳ୍ପ ଆଲୁଅରେ କିମ୍ବା ରାତିରେ କୌଣସି ଜିନିଷ ସଠିକ୍ ଭାବେ ଦେଖାଯାଏ ନାହିଁ।

କ'ଣ କରିବା ଉଚିତ୍: ଯଦି ଆପଣଙ୍କ ଆଖିରେ ଏହିଭଳି କୌଣସି ପରିବର୍ତ୍ତନ ଦେଖାଯାଉଛି, ତେବେ ତାକୁ ନଜରଅନ୍ଦାଜ କରନ୍ତୁ ନାହିଁ । ଜଣେ ଚକ୍ଷୁ ବିଶେଷଜ୍ଞଙ୍କୁ ଦେଖାଇବା ସହ ନିଜର ବ୍ଲଡ୍ ସୁଗାର ଏବଂ ଲିପିଡ୍ ପ୍ରୋଫାଇଲ୍ (କୋଲେଷ୍ଟ୍ରଲ୍) ଟେଷ୍ଟ କରାଇ ନିଅନ୍ତୁ । ଆଖିରେ ଦେଖାଯାଉଥିବା ଏହି ସଙ୍କେତଗୁଡ଼ିକ ଶରୀରର ଆଭ୍ୟନ୍ତରୀଣ ସ୍ୱାସ୍ଥ୍ୟ ବିଷୟରେ ସୂଚନା ଦେଇଥାନ୍ତି। ସଠିକ୍ ସମୟରେ ଏହାକୁ ଚିହ୍ନଟ କରି ଚିକିତ୍ସା କଲେ ଆମେ ଭବିଷ୍ୟତରେ ଅନ୍ଧତ୍ୱ କିମ୍ବା ହୃଦଘାତ ଭଳି ବଡ଼ ବିପଦରୁ ରକ୍ଷା ପାଇପାରିବା । ମନେରଖନ୍ତୁ, ସଚେତନତା ହିଁ ସୁସ୍ଥ ଜୀବନର ଚାବିକାଠି ।




ପରିବା ବଜାରରେ ମଟର , ଫୁଲକୋବି , ଶିମ୍ବ ଏବଂ ମୂଳା ଭଳି ପରିବାର ଭାରି ଚାହିଦା । ବର୍ତ୍ତମାନ ପ୍ରତିଟି ପରିବା ଦୋକାନ ଦେଖିଲେ ଲାଗେ ଯେମିତି ସବୁଜ ପରିବାର ଭଣ୍ଡାର । ପାଟିକୁ ସୁଆଦ ଦେହକୁ ହିତକର ଏହି ପରିବା ଖାଇଲେ ଅନେକ ରୋଗ ମଧ୍ୟ ଦୂର ହେବା କଥା କୁହାଯାଏ । ଏହି ପରିବା ଭିତରୁ ମୂଳା ଅନ୍ୟତମ । ଖାଲି ମୂଳା କାହିଁକି ମୂଳା ସାଗ ମଧ୍ୟ ଶୀତ ଦିନରେ ଅଧିକ ସଂଖ୍ୟାରେ ଖିଆଯାଏ । ପୋଷକ ତତ୍ତ୍ୱରେ ଭରପୂର ମୂଳା ସାଗ ସ୍ୱାସ୍ଥ୍ୟ ପାଇଁ ଭାରି ଭଲ । ଏଥିରେ ଭିଟାମିନ୍, ଖଣିଜ ପଦାର୍ଥ, ଫାଇବର ଏବଂ ଆଣ୍ଟିଅକ୍ସିଡାଣ୍ଟ ଥାଏ । ମୂଳା ସାଗ ଖାଇବା ଖାଲି ପାଚନ, ଚର୍ମ ଏବଂ ହୃଦୟ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ନୁହେଁ ବରଂ ଏହା ବିଷାକ୍ତ ପଦାର୍ଥ ବାହାର କରି ଶରୀରକୁ ସଫା କରିବାରେ ମଧ୍ୟ ସାହାଯ୍ୟ କରେ । ଏଥିରେ ଥିବା ଫାଇବର ହଜମ କରାଏ ଏବଂ କୋଷ୍ଠକାଠିନ୍ୟ ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ । କ୍ୟାଲସିୟମ, ପୋଟାସିୟମ ଏବଂ ଆଇରନ ଭଳି ଖଣିଜ ପଦାର୍ଥ ଥିବାରୁ ହାଡ଼କୁ ମଜବୁତ କରିବାରେ ଏବଂ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ମୂଳା ପତ୍ର ଓଜନ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ କାରଣ ଏଥିରେ କ୍ୟାଲୋରୀ କମ୍ ଥାଏ ଏବଂ ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟ ଫୁଲ୍ ରଖିଥାଏ । ମୂଳା ସାଗ ଶରୀର ପାଇଁ ଏକ ବରଦାନ ସଦୃଶ କାରଣ ଯଦି ଆପଣ ଅର୍ଶରେ ପୀଡ଼ିତ ତେବେ ଏହି ପତ୍ରର ଔଷଧୀୟ ଗୁଣ ଅର୍ଶ ଲକ୍ଷଣରୁ ମୁକ୍ତି ଦେବାରେ ମଧ୍ୟ ସାହାଯ୍ୟ କରେ । ଏହି ପତ୍ରର ରସ ପାଚନ କ୍ରିୟାକୁ ଉନ୍ନତ କରିବା ସହ କୋଷ୍ଠକାଠିନ୍ୟ ହ୍ରାସ କରେ । ମୂଳା ପତ୍ରରେ ଥିବା କ୍ୟାଲସିୟମ ଏବଂ ଫସଫରସ୍ ହାଡ଼କୁ ମଜବୁତ କରେ ଏବଂ ହାଡ଼ ଭାଙ୍ଗିବାର ଆଶଙ୍କା ହ୍ରାସ କରେ । କ୍ୟାଲୋରୀ କମ୍ କିନ୍ତୁ ଫାଇବର ଏବଂ ଜଳୀୟ ଅଂଶ ଅଧିକ ଥିବାରୁ ଏହା ଲମ୍ବା ସମୟ ପର୍ଯ୍ୟନ୍ତ ପେଟକୁ ଫୁଲ୍ ରଖେ ଯାହାକୁ ଖାଇଲେ ଶୀଘ୍ର ଭୋକ ଲାଗେନି ଏବଂ ଓଜନ ମଧ୍ୟ ହ୍ରାସ ହୋଇଥାଏ । ମୂଳା ପତ୍ରରେ ପ୍ରଦାହ-ରୋଧୀ ଗୁଣ ଥାଏ, ଯାହା ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ଦେବାରେ ସାହାଯ୍ୟ କରେ । ଏଥିରେ ଭିଟାମିନ୍ ସି ଏବଂ ଅନ୍ୟାନ୍ୟ ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ଥିବାରୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଜବୁତ ହୋଇଥାଏ ଏବଂ ଚର୍ମକୁ ମଧ୍ୟ ଏହା ଚମକ ଦେଇଥାଏ । ଏହି ପତ୍ରରେ ପଟାସିୟମ ଏବଂ କ୍ୟାଲସିୟମ ଭଲ ପରିମାଣରେ ଥାଏ, ଯାହା ହୃଦୟ ପାଇଁ ଲାଭଦାୟକ । ମୂଳା ସାଗ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ ଏବଂ ହୃଦରୋଗର ଆଶଙ୍କା ହ୍ରାସ କରେ । ଏହା ଯକୃତ ଏବଂ ବୃକକ୍ ପାଇଁ ମଧ୍ୟ ଭାରି ଭଲ । ଏହି ସାଗକୁ ଖାଇବା ଦ୍ୱାରା ରକ୍ତ ଶର୍କରା ସ୍ତର ନିୟନ୍ତ୍ରଣ ହୋଇଥାଏ । ମଧୁମେହ ରୋଗୀଙ୍କ ପାଇଁ ଏହା ଏକ ପ୍ରାକୃତିକ ଉପଚାର କାରଣ ରକ୍ତ ଶର୍କରା ସ୍ତରକୁ ସ୍ଥିର ରଖିବାରେ ସାହାଯ୍ୟ କରେ ।



## ଗ୍ୟାସ ବର୍ଣ୍ଣର ସଫା ନେଇ ଚିନ୍ତିତ କି ? ତେବେ ଆପଣାନ୍ତୁ ଘରୋଇ ଉପାୟ ...

ସବୁବେଳେ ଗ୍ୟାସରେ ରୋଷେଇ କରିବା ଫଳରେ ଗ୍ୟାସର ଚୁଲା ବା Gas Burner କଳା ପଡ଼ିଯାଇଥାଏ । ଏହାକୁ ସଫା କରିବାକୁ ମାର୍କେଟରେ ମିଳୁଥିବା ମହଙ୍ଗା ପ୍ରଡକ୍ଟର ଆବଶ୍ୟକତା ପଡିଥାଏ । କିନ୍ତୁ ସବୁ ସମୟରେ ମହଙ୍ଗା ପ୍ରଡକ୍ଟ ବ୍ୟବହାର କରିବା ସମସ୍ତଙ୍କ ପାଇଁ ସମ୍ଭ ବ ହୁଏ ନାହିଁ , ସେ ଘରୋଇ ହେଉ କି ହୋଟେଲ ସବୁଠି ଗ୍ୟାସ୍ ରେ ରୋଷେଇ ପରେ ସମସ୍ୟା ଦେଖାଯାଏ ସଫା କରିବା ନେଇ କାରଣ ଆମେ ରୋଷେଇ କରିବା ପରେ ସାଧାରଣ ଭାବରେ ଗୃହିଣୀ ମାନଙ୍କ ଚିନ୍ତା ବଢିଯାଏ ସଫା କରିବା ନେଇ ।



ମହଙ୍ଗା ଜିନିଷ ପରିବର୍ତ୍ତେ ଘରୋଇ ଉପଚାର ମାଧ୍ୟମରେ କମ୍ ଖର୍ଚ୍ଚରେ ଏବଂ ସହଜରେ ଆପଣ ଏହାକୁ ସଫା କରିପାରିବେ। ଏହି ଉପଚାର ମାଧ୍ୟମରେ ଆପଣଙ୍କ କଳା ପଡିଯାଇଥିବା ଗ୍ୟାସର ଚୁଲା ପୁରା ନୂଆ ଦିଶିବ। ଗ୍ୟାସ୍ ବର୍ନରରେ ଥିବା ଛୋଟ କଣାଗୁଡ଼ିକ ପ୍ରାୟତଃ ତେଲ, ମସଲା ଏବଂ ଧୂଳିରେ ଭର୍ତ୍ତି ହୋଇଯାଏ । ଏହା ଗ୍ୟାସ୍‌କୁ ଖରାପ କରିବା ସହ ନିଆଁ ଆଞ୍ଚକୁ କମ କରେ ଏବଂ ରୋଷେଇ ସମୟ ବୃଦ୍ଧି କରେ ।

ଏହା ସହିତ ଗ୍ୟାସ୍ ଅପଚୟ ମଧ୍ୟ ହୋଇଥାଏ। ଯଦି ମଇଳା ହୋଇଯାଇଥିବା ଗ୍ୟାସ୍ ଚୁଲାକୁ ସଫା କରିବା ଆପଣଙ୍କ ପାଇଁ କଷ୍ଟକର ହୋଇପଡୁଛି ତେବେ ଏହି ସହଜ ଘରୋଇ ଉପଚାର କରି ନିଜର ସମସ୍ୟା ଦୂର କରନ୍ତୁ। କାରଣ ଏହି ଟିପ୍ସ ଦ୍ୱାରା ମାତ୍ର କିଛି ମିନିଟ୍ ମଧ୍ୟରେ ଆପଣଙ୍କର ଗ୍ୟାସ ଚୁଲା ସଫା ହେବା ସହ ଚକ୍ ଚକ୍ ଦିଶିବ। ଆଉ ଆପଣ ବି କମ୍ ସମୟ ମଧ୍ୟରେ ଚିନ୍ତା ମୁକ୍ତ ହୋଇଯିବେ ।

ପ୍ରଥମେ ଦୁଇ ଗ୍ଲାସ ଉଷୁମ ପାଣିରେ ଏକ ଚାମଚ ଲେମ୍ବୁ ରସ ନଚେତ୍ ଭିନେଗାର ମିଶାଇ ଆଣ୍ଟାସିଡ୍ ପାଉଡର ନଚେତ୍ ଇନୋ ପାଉଡର ଆଣନ୍ତୁ ।

ଗ୍ୟାସ୍ ଚୁଲାକୁ ସଫା କରିବା ପାଇଁ, ପ୍ରଥମେ ଏକ ପାତ୍ରରେ ଦୁଇ ଗ୍ଲାସ ଉଷୁମ ପାଣି ଢାଳନ୍ତୁ। ଏହା ପରେ ଏଥିରେ ଲେମ୍ବୁ ରସ କିମ୍ବା ଧଳା ଭିନେଗାର ମିଶାନ୍ତୁ । କାରଣ ଲେମ୍ବୁ ବା ଭିନେଗାର ଉଭୟ ତେଲ ଲାଗି କଳା ହୋଇଯାଇଥିବା ଦାଗ ଛଡ଼ାଇବାରେ ସାହାଯ୍ୟ କରେ। ଲେମ୍ବୁ ବା ଭିନେଗାର ଉଷୁମ ପାଣିରେ ପକାଇ ସାରିବା ପରେ ସଫଳ କରିବାକୁ ଥିବା ବର୍ନର ସବୁକୁ ସେଥିରେ ପକାନ୍ତୁ।

ତା'ପରେ ଇନୋ ପାଉଡରକୁ ବର୍ନର ଉପରେ ଛିଞ୍ଚନ୍ତୁ ଏବଂ ଏହାକୁ ୫ମିନିଟ୍ ପାଇଁ ରଖନ୍ତୁ । ପାଞ୍ଚ ମିନିଟ୍ ପରେ, ବର୍ନରକୁ ବାହାର କରି ଏକ ନରମ ବ୍ରଶ୍ ସାହାଯ୍ୟରେ ଘଷି ଦିଅନ୍ତୁ। ଆପଣ ଦେଖିବେ ଯେ ମଇଳା ଆପେ ଆପେ ଛାଡ଼ିବା ଆରମ୍ଭ କରିବ। ଇନୋ ପାଉଡରରେ ମୁଖ୍ୟତଃ ସୋଡିୟମ୍ ବାଇକାର୍ବୋନେଟ୍ (ବେକିଙ୍ଗ ସୋଡା ଭାବରେ ମଧ୍ୟ ଜଣାଶୁଣା) ଏବଂ ସାଇଟ୍ରିକ୍ ଏସିଡ୍ ଥାଏ। ଲେମ୍ବୁ ରସ କିମ୍ବା ଭିନେଗାର ଏବଂ ଉଷୁମ ପାଣି ସହିତ ଏହାକୁ ମିଶ୍ରଣ କଲେ, ଏହା ଦ୍ରୁତ ଗତିରେ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ ଉତ୍ପାଦନ କରେ, ଯାହଳ ଗ୍ୟାସ୍ ସଫା କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେଣୁ ଏଭଳି ଉପାୟରେ ଆପଣ ଗ୍ୟାସ୍ ଚୁଲ୍ଲାକୁ ସଫା କରନ୍ତୁ।

## ସାବଧାନ: ତ୍ୱଚାକୁ ନଷ୍ଟ କରିଦେବ ଏହି ସବୁ ପାନୀୟ




ଆମେ ଦୈନନ୍ଦିନ ଜୀବନରେ ଏମିତି ଗୁଡ଼ାଏ ଖାଦ୍ୟ ଖାଇଥାଉ ଯାହାକି ଶରୀର ପାଇଁ ଖୁବ୍ କ୍ଷତିକାରକ ହୋଇଥାଏ। ଏମିତି ଅନେକ ଖାଦ୍ୟ ରହିଛି ଯାହା ଆମର ତ୍ୱଚାକୁ ରୁକ୍ଷ କରିଥାଏ। ଖାଦ୍ୟ ଖାଇବା ନେଇ ସତର୍କତା ଅବଲମ୍ବନ କଲେ ଆମେ କିଛି ମାତ୍ରାରେ ଆମ ତ୍ୱଚାର ଚମକ ବଜାୟ ରଖିପାରିବା।

ଅନେକ ଲୋକ ଭାବନ୍ତି ଜୁସ୍ ପିଇବା ଦ୍ୱାରା ତ୍ୱଚାର ଚମକ ବଢ଼ିଥାଏ। ଚମରେ ଉଜ୍ଜ୍ୱଳତା ଆସିଥାଏ। ମାତ୍ର ମନେ ରଖନ୍ତୁ ସିଧା ଫଳକୁ ରସ କରି ପିଇଲେ ଲାଭପ୍ରଦ ହୋଇଥାଏ। ମାତ୍ର ବଜାରରେ ଯେଉଁ ପ୍ୟାକେଟ ଜୁସ୍ ସବୁ ମିଳୁଛି ସେଥିରେ ଅତିରିକ୍ତ ପରିମାଣର ମିଠା ଭାଗ ରହିଥିବା ହେତୁ ତାହା ତ୍ୱଚା ପାଇଁ ହିତକାରକ ହୋଇନଥାଏ।

ସେହିପରି ଗାଇ ଛେନା ଅତ୍ୟନ୍ତ ସ୍ୱାଦିଷ୍ଟ ହୋଇଥିବାରୁ ତାହାକୁ ଲୋକେ ବିଭିନ୍ନ ଖାଦ୍ୟରେ ଖାଇଥାନ୍ତି। ମାତ୍ର ମନେ ରଖନ୍ତୁ ଏଥିରେ ତୈଳ ଭାଗ ରହୁଥିବା ହେତୁ ଏହା ବ୍ରଣର ବାହାରିବାର ପ୍ରମୁଖ କାରଣ ପାଲଟିଥାଏ। କଫି ଶରୀର ପାଇଁ ଅନେକ ଭଲ ହୋଇଥାଏ। ମାତ୍ର ଅତ୍ୟଧିକ କଫି ପିଇବା ଦ୍ୱାରା ଶରୀରୁ ଜଳ ଅଂଶ ହ୍ରାସ ପାଇଥାଏ। ଫଳରେ ତ୍ୱଚା ଉପରେ କୁପ୍ରଭାବ ପକାଇଥାଏ।

ଆପଣ ଯେତେ ବି ସ୍ୱାସ୍ଥ୍ୟକର ଖାଦ୍ୟ ଖାଆନ୍ତୁ ପଛେ ଯଦି ଆପଣ ବାରମ୍ବାର ଥଣ୍ଡା ପାନୀୟ ପିଉଛନ୍ତି ତେବେ ଏହା ତାହାର ପ୍ରଭାବ କମ୍ କରିଥାଏ। ସେହିପରି ମଦ୍ୟପାନ ରୁକ୍ଷ ତ୍ୱଚାର କାରଣ ହୋଇଥାଏ। ଏହା ଆପଣ ଜାଣିଥିବେ ନିଶ୍ଚୟ। ଆପଣ ନିଜ ଶରୀରର ଯେତେ ବି ଯତ୍ନ ନିଅନ୍ତୁ ପଛେ ଯଦି ଆଲ୍‌କହଲ ନେଉଛନ୍ତି ତେବେ ସବୁ ବୃଥା।



# ଡାଟା ସେଣ୍ଟରର ବୋଝ: ଏଆଇ ପ୍ରତିଯୋଗିତାରେ ବଳି ପଡୁଛି ପରିବେଶ

ବର୍ତ୍ତମାନ ସମୟରେ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ସମଗ୍ର ବିଶ୍ୱରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ଲାଗିଛି ଏବଂ ଆମାଜନ୍, ଗୁଗୁଲ୍ ଓ ମାଇକ୍ରୋସଫ୍ଟ ଭଳି ବୃହତ୍ ଟେକ୍ନୋଲୋଜି କମ୍ପାନୀଗୁଡ଼ିକ ଏହି କ୍ଷେତ୍ରରେ ନିଜର ଆଧିପତ୍ୟ ବିସ୍ତାର କରିବା ପାଇଁ ଏକ ତୀବ୍ର ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଛନ୍ତି । ମାତ୍ର ଏହି ବୈଷୟିକ ପ୍ରଗତିର ଏକ ଅନ୍ଧକାର ଦିଗ ମଧ ରହିଛି ଯାହା ଆମ ପରିବେଶ ଉପରେ ଗଭୀର ନକାରାତ୍ମକ ପ୍ରଭାବ ପକାଉଛି । ସାଧାରଣତଃ ଡିଜିଟାଲ୍ ଜ୍ଞାନକୌଶଳକୁ ଏକ ସ୍ୱଚ୍ଛ ଏବଂ ପ୍ରଦୂଷଣମୁକ୍ତ ବ୍ୟବସ୍ଥା ଭାବରେ ବିବେଚନା କରାଯାଉଥିବା ବେଳେ ବାସ୍ତବରେ ଏହା ବିପୁଳ ପରିମାଣର ଶକ୍ତି ଏବଂ ପ୍ରାକୃତିକ ସମ୍ପଦର ବିନିଯୋଗ କରିଥାଏ । ୨୦୨୪ ଏବଂ ୨୦୨୫ ମସିହା ମଧ୍ୟରେ ଏହି ବିଗ୍ ଟେକ୍ କମ୍ପାନୀଗୁଡ଼ିକର କାର୍ବନ୍ ନିର୍ଗମନ ଆଶ୍ଚର୍ଯ୍ୟଜନକ ଭାବରେ ବୃଦ୍ଧି ପାଇଛି । ଏଆଇ ମଡେଲ୍‌ଗୁଡ଼ିକୁ ତାଲିମ ଦେବା ଏବଂ ପରିଚାଳନା କରିବା ପାଇଁ ଆବଶ୍ୟକ ହେଉଥିବା ବିଶାଳ ଡାଟା ସେଣ୍ଟରଗୁଡ଼ିକର କ୍ଷମତା ସମ୍ପ୍ରସାରଣ ଯୋଗୁଁ ଏହି ପରିସ୍ଥିତି ସୃଷ୍ଟି ହୋଇଛି ଏବଂ ଏଥିପାଇଁ ବିଶ୍ୱକୁ ଏକ ଭୟଙ୍କର ପରିବେଶଗତ ମୂଲ୍ୟ ଦେବାକୁ ପଡୁଛି । ଏହି କମ୍ପାନୀଗୁଡ଼ିକ ନିଜର ବାର୍ଷିକ ସସଟେନେବିଲିଟି ରିପୋର୍ଟରେ କାର୍ବନ୍ ନିର୍ଗମନ ବୃଦ୍ଧିକୁ ସ୍ୱୀକାର କରିବା ସହିତ ଏହାକୁ ବିଭିନ୍ନ ଉପାୟରେ ଯୁକ୍ତିଯୁକ୍ତ ଦର୍ଶାଇବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ବାସ୍ତବତା ହେଉଛି ଯେ ସମଗ୍ର ପୃଥିବୀ ଏହି ଏଆଇ ପ୍ରତିଯୋଗିତାର କୁପ୍ରଭାବକୁ ଭୋଗ କରୁଛି । ଜାତିସଂଘର ମହାସଚିବ ମଧ ଏହି ପ୍ରସଙ୍ଗରେ ଉଦ୍‌ବେଗ ପ୍ରକାଶ କରି ଏଆଇ କମ୍ପାନୀଗୁଡ଼ିକୁ ନବୀକରଣଯୋଗ୍ୟ ଶକ୍ତି ଉପରେ ଅଧିକ ଧ୍ୟାନ ଦେବାକୁ ଆହ୍ୱାନ ଦେଇଛନ୍ତି । ତଥାପି ଏହି କମ୍ପାନୀଗୁଡ଼ିକର ବ୍ୟବସାୟିକ ଦୌଡ଼ ଆଗରେ ପରିବେଶ ସୁରକ୍ଷା ଗୌଣ ହୋଇପଡିଥିବା ସ୍ପଷ୍ଟ ବାରି ହୋଇପଡୁଛି ।

କୌଣସି କମ୍ପାନୀର ପରିବେଶ ଉପରେ ପ୍ରଭାବକୁ ଆକଳନ କରିବା ପାଇଁ ଗ୍ରୀନହାଉସ୍ ଗ୍ୟାସ୍ ପ୍ରୋଟୋକଲ୍ ଅନୁଯାୟୀ କାର୍ବନ୍ ନିର୍ଗମନକୁ ମୁଖ୍ୟତଃ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଥାଏ, ଯାହାକୁ ସ୍କୋପ୍ ୧, ସ୍କୋପ୍ ୨ ଏବଂ ସ୍କୋପ୍ ୩ କୁହାଯାଏ । ସ୍କୋପ୍ ୧ ନିର୍ଗମନ କମ୍ପାନୀର ନିଜସ୍ୱ କାର୍ଯ୍ୟକଳାପ ଏବଂ ସିଧାସଳଖ ଉତ୍ସରୁ ହେଉଥିବା ପ୍ରଦୂଷଣକୁ ସୂଚାଉଥିବା ବେଳେ, ସ୍କୋପ୍ ୨ କମ୍ପାନୀ ଦ୍ୱାରା ବ୍ୟବହୃତ ହେଉଥିବା ବିଦ୍ୟୁତ୍ ଏବଂ ଶିଳ୍ପଭିତ୍ତିକ ଶକ୍ତି ଉତ୍ପାଦନରୁ ହେଉଥିବା ନିର୍ଗମନକୁ ମାପିଥାଏ । ଅନ୍ୟପକ୍ଷରେ, ସ୍କୋପ୍ ୩ ସବୁଠାରୁ ବ୍ୟାପକ ଅଟେ ଯେଉଁଥିରେ କମ୍ପାନୀର ଯୋଗାଣ ଶୃଙ୍ଖଳା, କର୍ମଚାରୀମାନଙ୍କର ଯାତାୟାତ ଏବଂ ଗ୍ରାହକମାନେ କମ୍ପାନୀର ଉତ୍ପାଦ ବା ସେବାଗୁଡ଼ିକୁ କିପରି ବ୍ୟବହାର କରୁଛନ୍ତି ତାହା ଅନ୍ତର୍ଭୁକ୍ତ ଥାଏ । ବିଗ୍ ଟେକ୍ କମ୍ପାନୀଗୁଡ଼ିକ ସେମାନଙ୍କର ଆର୍ଥିକ ବର୍ଷର ରିପୋର୍ଟ ପ୍ରକାଶ କରିବା ସମୟରେ ଅନେକ ସମୟରେ ସ୍କୋପ୍ ୧ ଏବଂ ସ୍କୋପ୍ ୨ ରେ ହୋଇଥିବା ସାମାନ୍ୟ ହ୍ରାସକୁ ବହୁଳ ଭାବରେ ପ୍ରଚାର କରିଥାଆନ୍ତି, ଯାହାଦ୍ୱାରା ମୋଟ ନିର୍ଗମନରେ ହୋଇଥିବା ବିପୁଳ ବୃଦ୍ଧି ଲୋକଲୋଚନକୁ ଆସିପାରେ ନାହିଁ । ଏହି କୌଶଳ ମାଧ୍ୟମରେ ସେମାନେ ନିଜକୁ ପରିବେଶପ୍ରେମୀ ଭାବରେ ଚିତ୍ରଣ କରିବାକୁ ପ୍ରୟାସ କରନ୍ତି, କିନ୍ତୁ ସମ୍ପୂର୍ଣ୍ଣ ତଥ୍ୟକୁ ତର୍ଜମା କଲେ ସେମାନଙ୍କର ପ୍ରକୃତ ସ୍ୱରୂପ ପଦାରେ ପଡିଯାଏ ।

ଗୁଗୁଲ୍ ନିଜର ୨୦୨୬ ପରିବେଶ ରିପୋର୍ଟରେ ଉଲ୍ଲେଖ କରିଛି ଯେ ଏହାର ମୋଟ କାର୍ବନ୍ ନିର୍ଗମନ ୨୦୨୪ ମସିହାରେ ୧୫.୯୩ ନିୟୁତ ଟନ୍ (CO2e) ଥିବା ବେଳେ ୨୦୨୫ ମସିହାରେ ତାହା ବୃଦ୍ଧି ପାଇ ୧୮.୮୪ ନିୟୁତ ଟନ୍‌ରେ ପହଞ୍ଚିଛି । ଏହାର ଅର୍ଥ ହେଉଛି ଗତ ବର୍ଷ ତୁଳନାରେ ଗୁଗୁଲ୍‌ର ମୋଟ ନିର୍ଗମନରେ ୧୮ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି । ଆହୁରି ଚିନ୍ତାର ବିଷୟ ହେଉଛି ଯେ ୨୦୨୪ ତୁଳନାରେ ୨୦୨୫ ରେ କମ୍ପାନୀର ପ୍ରଥମ ସ୍ତର ବା ସ୍କୋପ୍ ୧ ନିର୍ଗମନ ୨୦ ପ୍ରତିଶତ ବୃଦ୍ଧି ପାଇଛି, ଯାହାର ମୁଖ୍ୟ କାରଣ ହେଉଛି ଗୁଗୁଲ୍‌ର ଡାଟା ସେଣ୍ଟରଗୁଡ଼ିକର ଦ୍ରୁତ ସମ୍ପ୍ରସାରଣ ଏବଂ ସେଥିପାଇଁ ଆବଶ୍ୟକ ଇନ୍ଧନ ବ୍ୟବହାରରେ ବୃଦ୍ଧି । ଯଦିଓ ଦ୍ୱିତୀୟ ସ୍ତରର ନିର୍ଗମନରେ ସାମାନ୍ୟ ହ୍ରାସ ଘଟିଥିଲା, ତୃତୀୟ ସ୍ତରର ନିର୍ଗମନ ଯଥେଷ୍ଟ ବୃଦ୍ଧି ପାଇଥିଲା । ଗୁଗୁଲ୍ ଏହି ବୃଦ୍ଧି ପାଇଁ ମୁଖ୍ୟତଃ ନିଜର ବୈଷୟିକ ଭିତ୍ତିଭୂମି ହାର୍ଡୱେର୍ ନିର୍ମାଣ, ଲଜିଷ୍ଟିକ୍ସ ଏବଂ ନୂତନ ଡାଟା ସେଣ୍ଟର ନିର୍ମାଣକୁ ଦାୟୀ କରିଛି । ୨୦୧୯ ମସିହା ଠାରୁ ହିସାବ କଲେ ଗୁଗୁଲ୍‌ର ମୋଟ ନିର୍ଗମନରେ ୮୦ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି, ଯାହା ଏହାର ପରିବେଶ ସୁରକ୍ଷା ପ୍ରତିଶ୍ରୁତି ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଅନ୍ୟ ଏକ ପ୍ରମୁଖ କମ୍ପାନୀ ଇ-କମର୍ସ ଜାଏଣ୍ଟ ଆମାଜନ୍‌ର ଅବସ୍ଥା ମଧ ଅନୁରୂପ ଅଟେ । ଆମାଜନ୍ ନିଜର ୨୦୨୫ ସସଟେନେବିଲିଟି ରିପୋର୍ଟରେ ପ୍ରକାଶ କରିଛି ଯେ ୨୦୨୪ ଠାରୁ ୨୦୨୫ ମଧ୍ୟରେ ଏହାର ସମ୍ପୂର୍ଣ୍ଣ ନିର୍ଗମନ ୧୬ ପ୍ରତିଶତ ବୃଦ୍ଧି ପାଇ ୮୦.୮୫ ନିୟୁତ ଟନ୍ (CO2e) ରେ ପହଞ୍ଚିଛି । ୨୦୧୯ ମସିହା ପରଠାରୁ ଆମାଜନ୍‌ର ନିର୍ଗମନ ୫୦ ପ୍ରତିଶତରୁ ଅଧିକ ବଢ଼ିଛି । ଆମାଜନ୍‌ର ମୋଟ କାର୍ବନ୍ ଫୁଟ୍‌ପ୍ରିଣ୍ଟ୍‌ର ୭୬ ପ୍ରତିଶତ କେବଳ ସ୍କୋପ୍ ୩ ନିର୍ଗମନରୁ ଆସିଥାଏ ଏବଂ ଏହା ୨୦୨୪ ତୁଳନାରେ ୨୦ ପ୍ରତିଶତ ବୃଦ୍ଧି ପାଇଛି । ଏଥିରେ ନୂତନ ବିଲ୍ଡିଂ ଏବଂ ଡାଟା ସେଣ୍ଟର ନିର୍ମାଣ, ତୃତୀୟ ପକ୍ଷ ପରିବହନକାରୀଙ୍କ ଦ୍ୱାରା ଇନ୍ଧନ ବ୍ୟବହାର ଏବଂ ଆମାଜନ୍ ବ୍ରାଣ୍ଡ୍ ହାର୍ଡୱେର୍ ଉତ୍ପାଦନ ଅନ୍ତର୍ଭୁକ୍ତ । ଆମାଜନ୍ ଆହୁରି ମଧ ରିପୋର୍ଟ କରିଛି ଯେ ଗ୍ରାହକମାନଙ୍କର ଚାହିଦାକୁ ଦୃଷ୍ଟିରେ ରଖି ଏହା ୨୦୨୫ରେ ବିଶ୍ୱସ୍ତରରେ ଅନ୍ୟ ଯେକୌଣସି କମ୍ପାନୀ ତୁଳନାରେ ଅଧିକ ଡାଟା ସେଣ୍ଟର କ୍ଷମତା ଯୋଗ କରିଛି । ସେହିପରି ସଫ୍ଟୱେର୍ କମ୍ପାନୀ ମାଇକ୍ରୋସଫ୍ଟ ମଧ ରିପୋର୍ଟ କରିଛି ଯେ ୨୦୨୫ ରେ ଏହାର ମୋଟ ନିର୍ଗମନ ୨୫ ପ୍ରତିଶତ ବୃଦ୍ଧି ପାଇ ୨୦ ନିୟୁତ ଟନ୍‌ରେ ପହଞ୍ଚିଛି, ଯାହା ୨୦୨୪ ରେ ୧୬ ନିୟୁତ ଟନ୍ ଥିଲା । ମାଇକ୍ରୋସଫ୍ଟ ଏହି ବିପୁଳ ବୃଦ୍ଧି ପାଇଁ ସିଧାସଳଖ ଭାବରେ ନିଜର ଡାଟା ସେଣ୍ଟର ଭିତ୍ତିଭୂମିର ସମ୍ପ୍ରସାରଣକୁ ଦାୟୀ କରିଛି । ସୋସିଆଲ୍ ମିଡିଆ ଜାଏଣ୍ଟ ମେଟା ଚଳିତ ବର୍ଷ ଏହାର ନିର୍ଗମନ ତଥ୍ୟ ଏପର୍ଯ୍ୟନ୍ତ ପ୍ରକାଶ କରିନାହିଁ, କିନ୍ତୁ କମ୍ପାନୀର ଡାଟା ସେଣ୍ଟର ନିର୍ମାଣ ନୂତନ ଚିନ୍ତା ସୃଷ୍ଟି କରିଛି । ଆମେରିକାର ୱାଇଓମିଂ ରାଜ୍ୟରେ ଅଧିକାରୀମାନେ ନିର୍ମାଣାଧୀନ ଥିବା ଏକ ମେଟା ଡାଟା ସେଣ୍ଟରରୁ ବାହାରୁଥିବା ବର୍ଜ୍ୟବସ୍ତୁ ସହିତ କ୍ୟୁପ୍ରିଆଭିଡସ୍ ଗିଲାର୍ଡି ନାମକ ଏକ ବ୍ୟାକ୍ଟେରିଆର ସମ୍ପର୍କ ଥିବା ଦର୍ଶାଇଛନ୍ତି । ଏହା ପ୍ରମାଣିତ କରେ ଯେ କେବଳ ବାୟୁ ପ୍ରଦୂଷଣ ନୁହେଁ, ବରଂ ଜଳ ଏବଂ ପରିବେଶ ପ୍ରଦୂଷଣ କ୍ଷେତ୍ରରେ ମଧ ଏହି ଡାଟା ସେଣ୍ଟରଗୁଡ଼ିକ ବିପଦ ସୃଷ୍ଟି କରୁଛନ୍ତି ।

ଏହି ତିନୋଟି ଯାକ କମ୍ପାନୀ କ୍ଷେତ୍ରରେ ସ୍କୋପ୍ ୩ ନିର୍ଗମନ ସର୍ବାଧିକ ଅଂଶ ଗ୍ରହଣ କରିଥାଏ, କାରଣ ଏହାକୁ ନିୟନ୍ତ୍ରଣ କରିବା କିମ୍ବା ନୀତିଗତ ପରିବର୍ତ୍ତନ ମାଧ୍ୟମରେ ହ୍ରାସ କରିବା ଅପେକ୍ଷାକୃତ କଠିନ ଅଟେ । ତଥାପି, ଏହି ତିନୋଟି ବିଗ୍ ଟେକ୍ କମ୍ପାନୀର କାର୍ବନ୍ ନିର୍ଗମନ ବୃଦ୍ଧି ପଛରେ ଏଆଇ ଏକ ସାଧାରଣ ଏବଂ ମୁଖ୍ୟ କାରଣ ଭାବରେ ଉଭା ହୋଇଛି । ଏଆଇ ମଡେଲ୍‌ଗୁଡ଼ିକୁ ଚଳାଇବା ପାଇଁ ବିପୁଳ ପରିମାଣର ଶକ୍ତି ଏବଂ ଜଳର ଆବଶ୍ୟକତା ହୋଇଥାଏ । ଇଣ୍ଟରନ୍ୟାସନାଲ୍ ଏନର୍ଜି ଏଜେନ୍ସି ବା ଆନ୍ତର୍ଜାତିକ ଶକ୍ତି ସଂସ୍ଥା (ଆଇଇଏ) ର ଏକ ରିପୋର୍ଟ ଅନୁଯାୟୀ, ୨୦୨୪ ମସିହାରେ ସମଗ୍ର ବିଶ୍ୱରେ ଥିବା ଡାଟା ସେଣ୍ଟରଗୁଡ଼ିକ ପ୍ରାୟ ୪୧୫ ଟେରାୱାଟ୍ ଆୱାର୍ (TWh) ବିଦ୍ୟୁତ୍ ବ୍ୟବହାର କରିଥିଲେ । ଏଆଇର ବ୍ୟବହାର ବୃଦ୍ଧି ପାଇବା ସହିତ ଆଗାମୀ ବର୍ଷଗୁଡ଼ିକରେ ଏହି ବିଦ୍ୟୁତ୍ ଚାହିଦା ଦ୍ୱିଗୁଣିତ ବା ତିନିଗୁଣିତ ହେବାର ଆଶଙ୍କା ରହିଛି । କେବଳ ବିଦ୍ୟୁତ୍ ନୁହେଁ, ଏହି ଡାଟା ସେଣ୍ଟରଗୁଡ଼ିକୁ ଥଣ୍ଡା ରଖିବା ପାଇଁ ପ୍ରଚୁର ପରିମାଣର ମଧୁର ଜଳ ମଧ ବ୍ୟବହାର କରାଯାଉଛି । ବିଭିନ୍ନ ଗବେଷଣା ରିପୋର୍ଟ ଅନୁଯାୟୀ, ସମଗ୍ର ବିଶ୍ୱରେ ଏଆଇ ସିଷ୍ଟମ୍‌ଗୁଡ଼ିକ ୨୦୨୫ ମସିହାରେ ପ୍ରାୟ ୭୬୫ ବିଲିୟନ୍ ଲିଟର ଜଳ ବ୍ୟବହାର କରିଥିବାର ଅନୁମାନ କରାଯାଉଛି । ଏହା ସେହି ବର୍ଷ ବିଶ୍ୱର ସମୁଦାୟ ବୋତଲବନ୍ଦ ଜଳ ବ୍ୟବହାର ଠାରୁ ମଧ ଅଧିକ ଅଟେ । ଆଶ୍ଚର୍ଯ୍ୟର କଥା ହେଉଛି, ଚାଟ୍‌ଜିପିଟି ଭଳି ଏଆଇ ମଡେଲ୍‌କୁ ମାତ୍ର ୧୦ ରୁ ୫୦ ଟି ପ୍ରଶ୍ନ ପଚାରିବା ଦ୍ୱାରା ଡାଟା ସେଣ୍ଟରରେ ପ୍ରାୟ ୫୦୦ ମିଲିଲିଟର ପାଣି ଖର୍ଚ୍ଚ ହୋଇଥାଏ । ସାଧାରଣ ଇଣ୍ଟରନେଟ୍ ସର୍ଚ୍ଚ ତୁଳନାରେ ଏକ ଜେନେରେଟିଭ୍ ଏଆଇ ସର୍ଚ୍ଚ ଦଶ ଗୁଣ ଅଧିକ ଶକ୍ତି ଖର୍ଚ୍ଚ କରିଥାଏ । ଏହି ପରିସଂଖ୍ୟାନରୁ ସ୍ପଷ୍ଟ ହେଉଛି ଯେ ଆମର ସାଧାରଣ ଡିଜିଟାଲ୍ କାର୍ଯ୍ୟକଳାପ ପରିବେଶ ଉପରେ କେତେ ବଡ଼ ବୋଝ ପକାଉଛି ଏବଂ ଆମେ ଅଜାଣତରେ ଜଳବାୟୁ ପରିବର୍ତ୍ତନକୁ ତ୍ୱରାନ୍ୱିତ କରୁଛୁ ।

ଏହି ସବୁ ବାର୍ଷିକ ପରିବେଶ ରିପୋର୍ଟଗୁଡ଼ିକରେ ସୁନ୍ଦର ପ୍ରାକୃତିକ ଦୃଶ୍ୟ, ପ୍ରବାହିତ ନଦୀ ଏବଂ ନୀଳ ଆକାଶର ଚିତ୍ର ରହିଥାଏ, କିନ୍ତୁ ଏହାର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ଅଟେ । ବିଗ୍ ଟେକ୍ କମ୍ପାନୀଗୁଡ଼ିକର ସସଟେନେବିଲିଟି ରିପୋର୍ଟରୁ ଏହା ସ୍ପଷ୍ଟ ହେଉଛି ଯେ ଏଆଇ ଆମ ପରିବେଶକୁ ବିଷାକ୍ତ କରୁଛି ଏବଂ ଏଥିପାଇଁ ଏକ ବିପୁଳ ଶକ୍ତି ବିଲ୍ ପ୍ରଦାନ କରିବାକୁ ପଡୁଛି । ଯେତେବେଳେ କମ୍ପାନୀଗୁଡ଼ିକ ଡାଟା ସେଣ୍ଟର କ୍ଷମତା ବୃଦ୍ଧି କରିବାକୁ ପ୍ରତିଯୋଗିତା କରୁଛନ୍ତି, ସେତେବେଳେ ସେମାନେ ସ୍କୋପ୍ ୩ ନିର୍ଗମନ ହ୍ରାସ କରିବା ପାଇଁ ଦେଇଥିବା ପୂର୍ବ ପ୍ରତିଶ୍ରୁତିଗୁଡ଼ିକୁ ପାଳନ କରିବାରେ ସଂଘର୍ଷ କରୁଥିବା ସ୍ୱୀକାର କରୁଛନ୍ତି । ଅନେକ ପ୍ରଯୁକ୍ତିବିଦ୍ ଏଆଇ ଏବଂ ଡାଟା ସେଣ୍ଟରର ଶକ୍ତି ଚାହିଦାକୁ ସ୍ୱଚ୍ଛ ଶକ୍ତି ଆଡକୁ ଅଗ୍ରସର ହେବାର ଏକ ସୁଯୋଗ ବୋଲି ପ୍ରଚାର କରୁଥିଲେ ମଧ ବାସ୍ତବରେ ଏହି ରିପୋର୍ଟଗୁଡ଼ିକ ପ୍ରମାଣ କରୁଛି ଯେ ପ୍ରଦୂଷଣ ନିଃସନ୍ଦେହରେ ବୃଦ୍ଧି ପାଉଛି ଏବଂ ଏଆଇ ଏହାର ଏକ ପ୍ରମୁଖ କାରଣ ସାଜିଛି । କେବଳ କାଗଜପତ୍ର ବ୍ୟବହାର କମାଇବା କିମ୍ବା ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବା ଭଳି ଛୋଟ ପଦକ୍ଷେପଗୁଡ଼ିକ ଏହି ବିପୁଳ କାର୍ବନ୍ ନିର୍ଗମନର କ୍ଷତିପୂରଣ କରିପାରିବ ନାହିଁ । ଏଆଇର ପ୍ରକୃତ ମୂଲ୍ୟ କେବଳ ଆର୍ଥିକ ନୁହେଁ, ବରଂ ଏହା ଆମ ପୃଥିବୀର ଭବିଷ୍ୟତ ସହିତ ଜଡିତ ଅଟେ ।

ଏହି ପରିସ୍ଥିତି ଆଗାମୀ ଦିନରେ ସାମାଜିକ ସ୍ତରରେ ବଡ଼ ଆନ୍ଦୋଳନ ସୃଷ୍ଟି କରିବାର ସମ୍ଭାବନା ରହିଛି । ସ୍ଥାନୀୟ ବାସିନ୍ଦାମାନେ ନିଜ ଅଞ୍ଚଳରେ ଏଆଇ ଡାଟା ସେଣ୍ଟର ସ୍ଥାପନକୁ ବିରୋଧ କରିବା ଆରମ୍ଭ କଲେଣି, କାରଣ ଏହା ସ୍ଥାନୀୟ ଜଳ ଏବଂ ବିଦ୍ୟୁତ୍ ଯୋଗାଣ ଉପରେ ପ୍ରବଳ ଚାପ ପକାଉଛି ଏବଂ ଶବ୍ଦ ପ୍ରଦୂଷଣ ମଧ ସୃଷ୍ଟି କରୁଛି । ଆମେରିକାରେ ଏହା ଏକ ପ୍ରମୁଖ ନିର୍ବାଚନୀ ଏବଂ ରାଜନୈତିକ ପ୍ରସଙ୍ଗରେ ପରିଣତ ହେବାକୁ ଯାଉଛି । ତେବେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱାଧୀନ ସରକାରଙ୍କ ପରିବେଶ ସୁରକ୍ଷା ରେକର୍ଡକୁ ଦେଖିଲେ ଏହା ଅନୁମାନ କରାଯାଏ ଯେ ବିଗ୍ ଟେକ୍ କମ୍ପାନୀଗୁଡ଼ିକୁ ନିଜସ୍ୱ ନିୟନ୍ତ୍ରଣ ବା ସେଲ୍ଫ-ରେଗୁଲେଟ୍ କରିବାକୁ ଛାଡ଼ି ଦିଆଯିବ ଏବଂ ସେମାନେ ନିଜର ଲାଭ ପାଇଁ ଯେପରି ଉଚିତ୍ ମଣିବେ ସେହିପରି କାର୍ଯ୍ୟ କରିବେ । ଏହାର ଅର୍ଥ ହେଉଛି କମ୍ପାନୀଗୁଡ଼ିକ ଉପରେ କୌଣସି କଠୋର ସରକାରୀ କଟକଣା ଲାଗୁ ହେବାର ସମ୍ଭାବନା କମ୍ ଅଟେ, ଯାହା ପରିବେଶ ପାଇଁ ଆହୁରି ବିପଜ୍ଜନକ ସାବ୍ୟସ୍ତ ହେବ । ସରକାରୀ ହସ୍ତକ୍ଷେପ ବିନା ଏହି କମ୍ପାନୀଗୁଡ଼ିକ କେବେହେଲେ ସ୍ୱେଚ୍ଛାକୃତ ଭାବରେ ନିଜର ବ୍ୟବସାୟିକ ସମ୍ପ୍ରସାରଣକୁ ରୋକିବେ ନାହିଁ କିମ୍ବା ପରିବେଶ ପାଇଁ ନିଜର ଲାଭକୁ ଜଳାଞ୍ଜଳି ଦେବେ ନାହିଁ ।

ପରିଶେଷରେ, ଏହା କହିବା ଅତ୍ୟୁକ୍ତି ହେବ ନାହିଁ ଯେ ଏଆଇ ଟେକ୍ନୋଲୋଜି ମାନବ ସଭ୍ୟତା ପାଇଁ ଅନେକ ନୂତନ ସୁଯୋଗ ଆଣିଦେଇଥିଲେ ମଧ ଏହାର ପରିବେଶଗତ ମୂଲ୍ୟକୁ ଅଣଦେଖା କରାଯାଇପାରିବ ନାହିଁ । କେବଳ କାଗଜପତ୍ରରେ ସବୁଜ ପରିବେଶର ସ୍ୱପ୍ନ ଦେଖାଇଲେ କିମ୍ବା ସାମାନ୍ୟ କାର୍ବନ୍ ନିର୍ଗମନ ହ୍ରାସର ବାହାନା କଲେ ବିଶ୍ୱର ଜଳବାୟୁ ସଙ୍କଟ ଦୂର ହୋଇପାରିବ ନାହିଁ । ବିଗ୍ ଟେକ୍ କମ୍ପାନୀଗୁଡ଼ିକୁ ନିଜର ବ୍ୟବସାୟିକ ଲାଭ ଏବଂ ଏଆଇ ଦୌଡ଼ରୁ ଊର୍ଦ୍ଧ୍ୱକୁ ଉଠି ପରିବେଶ ସୁରକ୍ଷା ପାଇଁ ବାସ୍ତବିକ ପଦକ୍ଷେପ ଗ୍ରହଣ କରିବାକୁ ପଡିବ । ଯଦି ବର୍ତ୍ତମାନ ଠାରୁ ଏହି ଅତ୍ୟଧିକ ଶକ୍ତି ଏବଂ ଜଳ ବ୍ୟବହାରକୁ ନିୟନ୍ତ୍ରଣ କରାଯାଇ ନବୀକରଣଯୋଗ୍ୟ ଶକ୍ତିର ସଠିକ୍ ବିନିଯୋଗ କରାଯାଏ ନାହିଁ, ତେବେ ଭବିଷ୍ୟତରେ ଏହି ବୈଷୟିକ ବିକାଶ ମାନବ ଜାତି ପାଇଁ ଏକ ଅଭିଶାପରେ ପରିଣତ ହେବ ।

ଧ୍ୱନି ପ୍ରତିଧ୍ୱନି

# ଆଧ୍ୟାତ୍ମିକ ମୂଲ୍ୟବୋଧ ଓ ଆଧୁନିକ ବୌଦ୍ଧିକତା- ନାରୀ ଜୀବନର ଏକ ନୂଆ ସମୀକରଣ

## ସୁସ୍ମିତା ମହାପାତ୍ର

ଏ ସମଗ୍ର ସଂସାରରେ ନାରୀ ଏକ ଅନନ୍ୟ ସୃଷ୍ଟି । ତ୍ୟାଗ, ତିତିକ୍ଷା, ସେବା ଓ ସମର୍ପଣର ମୂର୍ତ୍ତିମନ୍ତ ପ୍ରତିଭୂ । ସେ କେବଳ ପରିବାରର ମମତାମୟୀ ଆଶ୍ରୟ ନୁହେଁ ବରଂ ସମାଜ ଓ ସଭ୍ୟତା ନିର୍ମାଣ ଯାତ୍ରାର ଏକ ଅବିଚ୍ଛେଦ୍ୟ ଶକ୍ତିଉତ୍ସ । ସମୟର ପରିବର୍ତ୍ତନ ସହିତ ନାରୀର ଭୂମିକା, ଚିନ୍ତାଧାରା ଓ ଜୀବନଦୃଷ୍ଟିରେ ମଧ ଆସିଛି ଗଭୀର ପରିବର୍ତ୍ତନ । ଏକଦା ଯେଉଁ ନାରୀର ପରିଚୟ ମୁଖ୍ୟତଃ ପରିବାର ଓ ପାରମ୍ପରିକ ଭୂମିକାରେ ସୀମିତ ଥିଲା, ଆଜି ସେ ଶିକ୍ଷା, ବିଜ୍ଞାନ, ସାହିତ୍ୟ, ପ୍ରଶାସନ, ରାଜନୀତି, କଳା ଓ ଉଦ୍ୟୋଗ, ପ୍ରତ୍ୟେକ କ୍ଷେତ୍ରରେ ନିଜର ସ୍ୱାଧୀନ ସତ୍ତା ଓ ବୌଦ୍ଧିକ କ୍ଷମତାର ପରିଚୟ ଦେଉଛି । ତାକୁ ଯଦି ଆଧୁନିକ ନାରୀର ଆଖ୍ୟା ଦିଆଯାଏ, ତେବେ ଏହି ଆଧୁନିକତା କେବଳ ବାହ୍ୟ ଜୀବନର ପରିବର୍ତ୍ତନ ନୁହେଁ; ଏହା ଚିନ୍ତାର ସ୍ୱାଧୀନତା, ବିବେକ, ଯୁକ୍ତିବୋଧ ଓ ନିଜସ୍ୱ ନିଷ୍ପତ୍ତି ନେବାର ସାମର୍ଥ୍ୟ ସହ ଜଡ଼ିତ ଯଦିଓ କେହିକେହି ଏହାକୁ ଆପେକ୍ଷିକ ଦୃଷ୍ଟିରେ ବିଚାରକରି ଏହାର ଅର୍ଥାନ୍ତର କରିଥାନ୍ତି । ନାରୀର ମୁକ୍ତି କେବଳ ତା'ର ହାତରେ ଆସିଥିବା ଅଧିକାରରେ ନୁହେଁ ବରଂ ନୈତିକ ଓ ବୌଦ୍ଧିକ ଚେତନାର ଉତ୍ତରଣରେ ତା'ର ମୋକ୍ଷ ନିହିତ । ବୌଦ୍ଧିକତା କଦାପି ଆଧୁନିକ ବା ପୁରାତନ ପଦବାଚ୍ୟ ନୁହେଁ, ଏହା ଶାଶ୍ୱତ ଓ ଚିରନ୍ତନ । ଆଧୁନିକ ବୌଦ୍ଧିକତାର ବାସ୍ତବ ରୂପରେଖ ଅଙ୍କନ କଲେ ଅନୁଭୂତ ହୁଏ ଯେ, ଏହା ନାରୀକୁ କୌଣସି ପ୍ରଶ୍ନ କରିବା, ଯୁକ୍ତିସମ୍ମତ ଚିନ୍ତା କରିବା, ନିଜ ନିଷ୍ପତ୍ତି ନିଜେ ନେବା ଓ ପୁରୁଷ ପ୍ରଧାନ ସମାଜରେ ସମାନ ମର୍ଯ୍ୟାଦାରେ ବଞ୍ଚିବାର ଶକ୍ତି ଦେଇଛି । ଆଉ ଆଧ୍ୟାତ୍ମିକ ମୂଲ୍ୟବୋଧ ତା'ର ଏହି ଶକ୍ତିକୁ ମାନବିକତା, ସଂଯମ, ସହନଶୀଳତା ଓ ଆତ୍ମବୋଧ ସହ ଦେବୋପମ ଓ ନୈସର୍ଗିକ ଭାବନାରେ ସମୃଦ୍ଧ କରି ଏକ ନୂତନ ଦିଗ୍‌ଦର୍ଶନ ଦେଉଛି । ଏଣୁ ନାରୀ ହେଉଛି, ଆଧ୍ୟାତ୍ମିକତା ଓ ବୌଦ୍ଧିକତାର ଏକ ସମନ୍ୱିତ ରୂପକଳ୍ପ ।

ଆଧ୍ୟାତ୍ମିକତାକୁ ବି କଦାପି ଧାର୍ମିକ ଆଚାର, ପୂଜାପାଠ ବା ପରମ୍ପରାରେ ସୀମିତ ରଖାଯାଇ ନପାରେ । ଏହାଠାରୁ ବ୍ୟାପକ ତା'ର ଅର୍ଥ । ନିଜକୁ ଜାଣିବା, ନିଜ ଅନ୍ତର୍ଜଗତକୁ ବୁଝିବା, ସତ୍ୟ, ନ୍ୟାୟ, କରୁଣା, କ୍ଷମା, ଆତ୍ମସମୀକ୍ଷା, ସହନଶୀଳତା, ସମ୍ବେଦନଶୀଳତା ପରି ମାନବୀୟ ମୂଲ୍ୟବୋଧକୁ ଜୀବନରେ ପ୍ରତିଷ୍ଠିତ କରାଇବା ହେଉଛି ଆଧ୍ୟାତ୍ମିକତାର ମୂଳ ଲକ୍ଷ୍ୟ । କସ୍ମିନ୍ କାଳେ ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ଅନୁଷ୍ଠାନ ମାନଙ୍କରେ ନିଷ୍ପାଦନ କରାଯାଉଥିବା ପ୍ରଥା ଓ ପରମ୍ପରାକୁ ଆଧ୍ୟାତ୍ମିକତାର ନିକିତିରେ ତଉଲା ଯାଇ ନପାରେ । ବିଶେଷ କରି, ନାରୀ ପାଇଁ ଆଧ୍ୟାତ୍ମିକତାର ଅର୍ଥ ନିଜ ଅସ୍ତିତ୍ୱକୁ ଅସ୍ୱୀକାର କରିବା ନୁହେଁ ବରଂ ଏକ ଅତିବାସ୍ତବ ଓ ଅତିମାନସ ସ୍ତରକୁ ଯାଇ, ନିଜ ମନର ଶକ୍ତିକୁ ଜାଣିବା, ନିଜକୁ ଅନ୍ତର୍ମୁଖୀ କରିବା, ଯାହା ପରିସ୍ଥିତିର ଚାପ ମଧ୍ୟରେ ନିଜର ମାନସିକ ସନ୍ତୁଳନ ବଜାୟ ରଖିବା ପାଇଁ ଶକ୍ତି ଓ ପ୍ରେରଣା ଯୋଗାଇଥାଏ । ଏହା ମଧ ସଫଳତା ସହ ସମ୍ବେଦନଶୀଳତା ଏବଂ ସ୍ୱାଧୀନତା ସହ ଦାୟିତ୍ୱବୋଧର ଅବିଚ୍ଛେଦ୍ୟତାକୁ ଅନୁଭବ କରାଇବା ସହିତ ଜୀବନରେ ତା'ର ଗୁରୁତ୍ୱ ପ୍ରତିପାଦିତ କରିଥାଏ ।

ଆଧୁନିକ ବୌଦ୍ଧିକତା ନାରୀକୁ ବାହ୍ୟ ଜଗତକୁ ବୁଝିବାର କ୍ଷମତା ଦିଏ, ମନକୁ ଦୃଢ଼ କରେ, ଚିନ୍ତାକୁ ସ୍ୱାଧୀନ କରେ, ବିଜ୍ଞାନ ସମ୍ମତ ତଥା ପରୀକ୍ଷିତ ପରମ୍ପରାକୁ ସମ୍ମାନ ଦିଏ, ଯୁକ୍ତିସିଦ୍ଧ ନିଷ୍ପତ୍ତି ନେବା ଶିଖାଏ ଏବଂ ଅନ୍ତରାତ୍ମା ସହିତ ଏହାର ଏକ ଉତ୍ତମ ସମନ୍ୱୟ ସ୍ଥାପନ କରିବାରେ ସହାୟ ହୋଇଥାଏ । ତେଣୁ ଆଧ୍ୟାତ୍ମିକ ମୂଲ୍ୟବୋଧ ଏବଂ ଆଧୁନିକ ବୌଦ୍ଧିକତା ଭିତରେ ସମନ୍ୱୟ ହିଁ ନାରୀ ଜୀବନରେ ଏକ ନୂଆ ସମୀକରଣ ସୃଷ୍ଟିକରିଥାଏ ।

ସମାଜିକ ବିବର୍ତ୍ତନ ଧାରାରେ ନାରୀ ହେଉଛି ଏକ ଦୀର୍ଘ ପରିବର୍ତ୍ତନର ସାକ୍ଷୀ । କେବେ ସେ ପରିବାରର ସୀମିତ ପରିସରରେ ନିଜ ପରିଚୟ ଖୋଜୁଥିଲା ତ କେବେ ସେ ସାମାଜିକ ପ୍ରଥା ଓ ପରମ୍ପରାର ନିରବ ବାହକ ଭାବେ ଦାୟିତ୍ୱ ନିର୍ବାହ କରୁଥିଲା । କିନ୍ତୁ ଆଧୁନିକ ଯୁଗରେ ଶିକ୍ଷା, ବିଜ୍ଞାନ, ପ୍ରଯୁକ୍ତି, ଆର୍ଥିକ ସ୍ୱାଧୀନତା ଓ ସାମ୍ୟବାଦ ଓ ଗଣତାନ୍ତ୍ରିକ ଚେତନାର ବିକାଶ, ନାରୀ ଜୀବନକୁ ଦେଇଛି, ଏକ ନୂତନ ଦିଗ୍‌ଦର୍ଶନ । ଆଜିର ନାରୀ କେବଳ ପରିବାରର ଅଂଶ ନୁହେଁ; ସେ ସ୍ୱତନ୍ତ୍ର, ସ୍ୱାବଲମ୍ବୀ, ଶିକ୍ଷୀ, ଉଦ୍ୟୋଗୀ, ଗବେଷକ, ଜ୍ଞାନର ଉପାସକ, ନିଷ୍ପତ୍ତି ନିର୍ଦ୍ଧାରକ ଓ ସୁନ୍ଦର ସମାଜ ଗଠନରେ ଜଣେ ସକ୍ରିୟ ଅଂଶୀଦାର ମଧ । ଏହି ପରିବର୍ତ୍ତନ ମଧ୍ୟରେ ଏକ ମୌଳିକ ପ୍ରଶ୍ନ ଉଠେ - ଆଧୁନିକ ବୌଦ୍ଧିକତାର ଦ୍ରୁତ ଗତି ସହିତ ଆଧ୍ୟାତ୍ମିକ ମୂଲ୍ୟବୋଧର ସମନ୍ୱୟ କିପରି ସମ୍ଭବ? ବାସ୍ତବରେ ଏହି ଦୁଇଟି ପରସ୍ପର ବିରୋଧୀ ଭଳି ପ୍ରତୀୟମାନ ହେଉଥିଲେ ମଧ ଉପଯୁକ୍ତ ସମନ୍ୱୟରେ ଏହା ନାରୀ ଜୀବନକୁ ଅଧିକ ସମୃଦ୍ଧ, ସ୍ୱାଧୀନ ଓ ଅର୍ଥପୂର୍ଣ୍ଣ କରିପାରେ । ଏ ସବୁର ଉର୍ଦ୍ଧ୍ୱରେ ରହିଛି ଉପଯୁକ୍ତ ଶିକ୍ଷା, ଯାହାକୁ ଅସ୍ତ୍ର କରି ନାରୀ କୁଟାଇପାରେ, ପ୍ରଶ୍ନ କରିବାର ସାହସ, ନେଇପାରେ ଯୁକ୍ତିର ଆଶ୍ରୟ, ବିଶ୍ଳେଷଣ କରିପାରେ ତଥ୍ୟ, ଏବଂ ଉତ୍ଥାପନ କରିପାରେ ନିଜସ୍ୱ ମତ । ଆଜି ଜଣେ ନାରୀ ନିଜ ଶିକ୍ଷା, ବୃତ୍ତି, ବିବାହ, ଆର୍ଥିକ ଓ ସାମାଜିକ ଭୂମିକା ଆଦି ନିଜ ଜୀବନର ନିଷ୍ପତ୍ତି ନିଜେ ନେବାକୁ ଚାହୁଁଛି ଅର୍ଥ, ଏହା ନାରୀର ବର୍ଦ୍ଧିତ ଆତ୍ମପ୍ରତ୍ୟୟ ଓ ବୌଦ୍ଧିକ ସ୍ୱାଧୀନତାର ପ୍ରତୀକ । କିନ୍ତୁ କେବଳ ବୌଦ୍ଧିକ ସଫଳତା ମଣିଷକୁ ସମ୍ପୂର୍ଣ୍ଣ କରେନାହିଁ । ଜ୍ଞାନ ଯଦି ମୂଲ୍ୟବୋଧରୁ ବିଚ୍ଛିନ୍ନ ହୋଇଯାଏ, ତେବେ ତାହା ଅହଂକାର, ଆସ୍ପର୍ଦ୍ଧା, ହୀନମନ୍ୟତା, ସ୍ୱେଚ୍ଛାଚାରୀତା ଓ ସ୍ୱାର୍ଥପରତାକୁ ଜନ୍ମ ଦେଇପାରେ । ତେଣୁ ବୌଦ୍ଧିକ ବିକାଶ ସହିତ ମାନବିକ ଓ ଆଧ୍ୟାତ୍ମିକ ବିକାଶ ମଧ ଅତ୍ୟନ୍ତ ଆବଶ୍ୟକ ।

ଆଧ୍ୟାତ୍ମିକତା ଓ ବୌଦ୍ଧିକତାର ଏହି ସମନ୍ୱୟ ଯୋଗୁଁ ନାରୀ ନା ଅନ୍ଧ ପରମ୍ପରାର ଅନୁଗାମୀ ହୁଏ, ନା ଆଧୁନିକତାର ଅନ୍ଧ ଅନୁକରଣ କରେ । ସେ ଭଲ-ମନ୍ଦ, ଆବଶ୍ୟକ-ଅନାବଶ୍ୟକ ଓ ମୂଲ୍ୟବାନ-ମୂଲ୍ୟହୀନ ଭିତରେ ଥିବା ପାର୍ଥକ୍ୟର ସୂକ୍ଷ୍ମ ବିଚାର କରେ । ସର୍ବଦା ନିଜ ବିବେକାନୁମୋଦିତ କାର୍ଯ୍ୟ କରେ । କିନ୍ତୁ ନାରୀ ଜୀବନରେ ପରମ୍ପରା ଓ ଆଧୁନିକତାକୁ ପ୍ରାୟତଃ ଦୁଇଟି ବିପରୀତ ଧ୍ରୁବ ଭାବେ ଦେଖାଯାଇଥାଏ । ଯେପରି ଆଧୁନିକ ହେବାର ଅର୍ଥ ପରମ୍ପରାକୁ ତ୍ୟାଗ କରିବା ଏବଂ ଆଧ୍ୟାତ୍ମିକ ହେବାର ଅର୍ଥ ଆଧୁନିକ ଚିନ୍ତନକୁ ଅସ୍ୱୀକାର କରିବା । ବାସ୍ତବରେ ଏହି ଧାରଣା ଗ୍ରହଣୀୟ ନୁହେଁ । ପରମ୍ପରାର ଯେଉଁ ମୂଲ୍ୟବୋଧ ମଣିଷକୁ କ୍ଷମାଶୀଳ, ସହନଶୀଳ, କରୁଣାବନ୍ତ ଓ ଦାୟିତ୍ୱବାନ କରେ, ତାହାକୁ ଆଧୁନିକ ଜୀବନରେ ଗ୍ରହଣ କରାଯାଇପାରେ । ଅନ୍ୟପକ୍ଷରେ ଯେଉଁ ପ୍ରଥା, ହିଂସା, ଘୃଣା, ଅନ୍ୟାୟ, ଅସମାନତା ବା ବିଭେଦକୁ ପ୍ରଶ୍ରୟ ଦିଏ, ଅନ୍ୟର କ୍ଷତି ପହଞ୍ଚାଏ, ସମାଜରେ ମୂଲ୍ୟହୀନ ସାବ୍ୟସ୍ତ ହୁଏ, ତାହା ବିରୋଧରେ ସ୍ୱରୋତ୍ତୋଳନ କରିବା, ଆଧୁନିକ ବୌଦ୍ଧିକତାର ଦାୟିତ୍ୱ । ଅର୍ଥାତ୍ ଆଜିର ନାରୀ ପାଇଁ ଆବଶ୍ୟକ 'ପରମ୍ପରାର ଅନୁକରଣ' ନୁହେଁ, ବରଂ 'ପରମ୍ପରାର ପୁନଃ ବିଶ୍ଳେଷଣ' । ଆଧ୍ୟାତ୍ମିକ ଚେତନା ତାଙ୍କୁ ନିଜ ଅନ୍ତଃସ୍ୱର ଶୁଣିବାକୁ ପ୍ରବର୍ତ୍ତାଏ । ବୌଦ୍ଧିକ ଚେତନା ସେହି ଅନ୍ତଃସ୍ୱର ଓ ଅନୁଭୂତିକୁ ଯୁକ୍ତି ଓ ବିବେକରେ ପରୀକ୍ଷା କରିବାକୁ ବାଧ୍ୟକରେ । ଉଭୟର ଏହି ସମନ୍ୱୟରୁ ହିଁ ଜନ୍ମନିଏ ଆତ୍ମପ୍ରତ୍ୟୟ ଏବଂ ଏହି ସମନ୍ୱୟ ହିଁ ଆଗାମୀ ସମାଜର ଭିତ୍ତି ସ୍ଥାପନ କରେ ।

ଆଧୁନିକ ନାରୀ ଏକାସାଙ୍ଗରେ ଅନେକ ଭୂମିକା ନିର୍ବାହ କରେ । ସେ ମା', କନ୍ୟା, ଭଉଣୀ, ପତ୍ନୀ ହେବା ସହିତ ଡାକ୍ତର, ଇଞ୍ଜିନିୟର, ଶିକ୍ଷକ, ବୈଜ୍ଞାନିକ, ପ୍ରଶାସକ, ଉଦ୍ୟୋଗୀ ବା ଅନ୍ୟାନ୍ୟ ବୃତ୍ତିରେ ମଧ ନିଜ ଅବଦାନ ରଖେ । ଏହି ବହୁମୁଖୀ ଭୂମିକା ନିର୍ବାହ କଲାବେଳେ, ଆଧ୍ୟାତ୍ମିକ ମୂଲ୍ୟବୋଧ ହିଁ ତାଙ୍କୁ ଧୈର୍ଯ୍ୟ, ମାନସିକ ସନ୍ତୁଳନ ଓ ସହାନୁଭୂତି ଯୋଗାଏ । ଅନ୍ୟପଟେ ଆଧୁନିକ ବୌଦ୍ଧିକତା ତାଙ୍କୁ ସମୟର ଉପଯୁକ୍ତ ପରିଚାଳନା, ସମସ୍ୟାର ସମାଧାନ ଓ ସଠିକ୍ ନିଷ୍ପତ୍ତି ନେବାପାଇଁ ସକ୍ଷମ କରାଏ ।

ସମ୍ପ୍ରତି ଡିଜିଟାଲ ଯୁଗରେ ଟିପ ଅଗରେ ସୂଚନାର ପ୍ରାଚୁର୍ଯ୍ୟ ଅଛି ସତ ମାତ୍ର ଏହା ସର୍ବଦା, ସର୍ବଥା ଏବଂ ସର୍ବତ୍ର ଜ୍ଞାନର ସମକକ୍ଷ ନୁହେଁ । ଅନେକ ସମୟରେ ଭ୍ରାନ୍ତ ସୂଚନା, ଅଯଥା ଚାପ ଓ ମାନସିକ ଅସ୍ଥିରତା ସୃଷ୍ଟି କରିଥାଏ । ଏହି ଅବସରରେ ଆଧ୍ୟାତ୍ମିକ ଚେତନା ଅନ୍ତର୍ମନକୁ ଦୃଢ଼ କରେ ଏବଂ ଭୁଲ-ଠିକ୍, ସତ୍ୟ-ମିଥ୍ୟା ମଧ୍ୟରେ ପ୍ରଭେଦ ବାରିବା ପାଇଁ ବୌଦ୍ଧିକତା, ବୁଦ୍ଧି ଓ ବିବେକର ପ୍ରୟୋଗ କରେ । ତେଣୁ ଡିଜିଟାଲ ଯୁଗର ନାରୀ ପାଇଁ 'ଡିଜିଟାଲ ସାକ୍ଷରତା' ସହିତ 'ଆତ୍ମସଚେତନତା' ମଧ ଅପରିହାର୍ଯ୍ୟ ।

ଆଧୁନିକ ବୌଦ୍ଧିକତା ନାରୀକୁ ନିଜ ଇଚ୍ଛା ଅନୁଯାୟୀ ବଞ୍ଚିବାର ଓ ନିଷ୍ପତ୍ତି ନେବାର ଅଧିକାର ଦିଏ ସତ, ମାତ୍ର ଆଧ୍ୟାତ୍ମିକତା, ସେହି ସ୍ୱାଧୀନତାକୁ ଶୃଙ୍ଖଳିତ ଦାୟିତ୍ୱବୋଧ ଓ ମାନବିକତା ସହିତ ଯୋଡ଼ିଦିଏ । ଏହି କାରଣରୁ ଆଜି ନାରୀର ସ୍ୱାଧୀନତା, 'ମୁଁ କ'ଣ ଚାହୁଁଛି?' ପ୍ରଶ୍ନରେ ସୀମିତ ନ ରହି 'ମୋର ନିଷ୍ପତ୍ତିର ପ୍ରଭାବ କ'ଣ?' ପର୍ଯ୍ୟନ୍ତ ବିସ୍ତାରିତ ହେବା ଜରୁରୀ । ଏଣୁ ନାରୀ ସଶକ୍ତିକରଣ ଆଉ କେବଳ ଚାକିରି, ଆର୍ଥିକ ସ୍ୱାଧୀନତା ବା ପଦବୀରେ ସୀମିତ ନ ରହି ଭବିଷ୍ୟତରେ ଏହା ହେବ ଚିନ୍ତା, ଚେତନା, ମୂଲ୍ୟବୋଧ, ଦୂରଦୃଷ୍ଟି ସମ୍ପନ୍ନ ଓ ଆତ୍ମପରିଚିତିର ସାମଗ୍ରିକ ବିକାଶ । ଆଧୁନିକ ଚେତନାର ଆଲୋକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧର ଉଷ୍ମତା ଯେତେବେଳେ ଏକାଠି ହୁଏ, ସେତେବେଳେ ଗଢ଼ିଉଠେ ଏମିତି ଜଣେ ନାରୀ - ଯିଏ ସ୍ୱାଧୀନ, ସଚେତନ, ସମ୍ବେଦନଶୀଳ ଓ ଆତ୍ମବିଶ୍ୱାସ ସମ୍ପନ୍ନା ହୋଇଥାଏ । ଜଣେ ଶିକ୍ଷିତ ନାରୀ ଯଦି ନିଜ ଜ୍ଞାନକୁ ସମାଜର ମଙ୍ଗଳରେ ବା କଲ୍ୟାଣରେ ବ୍ୟବହାର କରେ, ତେବେ ତାହା ତା' ବୌଦ୍ଧିକତାର ମାନବୀୟ ପରିଚୟ । ଜଣେ ସଫଳ ନାରୀ ଯଦି ଅନ୍ୟ ନାରୀଙ୍କୁ ଆଗକୁ ବଢ଼ିବାର ସୁଯୋଗ ଦିଏ, ତେବେ ତାହା ଆଧ୍ୟାତ୍ମିକ ମୂଲ୍ୟାୟନର ଫଳଶ୍ରୁତି । ଏହି ଉଭୟ ଉପାଦାନର ଉପସ୍ଥିତିରେ ହିଁ ଗଢ଼ିଉଠିପାରେ, ଏକ ସମ୍ବେଦନଶୀଳ ଓ ସଶକ୍ତ ସମାଜ ।

ଏହି ନୂତନ ସମୀକରଣରେ ନାରୀ ନିଜର ଅସ୍ତିତ୍ୱକୁ ହରାଇ ଆଧୁନିକ ହୁଏ ନାହିଁ, ବରଂ ନିଜକୁ ଅଧିକ ଗଭୀର ଭାବେ ଆବିଷ୍କାର କରି ଆଧୁନିକ ହୁଏ । ତା' ଜ୍ଞାନରେ ଯଦି ବିବେକ, ସଫଳତାରେ ଯଦି ସମ୍ବେଦନଶୀଳତା ଓ ସ୍ୱାଧୀନତାରେ ଯଦି ନିୟନ୍ତ୍ରଣ ଓ ଦାୟିତ୍ୱବୋଧ ଯୋଡ଼ିହୁଏ, ତେବେ ସେ କେବଳ ନିଜ ଜୀବନକୁ ନୁହେଁ, ଆଗାମୀ ପିଢ଼ିଙ୍କୁ ତଥା ସମଗ୍ର ସମାଜର ଭବିଷ୍ୟତକୁ ମଧ ନୂତନ ଆଲୋକରେ ଆଲୋକିତ କରିପାରେ । ନାରୀର ସାର୍ଥକ ବିକାଶ ସେତେବେଳେ ହିଁ ସମ୍ଭବ, ଯେତେବେଳେ ଯୁକ୍ତି ତା'ର ଚିନ୍ତାକୁ ଆଲୋକିତ କରିବ ଏବଂ ମୂଲ୍ୟବୋଧ ତା'ର ପଥକୁ ଦିଗଦର୍ଶନ ଦେବ । ତେଣୁ ଆଧ୍ୟାତ୍ମିକତାକୁ ଅତୀତର ଅନ୍ଧ ପରମ୍ପରା ଭାବେ ଏବଂ ବୌଦ୍ଧିକତାକୁ ମୂଲ୍ୟବୋଧଶୂନ୍ୟ ଆଧୁନିକତା ଭାବେ ଦେଖିବା ଉଚିତ ନୁହେଁ ।

ସମ୍ପ୍ରତି ନାରୀ ପାଇଁ ଆହ୍ୱାନ ହେଉଛି, ଆଧ୍ୟାତ୍ମିକତା ଏବଂ ଆଧୁନିକତାକୁ ପରସ୍ପର ବିପକ୍ଷରେ ଠିଆ ନକରାଇ, ଉଭୟକୁ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ ଏକତ୍ର ନେଇ ଏକ ସୁସ୍ଥ ଓ ସନ୍ତୁଳିତ ଜୀବନ ଦର୍ଶନ ସୃଷ୍ଟିକରିବା । ଉଭୟର ସମନ୍ୱୟରେ ସୃଷ୍ଟ ସମୀକରଣ ଯେତେ ଦୃଢ଼ ହେବ, ଏ ସମାଜ ସେତେ ସମୃଦ୍ଧ ହେବ । ତେଣୁ ପ୍ରକୃତରେ ସେ ହିଁ ଆଧୁନିକ ନାରୀ, ଯିଏ ନିଜର ବାସ୍ତବତାକୁ ବା ମୂଳକୁ ଚିହ୍ନି, ଚୂଳକୁ ଛୁଇଁବାର କ୍ଷମତା ଏବଂ ମାଟିକୁ ଚୁମି, ଅକାଶରେ ଉଡ଼ିବାର ସତ୍ସାହସ ରଖେ ।ଈଈ

+ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ, ସେକ୍ଟର – ୬, ରାଉରକେଲା
ମୋ: ୭୯୭୮୪୪୯୨୧୮

# ହଜାର ବର୍ଷର ସହର : ଅସୁରକ୍ଷିତ ସରକାରୀ ସଂପତ୍ତି !!

## ଡାକ୍ତର ରବି ରଞ୍ଜନ ସାହୁ

ହଜାର ବର୍ଷର ସହର ଭାବେ କଟକର ପରିଚିତି କେବଳ ଓଡ଼ିଶା ଭିତରେ ନୁହେଁ ଭାରତ ଓ ଭାରତ ବାହାରେ ମଧ । ପୃଥିବୀରେ ଦୁଇ ଦୁଇଟି ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳରେ ଏପରି ବିକଶିତ ଓ ପ୍ରାଚୀନତମ ସହର କ୍ୱଚିତ ରହିଛି । ଦିନକୁ ଦିନ ସହରର କାୟା ବଢୁଛି । ଅନେକ ବିଭିନ୍ନ ଜିଲ୍ଲାର ଏପରିକି ରାଜ୍ୟର ଲୋକମାନେ କଟକରେ ଘରଦ୍ୱାର କରି ପିଢ଼ି ପିଢ଼ି ଧରି ରହିଲେଣି । ଜନସଂଖ୍ୟା ଯେଉଁପରି ଭାବେ ଦିନକୁ ଦିନ ସହରକୁ ବଢ଼ାଉଛି ଏହି କ୍ରମରେ ବେସରକାରୀ ଜମିର ଚାହିଦା ବଢ଼ିବା ସ୍ୱାଭାବିକ । ତେବେ ଦୁର୍ଭାଗ୍ୟର କଥା ସରକାରୀ ଜମି ଉପରେ କିଛି ଯୋଜନାବଦ୍ଧ, ଅସାମାଜିକ ତଥା ଜମି ମାଫିଆ କଳେବଳେ କୌଶଳେ ଏହାକୁ କରାୟତ୍ତ କରି ଅତି ଉଚ୍ଚମୂଲ୍ୟରେ ଅନ୍ୟମାନଙ୍କୁ ବିକ୍ରି କରୁଛନ୍ତି । କଥା କେବଳ ସେତିକି ନୁହେଁ ସରକାରୀ ଜମିକୁ ଗୋଟିଏ ଜମି ଅନେକ ଲୋକଙ୍କ ନାଁରେ ରେଜିଷ୍ଟ୍ରି ହେଉଥିବାର ଏବଂ ସେ ଲୋକମାନଙ୍କର ହଇରାଣ ହୋଇ କୋର୍ଟ କଚେରୀ ଦୌଡୁଥିବାର ଖବର ପ୍ରାୟତଃ ଗଣମାଧ୍ୟମରେ ପ୍ରକାଶ ପାଉଛି । ଅର୍ଥ ଓ ସମୟ ଉଭୟକୁ ହରାଇ ଜଣେ ଜଣେ ଲୋକ ନିସ୍ୱ ହୋଇଯାଉଛନ୍ତି, ପରିବାର ଉଚ୍ଛନ୍ନ ହୋଇଯାଉଛି ଏବଂ ଗୋଟିଏ ଗୋଟିଏ କ୍ଷେତ୍ରରେ ଟଙ୍କା ହରାଇଥିବା ଲୋକଟି ଆତ୍ମହତ୍ୟା କରିବାକୁ ପଛାଉ ନାହାଁନ୍ତି ।

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ ହେବାପରେ କଟକରେ ଅନେକ ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ ହେଉଛି । ତେବେ ଅସଲ ଅଘଟଣକୁ ସରକାର ଓ ପ୍ରଶାସନ ସମ୍ଭବତଃ ଭୁଲି ଯାଉଛନ୍ତି । ଗତ କେତେ ବର୍ଷ ହେଲା ସହରାଞ୍ଚଳରେ ଜମିର ମୂଲ୍ୟ ବଢ଼ିଯିବାରୁ ସରକାରୀ ଜମି ଉପରେ ନ୍ୟସ୍ତସ୍ୱାର୍ଥ ଜମି ମାଫିଆଙ୍କର ନଜର ପଡ଼ିଛି । ଯେ କୌଣସି ଜାଗାରେ ସରକାରୀ ଜମି ଅଛି ତାକୁ କଳେବଳେ କୌଶଳେ ଦଖଲ କରିବା ଏବଂ ତାକୁ ବେଆଇନ ଭାବେ ସାଧାରଣ ଲୋକଙ୍କୁ ବିକ୍ରି କରିବାର ବହୁ ଦୃଷ୍ଟାନ୍ତ ରହିଛି । ଏହି କାର୍ଯ୍ୟରେ ରାଜସ୍ୱ ବିଭାଗର କର୍ମଚାରୀ, ସ୍ଥାନୀୟ ପୁଲିସ ସଂପୃକ୍ତି ରହି ଆର୍ଥିକ ଫାଇଦା ଉଠାଉଛନ୍ତି । ଭାତ ହାଣ୍ଡିରୁ ଗୋଟିଏ ପରି ଏବେ ଗୋଟିଏ ଜମି ସଂପର୍କରେ ମୁଁ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଛି । କଟକ ସହର ଖାନନଗରସ୍ଥିତ ନେତାଜୀ ବସ ଟର୍ମିନାଲ ପାଇଁ ରାଜ୍ୟ ସରକାର ଅନେକ ଜମି ଗ୍ରହଣ କରିଥିଲେ ଏବଂ ପ୍ରାୟ ପାଖାପାଖି ପାଞ୍ଚ ଏକର ଜମି ବଳି ପଡ଼ିଥିଲା ତାହା ଫାଙ୍କା ପଡ଼ିଥିଲା । ସେଇ ସବୁ ଜମିକୁ ରାଜ୍ୟ ସରକାର ଅନାବାଦି ଘୋଷଣା କରିଛନ୍ତି । ତେବେ ଅନାବାଦି ଜମିର ମାଲିକ ହେଲେ ରାଜ୍ୟ ସରକାର । ଏହି ଜମିକୁ ଆବାଦ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷ ତାକୁ ତାରବାଡ଼ ଦେଇ ଘେର କରିଥିଲେ ଏବଂ ଗେଟ ଲଗାଇ ଥିଲେ କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହି ଜମିକୁ କିଛି ଜମି ମାଫିଆ ନିଜ ଦଖଲକୁ ନେଇ କନା ଘେରେଇ ଗୃହ ନିର୍ମାଣ କରୁଛନ୍ତି । ଏ ଦିଗରେ କଟକ ଉନ୍ନୟନ କର୍ତ୍ତୃପକ୍ଷ ଏବଂ କଟକ ମହାନଗର ନିଗମର ଅଧିକାରୀ ମାନେ କିପରି ଜାଣି ପାରୁନାହାଁନ୍ତି ତାହା ସାଧାରଣ ଲୋକଙ୍କୁ ଆଶ୍ଚର୍ଯ୍ୟ ଲାଗୁଛି । ଏହି ମୂଲ୍ୟବାନ ଜମିକୁ ସୁରକ୍ଷା ଦେବା ସରକାରଙ୍କ କର୍ତ୍ତବ୍ୟ ହୋଇଥିଲେ ମଧ ଅଧିକାରୀମାନେ କୁମ୍ଭକର୍ଣ୍ଣ ନିଦ୍ରାରେ । ନଗର ଉନ୍ନୟନ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବା ନିହାତି ଆବଶ୍ୟକ ।

ସରକାରୀ ଜମିର ସୁରକ୍ଷା ଏବଂ ଏହାକୁ ହାତେଇ ଥିବା ଲୋକମାନଙ୍କ ବିରୁଦ୍ଧରେ ବିଭିନ୍ନ ହାଇକୋର୍ଟ ଓ ମାନ୍ୟବର ସୁପ୍ରିମକୋର୍ଟଙ୍କ କଠୋର ଆଇନଗତ ଚେତାବନୀ ଓ କାର୍ଯ୍ୟାନୁଷ୍ଠାନର ରାୟର ନଜିର ରହିଛି । ତେବେ ସରକାରୀ ସମ୍ପତ୍ତି ଯେଉଁଠି ଲୁଟ ହେଉଛି ଏ ସମ୍ପର୍କରେ ମାମଲା ଗଣମାଧ୍ୟମରେ ପ୍ରକାଶ ପାଇଲା ପରେ କ୍ୱଚିତ କ୍ଷେତ୍ରରେ କୋର୍ଟ କଚେରୀ ପର୍ଯ୍ୟନ୍ତ କଥା ଯାଇଥାଏ । ତେବେ ଏ କ୍ଷେତ୍ରରେ ଆବେଦନକାରୀଙ୍କ ଜୀବନ ମଧ ବାଜିରେ ପଡ଼ିଥାଏ । ସରକାର ନିଜ ଜମି ହରାଇ କହିବାକୁଗଲେ ନିଜ ଗୋଡ଼ରେ ହିଁ କୁରାଢ଼ି ମାରୁଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରଥମତଃ ଆଇନର ସମ୍ମାନ ରହୁନି, ଦ୍ୱିତୀୟତଃ ସରକାରୀ ଜମି ଅସାମାଜିକଙ୍କ ହାତକୁ ଯିବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଶାନ୍ତି ବ୍ୟାଘାତ ହୁଏ, ଏହା ସହିତ ବିଶୃଙ୍ଖଳା ସୃଷ୍ଟି ହେବା ସହିତ ଆଇନଗତ ଅରାଜକତା ଦେଖାଯାଏ । ସବୁଠାରୁ ବଡ଼ କଥା ହେଉଛି ସରକାର ନିଦାବିଷ୍ଟ ସାଜିଥିବାରୁ ରାଜସ୍ୱ ମଧ ହରାଇଥାନ୍ତି । ଉତ୍ତରପ୍ରଦେଶ, ଆସାମ, ମହାରାଷ୍ଟ୍ର, ଗୁଜୁରାଟ ପରି ବିଭିନ୍ନ ରାଜ୍ୟରେ ସ୍ଥାନୀୟ ସରକାର ସରକାରୀ ସମ୍ପତ୍ତିକୁ ହାତେଇ ଥିବା ଲୋକମାନଙ୍କ ପାଇଁ ଯେପରି ବୁଲଡୋଜର ନ୍ୟାୟ ଆପଣାଉଛନ୍ତି ସମ୍ଭବତଃ ଓଡ଼ିଶା ପାଇଁ ସେହିପରି କଠୋରରୁ କଠୋରତମ ଆଇନ ଦରକାର । ଗୋଟିଏ କ୍ଷେତ୍ରରେ ନିଜ ଜୀବନ କାଳ ଭିତରେ ଅନେକ କଷ୍ଟ କରି ଜାଗା ଖଣ୍ଡିକ ପାଇଁ ବେସରକାରୀ ଜମି କିଣିବା ପାଇଁ ଜଣେ ଅକ୍ଷମ ହେଉଥିବାବେଳେ ସରକାରୀ ଜମିକୁ ନିଜ ଦଖଲକୁ ନେଇ ସେ ପୁଣି କେଉଁ ଉପାନ୍ତ ବା ଅଗମ୍ୟ ଅଞ୍ଚଳ ନୁହେଁ କଟକ ପରି ସହରର ମୁଖ୍ୟ ଅଞ୍ଚଳ କୁହାଯାଉଥିବା ଖାନନଗର ପରି ସ୍ଥାନର ! ତେଣୁ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ସରକାରୀ ଜମିକୁ ନିଜ ଅକ୍ତିଆରକୁ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ବାଞ୍ଛନୀୟ ।

+ସଭାପତି, କଟକ ମହାନଗର ନାଗରିକ ମହାସଭା,
ମୋ: ୯୪୩୭୩୧୦୧୭୧

କବିତା କୋଣାର୍କ

## ଝରା ଶେଫାଳୀ ମୁଁ

### ତୃପ୍ତିରାଣୀ ପାତ୍ର



ଶ୍ରାବଣର ପରେ ଶରତ ଶିଶିରେ
ଫୁଟେ ଗଙ୍ଗଶିଉଳି ଆଃ କିସୁନ୍ଦରେ
ଶାନ୍ତସ୍ନିଗ୍ଧ ସୁଶୀତଳ ସମୀରରେ
ଆନନ୍ଦ ବିଭୋର
ଅମା ଅନ୍ଧକାରେ ।

ସୂର୍ଯ୍ୟ ଦରଶନ ପାଇଁ ଅନ୍ତରରେ
ଅସୁମାରୀ ଆଶା
ବାନ୍ଧେ ହୃଦୟରେ
ତଥାପି କ୍ଷଣିକ ଆୟୁଷ କାଳରେ
ନ ଚୁମେ ଦେବଙ୍କ ପଦରାବିନ୍ଦରେ ।

ଏହା କି ବିଚାର ମୋ ପାଇଁ ସତରେ
ମାନ ଅଭିମାନ ରଖେନା ପାଶରେ
କ୍ଷଣ ଭଙ୍ଗୁର ଏ ଅସାର ସଂସାରେ
ଖୁସିରେ ବିତରେ ସୁଗନ୍ଧ ଅତରେ ।

ଆକର୍ଷଣ ଭରା ଶୁଭ୍ର କମଳାରେ
ଶାନ୍ତି ମୈତ୍ରୀ ପ୍ରୀତି ଭାବ ବହନରେ
ଅହିଂସା ମନ୍ତ୍ରର ଜୟଗାନ କରେ
ସଭିଙ୍କର ମନ ମୋହିନିଏ ଧୀରେ ।

କୋମଳ ନରମ ରଙ୍ଗ ପାଖୁଡ଼ାରେ
ଫୁଟି ଝରିପଡ଼େ ରଜନୀ ଶେଷରେ
ରଜନୀରାଣୀ ମୁଁ ଶଶାଙ୍କ ତେଜରେ
ଶୀତଳ ସମୀରେ ବାସ ମୋ ବିତରେ ।

କ୍ଷଣ ଭଙ୍ଗୁର କ୍ଷୁଦ୍ର ପୁଷ୍ପ ନାମରେ
କ୍ଷଣ ଆୟୁଷରେ ଦୁଃଖ ମୁଁ ନକରେ
କ୍ଷୀଣ ଆଲୋକେ ଖଦ୍ୟୋତ ମହୀରେ
ଆପଣା ମହତ ପ୍ରକାଶ ଯେ କରେ ।

କ୍ଷୁଦ୍ର ଜୀବ କ୍ଷୁଦ୍ର ଉଦ୍ଭିଦ ଫୁଲରେ
ଶୋଭା ବିଭବରେ ପୁଲକିତ କରେ
ବିଭୁକୃପା ଦାନେ ଶରତ ବାସରେ
ବାର୍ତ୍ତା ଦିଏ ନର ପ୍ରକୃତି ପ୍ରେମରେ ।

+ ସହଦେବଖୁଣ୍ଟା, ବାଲେଶ୍ୱର

## ଦୀଘା କେତେ ମନେପଡ଼େ

### ନୀଳମଣି ଚାନ୍ଦ

ଆଜି ବି ଦୀଘାର ବେଳାଭୂମି ଡାକେ
ସମୀରର ସୁରେ ଗାଇ
ଫେନିଳ ସାଗରେ ଉଠଇ ଲହଡ଼ି
ସତେ ଅମାନିଆ ହୋଇ ।


ସେଦିନ ଲେଖିଲି ଝାଉଁବଣେ ବସି
ମନଛୁଆଁ ଗୀତଟିଏ
କେତେ ତ ଆସିଲେ ଚାହିଁ ଫେରିଗଲେ
ହେଲେ ଗାଇଲେନି କିଏ
ଶେଷେ ତୁମେ ଆସି ଗାଇଲ ସେ ଗୀତ
ଆଜି ଯାଏ ଭୁଲି ନାହିଁ ।

ସଞ୍ଜୁତି ଜାଳି ସଞ୍ଜୁଆ ତାରାଟା
କହୁଥିଲା ମୋତେ ଠାରି
ସ୍ମୃତିଫେରିଲେଣି ନିରୋଳା ଏ ଥାନ
ବସନାହିଁ ମନମାରି
ସତ ହୋଇଯିବ ସପନ ସବୁରେ
ଦୁଃଖୀ ହୁଅନି କା' ପାଇଁ ।

ଭାବୁଛି ଦୀଘାରେ ଯିବି ଆଉ ଥରେ
ଚାହିଁବି ବସି ତା ପଥ
କହିବ ସେ ଆସି ମୋ ପାଇଁ ଗୀତଟି
ଲେଖିଚାଲ ଅବିରତ
ଝାଉଁବନ କୋଳେ ମୁଁ ହସିବି ଖାଲି
ନୀଳସାଗରକୁ ଚାହିଁ ।

+ ମନ୍ଧ ମାନୋର,
ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

## କାଶତଣ୍ଡୀ
### କ୍ଷଣପ୍ରଭା ଧଳ



ନଭମଣ୍ଡଳେ ନୀଳିମାର ନୃତ୍ୟ,
ମେଘପଟଳେ ସୁବର୍ଣ୍ଣ ଆଭା,
ସୂର୍ଯ୍ୟ କିରଣର ସ୍ନିଗ୍ଧ ସ୍ପର୍ଶେ
ଜାଗିଉଠେ ଧରଣୀର ଶୋଭା।
ଶିଶିର ବିନ୍ଦୁ ଘାସର ଅଧରେ
ମୁକୁତା ପରି ହସେ ନିରବେ,
ପ୍ରକୃତିର ବୀଣାରେ ଶରତର ସୁର,
କିଏ ବଜାଏ ପ୍ରତିଟି ଅନ୍ତରେ ?
କାଶତଣ୍ଡୀ, ହଁ କାଶତଣ୍ଡୀ...
ତା'ର ଶୁଭ୍ର ଶିରୀଷ-ହସ,
ନଦୀ ତଟେର ଚେରୂପେଲି କଥା,
ମୃଦୁ ସମୀରଣର ମୂର୍ଚ୍ଛନା ତାଳେ
ଦୋଳାୟମାନ ତା'ର ଶୁଭ୍ରତାର ଗାଥା।
ଅସ୍ତଗାମୀ ସୂରୁଜର ରକ୍ତିମ କିରଣେ
କାଶତଣ୍ଡୀ ଦେଖେ ଅରୁଣ ରୂପ,
ନିର୍ମଳ ସରସୀର ସ୍ୱଚ୍ଛ ଜଳେ
ଝଲସି ଉଠେ ତା'ର ଶୁଭ୍ର ସ୍ୱରୂପ।
ଯେବେ ଶୁଭେ ଆଶ୍ୱିନର ଶଙ୍ଖ ଧ୍ୱନି,
କାଶତଣ୍ଡୀ ସଜାଏ ନିଜକୁ
ଆଲଟ ଚାମରେ,
ସ୍ୱାଗତ କରିବାକୁ
ଜୟମା' ଦୁର୍ଗତି ନାଶିନୀଙ୍କୁ।

+ କଚେରୀରୋଡ, ବାଲେଶ୍ୱର
ମୋ: ୭୦୦୮୪୯୦୭୧୯

## ଉଛୁଳା ନଈର ଗତି
### ସୁହଂସ ଭୋଇ



ହୃଦୟ ପରିଧି ଭିତରୁ ବାହାରି
ଯିବ ଯଦି ଯାଅ ଫେରି
ମୋ ଦାଣ୍ଡ ଦୁଆର ଖୋଲା ତ ରହିଛି
ସକାଳରୁ ସଞ୍ଜ ଧରି।
ଫୁଲଟିଏ ହୋଇ ଫୁଟିଥିଲ ଦିନେ
ଶୁଖିଲା ଶାଖାରୁ ଉଠି
ତୁମ ସୁରଭିରେ ବାସୁଥିଲା ମୋର
ଜୀବନ ବାଟିକା ଗୋଟି।
ମିଠା ବୋଲି ଯାହା କହୁଥିଲ ଏବେ
ଖଟା ଲଗିଲା କି ପ୍ରୀତି
ଅନ୍ଧାର ଦିଶୁଛି ଆଖିକୁ ତୁମର
ତୋଫା ଗୋରା ଜହ୍ନରାତି।
ଶୁଖିଛି କି ତୁମ ଉଛୁଳା ପ୍ରେମର
ମନ୍ଦାକିନୀ କୂଳବତୀ
ମନ କଥା ଖୋଲି କୁହ କି ନ କୁହ
ବଦଳିଛି ପଥ ଗତି।
ପାପୁଲିରୁ ନେଇ ପାଟିରେ ରଖିଲେ
ମିଠା ଲାଗୁଥିଲା ମାଟି
କାହିଁକି ଯେ ଆଜି ନ ବୁଝି ବିଚାରି
ସେ ହାତକୁ ଦିଅ କାଟି।
ଯାହା ଦେଇଥିଲ ନେବ ଯଦି ନିଅ
ଛାଡ଼ି ଯାଅ ସ୍ମୃତି କିଛି
ଶୋଇ ଯିବି ସେଇ ସ୍ମୃତିର ଛାତିରେ
ମଥାଯାକି ଲୁହ ପୋଛି ।

+ ପହଣ୍ଡି, ବିଜେପୁର, ବରଗଡ଼
ମୋ: ୯୪୩୭୫୨୨୪୫୫

## ଜେନ୍ ଜି - ୨
### ବୃନ୍ଦାବନ ଦାସ



କେହିଜଣେ କହିଦେଲା ବୋଲି
ସେଇ ନାମରେ
କ୍ରୋଧମାନେ ନିଜକୁ କକ୍ରୋଚ୍ ସଜେଇ
ଏକଜୁଟ ହେଲେ ଦଳଟିଏ କଲେ
ଅସରପା ସାଜିବାରେ
ଗର୍ବିତ କହି ରାସ୍ତାରେ ଏକାଠି ହେଲେ ।

ଚାଲ, ଜନ୍ତର ମନ୍ତର
ସବୁ ପ୍ରକାର ଫନ୍ଦିଫିକର କରି ଉସକେଇବାକୁ
ପହଞ୍ଚିଗଲେ ତଥାକଥିତ ଜନନେତା ଗଣ
ସମର୍ଥନ, ଉଦବୋଧନ, ଗାଳି
ପରିବର୍ତ୍ତନ ଓ ବିପ୍ଳବର ନାରାଦେଇ
ଉଭାନ୍ ହେଲେ
ଅସରପାମାନେ ରାମରାଜ୍ୟର ପ୍ରତିଷ୍ଠା ପାଇଁ
ଅଡି ବସିଲେ ।

ପକ୍ଷ ଧୈର୍ଯ୍ୟ ପରଖିଲେ
ବିରୋଧୀ କୁମ୍ଭୀର କାନ୍ଦଣା କାନ୍ଦି
କେତେବେଳେ
ଆନ୍ଦୋଳନକୁ ହାଇଜାକ୍ କରିନେଲେ ଯେ
ମିଳିଗଲା ଗୋଟେ ମୁଦା
ସତ୍ତାଧାରୀକୁ ଧୂଳି ଚଟେଇବା ।

କ୍ରୋଧ ନିଆଁଠୁ ବି ଭୟଙ୍କର
ନିଆଁ ବାହାରକୁ ଜାଳେ କ୍ରୋଧ ଭିତରକୁ ଜାଳେ
ତା'ଠୁ ଅଧିକ କକ୍ରୋଚ୍ କ୍ରୋଧରେ ଜଳିଲେ
ପ୍ରତିପକ୍ଷର ଅସହିଷ୍ଣୁତା
ବେଳ ଦେଖି ବାରୁଦରେ ନିଆଁ ଲଗେଇଲା ।

କକ୍ରୋଚ ମାତିଲେ ଆଗକୁ ବଢିଲେ
ତା' ସାଙ୍ଗକୁ
କ୍ଷମତା ହରେଇବାର ବର୍ଷ ବର୍ଷର ନିରାଶା
ସତ୍ତା ବିରୋଧୀ ପକ୍ଷ, ଦେଶ ବିରୋଧୀ ତତ୍ତ୍ୱ
ଦୀପରେ ଘିଅଢାଳି ତେଜିଲେ ଯେ
ଲାଗିଲା ନିଆଁ, ବାରିକେଡ୍ ଭାଙ୍ଗିଲା
ଚାଲିଲା ୱାଟର କାନନ୍ ପେଲେଟ୍ ଗନ୍
ଦୀର୍ଘ କାଳର ସାଇତା ଅସନ୍ତୋଷ ସବୁ
ବଢିଲେ ଲଢିଲେ ଜିତିଲେ
କି ହାରିଲେ ତା' ସମୟ କହିବ ।

ଶାସକର ନିଦ ଭାଙ୍ଗୁ ଠିକ୍
ଶୋଇଥିବା ତାରୁଣ୍ୟ ଜାଗିଉଠୁ ଠିକ୍
ହେଲେ ଦେଶ ନଭାଙ୍ଗୁ
ଚିହ୍ନାପଡୁ ଅସଲି ନକଲି ଜେନ୍ ଜିର ମୁହଁ
ଶାସକ ଯୁବକମୁହାଁ ହେଉ
ତାରୁଣ୍ୟ ହିଁ ଦେଶ ଗଢିବାର ଶକ୍ତି
ଦେଶ ତାକୁ ଚିହ୍ନୁ ଦେଶକୁ ସେ ଚିହ୍ନୁ ।

+ ଈଶ୍ୱର , ପ୍ଲଟ୍ ନଂ - ୬୫/୨ ,
୨ୟ ମହଲା,( ଷ୍ଟାର ହେଲଥ ଇନସୁରାନ୍ସ
ଅଫିସ୍ ନିକଟ), କପାଳେଶ୍ୱର
କେନ୍ଦ୍ରାପଡା - ୭୫୪୨୫୦
ମୋ - ୯୭୭୭୮୪୩୦୩୧

## ଶରତେ କାଶତଣ୍ଡୀ
### ମନୋଜ କୁମାର ମେହେର

ଶୁଭ୍ର ବେଶଧରି ଆସେ କାଶତଣ୍ଡୀ
ଆନନ୍ଦରେ ଶରତରେ,
ତାର ରୂପ ଶୋଭା ଅତି ମନଲୋଭା
ସଭିଙ୍କର ମନ ହରେ।
ଶରତେ ମରତ ଲାଗଇ ସୁନ୍ଦର
ସବୁଜ ଧରଣୀ ରାଣୀ,
ନଈ କୂଳ ପଟେ କାଶତଣ୍ଡୀ ଶୋଭା
ମନକୁ ନିଅଇ କିଣି।
ପବନରେ ଯେବେ ଦୋଳି ଖେଳୁଥାଏ
ସତେ କି ଭସା ବାଦଲ,
ହୁଏ ପ୍ରଫୁଲ୍ଲିତ କରେ ଆନନ୍ଦିତ
ଯଦି ବା ତା ସ୍ୱଳ୍ପ କାଳ।
ମାଆ ଦଶଭୁଜା ଆସିବେ ଶରତେ
ହୋଇବ ତାଙ୍କରି ଜାତ,
ଚାହିଁଛି ଅନାଇ ଶୁଭ୍ର କାଶତଣ୍ଡୀ
କରିବାକୁ ସୁସ୍ୱାଗତ।
ତୋ ରୂପ ଲାବଣ୍ୟ ନାହିଁ ତା ଉପମା
ସ୍ୱର୍ଗର କି ପାରିଜାତ,
ମତୁଆଲ କରେ ମାଦକତା ତୋର
ଖୁସିରେ ନାଚେ ଶରତ।

+ବଣ୍ଡାକୁଟୁରା, ଜୁନାଗଡ଼, କଳାହାଣ୍ଡି
ମୋ ୯୩୩୭୭୯୩୧୫୭

## ଭଗବାନ କେଉଁଠି ?
### ବିନୋଦ ମହାରଣା



କେଉଁଠି ରହିଲ ଭଗବାନ
ନେପାଳ ପ୍ରଳୟେ ଚିତ୍କାର ମାଳେ
ମିଳିଲାନି ତୁମ ଦରଶନ
ବହିଗଲା କେତେ ମଣିଷର ଶବ
କାହା ନ ମିଳିଲା ପରିଚୟ
ତଥାପି ଏ ମୂଢ଼ ମଣିଷ
ଖୋଜୁଛି ତୁମ ପାଶେ ରଖି ନିଜ ଲୟ।

ତ୍ରିଶୂଳୀ ନଦୀର କାଳ ଢେଉ
ଭାସିଗଲା କୋଠା, ସହର ଓ ଗାଁଆ
କେତେ ଭୟଙ୍କର ଜଳ ଦାଉ
ପୁଅ ଦେଖିଲାନି ମାଆର ମୁହଁକୁ,
ମୂଳପୋଛ ହେଲେ ପରିବାର
ମାଟି, ପଥରର ଭୀଷଣ ପ୍ରବାହେ,
ପ୍ରକୃତିର କେତେ ଅବିଚାର।

ମରଣ ଆତଙ୍କ ତା'ର ବାହୁ
ନିମିଷେ ବିପତ୍ତି ଖାଇଗଲା
କେତେ ମଣିଷ ଜୀବନ ଚାହୁଁଚାହୁଁ
ବରଫ ଦାନବ ଭୀତି ବଳୟରେ
ଗ୍ରାସକଲା ବଡ଼ କଳେବର
ତାଣ୍ଡବ ଋତୁର କରୁଣ କାଳିମା
କିଏ କଲାଏତେ ଅବିଚାର ?

ପ୍ରଳୟ କୋଳରେ ନୀଳଘର
ତ୍ରିଶୂଳୀ ସୁଅରେ ଠିଆ ହୋଇଥିଲା
କୋଠା ଶକତିରେ ଖେଳୁଆଡ଼
କାହିଁ ଭାସିଗଲା କେତେ ବଡ଼ ଘର,
ହଲିଲା ନିତିଳେ ନୀଳ କୋଠା
କହିଲେ ସଭିଏଁ ହନୁମାନ ପ୍ରଭୁ,
ଭକତଙ୍କୁ କଲେ ଦେଖାରଖା।

ଘର ପରିବାର ଦେଖୁଥିଲେ
କୋଠା ଚାରିପଟେ ଧ୍ୱଂସର ପାହାଡ଼,
ଶବ ମାଳମାଳ ଭାସୁଥିଲେ
କେତେ ଦେବତାଙ୍କ ଫଟୋ ଭାସମାନ,
ପ୍ରଳୟ ସ୍ରୋତରେ ଲୋଟୁଥିଲେ
କେତେ ଭକତଙ୍କ ନୀରବ ଶରୀର
ଶତ ଅଟ୍ଟହାସ ରଚୁଥିଲେ।

ଯଦି ହନୁମାନ ଜଗତର
ହଜାର ଜୀବନ ଲୋଟିଲା ପଛକେ
ଦରଶନ ନାହିଁ ଦରଦର
କେତେଘରେ ପରା ପୂଜା ପାଉଥିଲେ
ସେହି ହନୁମାନ କାଳକାଳ
ଚାହିଁଲେନି ଆଡ଼ ଆଖିରେ ସେ ଦିଅଁ,
ପ୍ରଶ୍ନ ମୋର ଜାଗେ ବାରବାର।

ଅନ୍ଧ ଭାବନାର ଖେଳଘର
ବିଭ୍ରାନ୍ତ ବାତୁଳ ମଣିଷ ତଥାପି ନୁହେଁ
ସଚେତନ ଏକାଳରେ
ପଥର, କାଠର ଭଗବାନ ଧରି,
ଖୋଜୁଅଛି ଆଶ୍ରା ଜଗତରେ
ବାତ୍ୟା, ଭୂମିକମ୍ପ, ବନ୍ୟା,
ମହାମାରୀ ନିଏ ମଣିଷକୁ ଆରପାରି
ତଥାପି ମଣିଷ ଧରେ ଦେବତାଙ୍କୁ,
ଛାର ପ୍ରାଣଲାଗି ଡରି ମରି।

+ ଭୁବନେଶ୍ୱର
ମୋ: ୯୪୩୭୧୬୪୭୬୪

## ବନ୍ୟାନ୍ତର ଛାୟା
### ନୀଳାମ୍ବର ପଣ୍ଡା



ବନ୍ୟା ଫେରିଗଲା—
ତଥାପି ଫେରିନାହିଁ ଗାଆଁରେ
ସ୍ୱାଭାବିକ ଜୀବନର ଦିନ
ଭଙ୍ଗାଘର କାନ୍ଥରେ,ଦୁଆରବନ୍ଧରେ
ଉଜୁଡ଼ା ଅଗଣାରେ ଲାଗିରହିଛି
ନିରବତାରେ ବନ୍ୟାନ୍ତର ଚିହ୍ନ।

କାଦୁଆ ମାଟିରେ ଅଟକି ରହିଛି
ବନ୍ୟାକ୍ରାନ୍ତ ଜୀବନର
ଭାଗ୍ୟ ଓ ଭବିଷ୍ୟତ
ଧାନକ୍ଷେତର ଶୂନ୍ୟ ଛାତିରେ
ଶୁଖିଯାଇଛି ସବୁଜ ଶସ୍ୟର ସ୍ୱପ୍ନ,
ଭାତହାଣ୍ଡିର ଶୂନ୍ୟତାରେ
ଜମିଛି ଅଭାବର ନିରବ କ୍ଷତ।

ଯେଉଁ ନଦୀ ଥିଲା
ଗାଆଁର ଜୀବନଧାରା,
ସେ ନଦୀ ଆଜି ଛାଡ଼ିଯାଇଛି
ଅନାହାର, ଅଭାବ,ଦାରିଦ୍ର୍ୟ
ଓ ଅସହାୟତାର ଅଶ୍ରୁଧାରା।

ଚୁଲିରେ ଆଉ ଉଠେନାହିଁ
ପୁରୁଣା ଦିନର ଧୂଆଁ;
ମୁଠେ ଦାନା ପାଇଁ
ଭାତଥାଳିକୁ ଚାହିଁ ରହେ
ଭୋକିଲା ପେଟର ଆଁ।

ତଥାପି ଭୁଷୁଡ଼ି ପଡ଼ିଥିବା କାନ୍ଥ ତଳୁ
ମୁଣ୍ଡ ଟେକେ ସମ୍ଭାବନାର
ସବୁଜ ଅଙ୍କୁର;
ଭଙ୍ଗା ବାଡ଼ର ଫାଙ୍କ ଦେଇ
ପୁଣି ସୂର୍ଯ୍ୟ ଲେଖେ—
ମଣିଷ ଆତ୍ମପ୍ରତ୍ୟୟର
ଉଜ୍ଜ୍ୱଳ ଅକ୍ଷର।

ବନ୍ୟା ନେଇଗଲା ଅନେକ କିଛି—
ବାସ, ଶସ୍ୟ, ଜୀବନ ଓ ଜୀବିକା
କିନ୍ତୁ ନେଇପାରିଲା ନାହିଁ
ମାଟି ସହ ଜଡିତ ଥିବା
ମଣିଷର ଅଦମ୍ୟ ଆକାଂକ୍ଷା।

ଜଳ ଶୁଖିଯାଏ,
ଛାୟା ରହିଯାଏ—
ସ୍ମୃତିରେ, ମାଟିରେ,
ମଣିଷର ମନରେ;
ତଥାପି ସେଇ ଛାୟାକୁ ଭେଦି
ଜୀବନ ଧୀରେ ଧୀରେ
ପୁନଶ୍ଚ ଲେଖିଚାଲେ
ନିଜ ଆଗାମୀର ନୂତନ ଅଧ୍ୟାୟ।

+ ଭୁବନେଶ୍ୱର
(ମୋ) -୭୬୮୧୦୨୧୮୩୦

## ବର୍ଷା ଯେବେ ଝରୁଥିଲା
### ନୀରଦ ସୁନ୍ଦର ଜେନା

ବର୍ଷା ଯେବେ ଝରୁଥିଲା
ମୋ ଗାଁ ମାଟିରେ
ଗଜୁରି ଉଠୁଥିଲେ
ବିଶ୍ୱାସ ଭରସା ମାନେ
ଭିଜା ମାଟିର ବାସ୍ନାରେ
ହରିଆ,ସନିଆ ଆଉ ରାଧୁଆ ମାନେ
ସଜବାଜ ହେଉଥିଲେ
ମୁଣ୍ଡରେ ଗାମୁଛା ଭିଡି
ହାତରେ ପାଂଚଣ ଧରି
କଷରା ଘସରା ବଳଦଙ୍କ ସହ
ଯୁଝିବାକୁ ଜୀବନର ବାସ୍ତବତା।

ଆଜି କିନ୍ତୁ ହରିଆ ଆଉ
ହରିଆ ହୋଇନାହିଁ
ହରିଶ୍ଚନ୍ଦ୍ର ବାବୁ ସିଏ
ରାଧୁଆ ରାଧାଶ୍ୟାମ ଆଜ୍ଞା
ସନିଆ ବି ସମ୍ରାଟ ବନିଲାଣି ପରା !

କ୍ଷେତ ତ ଦିଶୁନି
କାରଖାନା ଇଟାଭାଟି
ପୂରିଲାଣି ସେଠି
ଭିଜାମାଟିର ବାସ୍ନା ନୁହେଁ
ଆକାଚାକା କରୁଛି
ଧୂମକୁଣ୍ଡଳୀର ଗନ୍ଧ।

ବର୍ଷା ଯେବେ ଝରୁଥିଲା
ଆମ ବାଡି ଅଗଣାରେ
ଦରପଚା ନଡାଚାଳରେ
କଳକଳ ଶବ୍ଦକରି ବହି ଯାଉଥିଲା ସୁଅଟିଏ
ଚାଳଗଡା ରକ୍ତାଭ ଆଭାରେ
ପାଠ କଥା ବୁଝୁଥିଲା କିଏ ଯେ
ଖାତା ବହି କାଗଜଡଙ୍ଗା ବନୁଥିଲା
କୁରୁଳି ଉଠୁଥିଲା ପ୍ରାଣ
ହାତପାଦ ନୃତ୍ୟର ଭିତରେ।
ଏବେ ତ ନର୍ଦ୍ଦମାର ଦୁର୍ଗନ୍ଧ
କଳାମିଚିଚି ବିଷାକ୍ତ ପାଣି
ଚାହିଁବାକୁ ବି ଭୟ।

ବର୍ଷା ଯେବେ ଝରୁଥିଲା
ମୋ ଦେହ ଉପରେ
ନେସି ଦେଉଥିଲା
ବହଳେ ଆତ୍ମୀୟତା ଆପଣା ପଣ
ଏବେ ତ
ଖୋଜିଲେ ବି ମିଳେନା
ଝୁରିଲେ ବି ପାଏନା
ସେଇ ମଧୁର ସଂଗୀତ
ଅନ୍ତରଙ୍ଗତା ବର୍ଷାର।

ସଂପାଦକ : ମୟୂର ସାହିତ୍ୟ ସଂସଦ,
ବେତନଟୀ,ମୟୂରଭଞ୍ଜ
ମୋ. -୯୮୬୧୩୪୮୫୨୩

## ମୁଁ ଛାର ଶାମୁକାଟିଏ
### ରମେଶ ଚନ୍ଦ୍ର ନାୟକ



ସାଗର ବେଳାରେ ଶାମୁକା ଟିଏ ମୁଁ
ମୋତେ ତୋଳି ନିଅ ନାହିଁ
ବାଲୁକା ଶଯ୍ୟାରେ ପଡ଼ିଥାଏ ମୁହିଁ
ପ୍ରଭୁ ଦରଶନ ପାଇଁ ।
କେତେ ପାଦ ଚିହ୍ନ ଦେଖୁଅଛି ମୁହିଁ
ଢେଉର ଆଘାତ ସହି
କେତେ ସୁଖ ଦୁଃଖ ଜୀବନ କାହାଣୀ
ଆଖି ମୋର ଦେଖୁ ଥାଇ ।

କାହିଁ ପାଇଁ ମୋତେ ତୋଳିକରି ହାତେ
ଆଦର କରନ୍ତି ଏତେ
ବୋଧହୁଏ ସିଏ ମୁକୁତା ଲୋଭରେ
ତୋଳିକି ନିଅନ୍ତି ମୋତେ ।
ସବୁ ଶାମୁକାରେ ମୁକୁତା ନ ଥାଏ
ନଜାଣିଲେ ଜାଣି ରଖ
ନିଜ ସ୍ୱାର୍ଥ ପାଇଁ ଅନ୍ୟ ପ୍ରାଣ ନେଇ
କିଶ ବା' ପାଉଛ ସୁଖ ।

ମୋ ଜୀବନ ଘର ଅଟେ ଏ ସାଗର
କର ନାହିଁ ବାସ ହୀନ
ନିଜ ଘରେ ଖୋଜ ମୁକୁତା ପାଇବ
ଶାମୁକାର ରଖ ପ୍ରାଣ ।
କର୍ମ ଯଦି ତୁମ ଶାମୁକା ତୋଳିବା
ତୋଳ ଯିଏପାର ସିଏ
ଆଶା ପୂର୍ଣ୍ଣ ହେଉ ପଛେ ପ୍ରାଣ ଯାଉ
ମୁଁ ଛାର ଶାମୁକାଟିଏ ।

+ କେଶରପୁର, ବକ୍ସି ବଜାର, କଟକ
ମୋ :- ୭୯୭୮୧୫୧୭୧୦

## ମିଳନ
### ଶୁଭଶ୍ରୀ ଜେନା

ତୁମେ ଆକାଶ, ମୁଁ ପୃଥିବୀ
ଅବଶ୍ୟ ଦୁହେଁ ଆମେ ମଉନ
ଅଥଚ ଆମ ଦୁହିଁଙ୍କ ଭିତରେ
ଏକ ନିବିଡ଼ତାର ସମ୍ପର୍କ,
ଦୁହେଁ ନିବିଡ଼ ଆତ୍ମୀୟତାରେ ମଗ୍ନ।

ଛଳନାର ପ୍ରବୃତ୍ତି ନା' ମୋ ପାଖେ
ନା' ତୁମେ କେବେ କରିଛ।
ହଁ, ଅକ୍ତିଆର କରନ୍ତି କେତେକ
ପୁଣି ନିୟତିର ନାମରେ ବନ୍ଧା,
ହୁଏ ପୁଣି ପରିବର୍ତ୍ତନ।

ତୁମେ ବି ତୁମ କର୍ତ୍ତବ୍ୟର ଦାସ
ଆଉ ମୁଁ ମଧ ସହିଥାଏ ମହୀତଳେ
ଯେତେ ସବୁ ଭାର।

ତୁମେ ତୁମ ବିଶାଳତାରେ
ହଜି ଯାଇନ କେବେ ମୁଁ ଜାଣେ।
ତୁମ ଭାବ, ତୁମ ମୂର୍ଚ୍ଛନାରେ
ତଲ୍ଲୀନ ଯେ ମୁଁ, ତୁମକୁ ପ୍ରାପ୍ତି କରେ
ସୂର୍ଯ୍ୟର ଚିକ୍‌ମିକ୍ କିରଣରେ,
ମୋ ଦେହରେ ଯେତେବେଳେ
ନେଶି ହୋଇଯାଏ ଫୁଲ ଆଉ ଫଳର ସମ୍ଭାର।

ତୁମେ ପୁଣି ଛୁଇଁ ଦିଅ ଆସି
ବାଦଲକୁ ଆଡେଇ ଦେଇ
ବର୍ଷାର ଝରଝର ମୋତି ଝରା ବର୍ଷାରେ
ଗାଧୋଇ ଦିଅ ରଜବତୀ ଅନ୍ଧାରୀ ରାତ୍ରିରେ।

ଆଉ ବା କିପରି ହୋଇଥାନ୍ତା
ପୃଥିବୀ ଆଉ ଆକାଶର ମିଳନ
କୁହୁଡ଼ିକୁ ଚିରି ପୁଣି କାକର ବୁନ୍ଦା
ମୋ ଉପରେ ଲାଗିଥାଏ ପରସ୍ତ ପରସ୍ତ
ଅନୁଭବ କରେ ତୁମ ଚିବୁକରେ କରୁଅଛ ସ୍ପର୍ଶ।

ଶୀତୁଆ ଶୀତୁଆ ସକାଳେ
ସୂର୍ଯ୍ୟର ନାଲି କିରଣ ଚାଦରେ
ଘୋଡ଼ାଇ ଦେଇ ଭରିଦିଅ ଯେତେ ସବୁ ଉଷ୍ମତା
କେମିତି କହିବି ପୃଥିବୀ ଆଉ
ଆକାଶର ହୋଇନି ମିଳନ ?

+ ଜଗତସିଂହପୁର
ମୋ: ୭୩୮୧୪୦୨୫୨୮

## ପ୍ରିୟତମା ପ୍ରୀତି ହସ
### ପ୍ରଶାନ୍ତ କୁମାର ଦାଶ



ଦହନ ତାତିରେ ଖୋଜୁଛି ଲୁହରେ
ପ୍ରିୟତମା ପ୍ରୀତି ହସ
କରିଦେବ ମୋର ସବୁ ଦୁଃଖ ଶେଷ
ପ୍ରେମରେ କରିବ ବଶ ।
ପ୍ରିୟତମା ପାଇଁ ହଜେଇ ଦେଇଛି
ନିଜ ଜୀବନର ସୁଖ
ରାତି ବନ୍ଧନରେ ଜଳାଉଛି ମତେ
ବିଚ୍ଛେଦ ଯାତନା ଦୁଃଖ ।

ଛଡ଼ାଇ ନେଇଛି ଅଦିନରେ ସବୁ
ଭାଗ୍ୟତ କପାଳୁ ମୋର
ପ୍ରୀତିର ଦୀପାଳି ଜାଳି ଜାଳି ଶେଷେ
ହୁଏ କେତେ ନାରଖାର ।
ତୁମେ ଭାସୁଥାଅ ବନ୍ଧନ ନଈରେ
ଉଠେ ମୋ ଛାତିରେ କୋହ
ଆବଦ୍ଧ ପଞ୍ଜୁରି ଭିତରେ ଥାଇ ମୁଁ
ଭୁଲି ପାରୁନାହିଁ ମୋହ ।

ମନପକ୍ଷୀ ଦିଏ ନିବିଡ ନିଶିରେ
ଅଦେଖା ପ୍ରୀତିର ପୀଡ଼ା
ଖସିଯାଏ ମୋର ଜୀବନ ପଥରୁ
ବୟସର କୃଷ୍ଣଚୂଡ଼ା ।

ପଥ ପରେ ପଥ ଚାଲୁଛି ଆଗକୁ
ଯିବାକୁ ଇଚ୍ଛାମୋ ବେଶୀ
କଜଳ ଆଖିରେ ସପନର ଅଶ୍ରୁ
ସୁଖ ସାଜେ ପରଦେଶୀ ।

+ କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦

## ମୁକ୍ତି କାମନା
### ସୁବାସ ଚନ୍ଦ୍ର ସାହାଣୀ



ଖୋଲି ଦିଅ, ଖୋଲି ଦିଅ ଏ ବେଡି ବନ୍ଧନ
ଅନୁଶାସନର ବନ୍ଧ, ବାଡ଼ ବତା,
ପଥ ପ୍ରତିରୋଧ ସକଳ ବ୍ୟବସ୍ଥା।
ପରିମିତ, ପରିସୀମା ରୁଦ୍ଧ, ବଦ୍ଧ ଜୀବନ
ଭଲ ଲାଗୁନାହିଁ, ଲାଗୁନାହିଁ, ଲାଗୁନାହିଁ
ମୋଟେରେ।

ଖୋଲିଦିଆ,ଖୋଲିଦିଅ ଏ ପଞ୍ଜୁରି ଶିକୁଳି,
ମିଛ ମିଛ ସମ୍ପର୍କର କେଳି, ମମତାର ଡୋରି।
ମୁକ୍ତିର ପାର୍ବଣ ପର୍ବ ପାଳିତ ପ୍ରହର ପଣରେ
ତନୁ ମନ ପଖାଳିବି ଉଷାର ପ୍ରଭାରେ
ଶିହରିତ ଶୀତଳ ସମୀରେ,
ପକ୍ଷ ମେଲି ବିହରିବି ଅନନ୍ତ ବକ୍ଷରେ
ମୁକ୍ତ ଅଙ୍ଗନରେ, ଆପଣା ଇଚ୍ଛାରେ।
ମୋ କାମନା, ବିମୁଗ୍ଧ ଭାବନା
ପ୍ରସରିବ ବେଳୁ ବେଳ, ପ୍ରହରୁ ପ୍ରହର
ନବ ନବ ଉଲ୍ଲାସ, ଉଚ୍ଛ୍ୱାସେ ।

ମୋ ଉର୍ଦ୍ଧ୍ୱ ଉଡାଣର ଉତ୍ସାହ, ଉଦ୍ଦାମ ଗତି
ଉନ୍ମାଦନାର ଉଚ୍ଛନ୍ନ ପଣରେ...
ମୁଁ ଭେଦିବି, ମେଘ ବାରିଦର ମାଳା
ମହାକାଶ ପ୍ରାଚୁର୍ଯ୍ୟ ମେଖଳା।

ଅନନ୍ତ ବିସ୍ତୃତ -
ପ୍ରକୃତିର ମନଲୋଭା ଦୃଶ୍ୟକୁ ଦେଖିବି,
ନଦ, ନଦୀ -ସମୁଦ୍ର ପର୍ବତ
ନୃତ୍ୟ ଚିତ୍ର ପରଖିବି,
ମୁଁ ଭ୍ରମିବି ଏକାନ୍ତ ଆଗ୍ରହେ
ମୁକ୍ତାକାଶ ପଥେ -
ଚିତ୍ତ ଉଲ୍ଲାସରେ .. ପ୍ରୀତି ଆବେଗରେ ।
ଅତିକ୍ରମୀ ନବ ନଭ ପରିସର
ଜଣାଇବି ମୁକ୍ତିବାର୍ତ୍ତା ପ୍ରଫୁଲ୍ଲ ମନର
ସୁହୃଦ୍ ସଂଜାତ -ସୁଖ ସମ୍ପଦ ଗାଥା
ଆତ୍ମିୟ ସୋଦରେ, ବନ୍ଧୁ ପରିଜନେ।
ଭକ୍ତି ପୂତ ଅର୍ଘ୍ୟଢାଳି ପରମ ଶ୍ରଦ୍ଧାରେ
ଜଣାଇବି ସ୍ରଷ୍ଟାର ନିକଟେ,
'ଧନ୍ୟ ପ୍ରଭୁ, ତମ ସୃଷ୍ଟି ବିଚିତ୍ର ବିଭବ
କି ବିରାଟ, କି ବିଶାଳ
ମହତ କଳା-କାରୁକାର୍ଯ୍ୟ
ଆଶ୍ଚର୍ଯ୍ୟ ବିଭୋରତାରେ ଭରପୁର
ଏ ଅନନ୍ତ ପରିସର !'

କି ଯେ ପୁଣ୍ୟତାରେ ପ୍ରାପ୍ତି ମୋର
ଏ ପକ୍ଷୀ ଜନ୍ମ, ପରମ ସୌଭାଗ୍ୟ !!'

ଶ୍ରୀହରି ଆଳୟ, ବାଂମୟ ନିଳୟ, ସାହିତ୍ୟ
ଚିରକାଳ, ସା-ବୋଇତାଳୁ ପାଟଣା
ମୋହନପୁର,ବିଞ୍ଝାରପୁର-୭୫୫୦୦୪
ଜିଲ୍ଲା-ଯାଜପୁର
(ମୋ)-୭୩୮୪୨୫୧୧୪୬ ।

# ଝାରସୁଗୁଡ଼ାରେ 'ସେବା ସଂକଳ୍ପ ଅଭିଯାନ-୨୦୨୬' ପ୍ରସ୍ତୁତି ସମୀକ୍ଷା

ଝାରସୁଗୁଡ଼ା,୨୧/୦୯ (ନି.ପ୍ର): ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରେ 'ସେବା ସଂକଳ୍ପ ଅଭିଯାନ-୨୦୨୬'କୁ ସଫଳତାର ସହ ରୂପାୟନ କରିବା ଉଦ୍ଦେଶ୍ୟରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଟଙ୍କଧର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରି ବିଭିନ୍ନ ବିଭାଗ ପକ୍ଷରୁ ହାତକୁ ନିଆଯାଇଥିବା କାର୍ଯ୍ୟକ୍ରମଗୁଡ଼ିକର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଛନ୍ତି। ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧି ଏବଂ ଜନସାଧାରଣଙ୍କ ମିଳିତ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବା ଉପରେ ବିଧାୟକ ଗୁରୁତ୍ୱାରୋପ କରିଛନ୍ତି।

ସମୀକ୍ଷା ଅନୁଯାୟୀ, ଆସନ୍ତା ସେପ୍ଟେମ୍ବର ୨୪ ତାରିଖ ମଧ୍ୟରେ ଜିଲ୍ଲା ଶିକ୍ଷା ଓ ମଙ୍ଗଳ ବିଭାଗ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ ପାଇଁ 'ସ୍ୱପ୍ନର ଭାରତ' ଶୀର୍ଷକ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ସେପ୍ଟେମ୍ବର ୨୧ରୁ ଅକ୍ଟୋବର ୫ ଯାଏଁ ପ୍ରତ୍ୟେକ ପଂଚାୟତର ଜନଗହଳିପୂର୍ଣ୍ଣ ସ୍ଥାନରେ ଜିଲ୍ଲା ସଂସ୍କୃତି ବିଭାଗ ଦ୍ୱାରା ପଥପ୍ରାନ୍ତ ନାଟକ ଏବଂ ସେପ୍ଟେମ୍ବର ୨୬ରୁ ଅକ୍ଟୋବର ୭ ପର୍ଯ୍ୟନ୍ତ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ 'ଅଙ୍ଗନ କା ଉତ୍ସବ' ଆୟୋଜନ କରାଯିବ। ଅକ୍ଟୋବର ୭ ସୁଦ୍ଧା ବିଭିନ୍ନ ବିଭାଗର ପ୍ରମୁଖ ୧୦ଟି ଲେଖାଏଁ ସଫଳତାର କାହାଣୀ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରଠାରେ ପ୍ରଦର୍ଶିତ ହେବ। ଏହି ବାସ୍ତବ ପରିବର୍ତ୍ତନର କାହାଣୀଗୁଡ଼ିକୁ ଡିଜିଟାଲ କଂଟେଂଟ କ୍ରିଏଟର ତଥା ସୋସିଆଲ ମିଡିଆ ଇନଫ୍ଲୁଏନସରଙ୍କ ଜରିଆରେ ସାର୍ବଜନୀନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ଅକ୍ଟୋବର ୭ ତାରିଖରେ କ୍ରୀଡ଼ା ଓ ଯୁବସେବା ବିଭାଗ ତରଫରୁ ଏକ ବିଶାଳ 'ସେବା ଜ୍ୟୋତି ଯାତ୍ରା' ପୁରୁଣା ବସଷ୍ଟାଣ୍ଡରୁ ବାହାରି ମଙ୍ଗଳବଜାର ଅଡିଟୋରିୟମ ପର୍ଯ୍ୟନ୍ତ ପରିକ୍ରମା କରିବ। ଏଥିରେ କଳସ ଯାତ୍ରା, ବିଭାଗୀୟ ସଚେତନତା ବିଜ୍ଞାପନ ମେଢ଼ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭବ୍ୟ ରଙ୍ଗୋଲି ପ୍ରସ୍ତୁତ କରାଯିବ। ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ୨୫ଟି ପ୍ରମୁଖ ସେବା କାର୍ଯ୍ୟକ୍ରମ ଚାଲୁ ରହିବ; ଯେଉଁଥିରେ ରକ୍ତଦାନ ଶିବିର, ଅନାଥାଶ୍ରମ ଓ ବୃଦ୍ଧାଶ୍ରମ ପରିଦର୍ଶନ, ପଂଚାୟତ ସ୍ତରରେ ସାମୂହିକ ଭାବେ ୫୪,୦୦୦ ବୃକ୍ଷରୋପଣ, ଗ୍ରାମ ପୋଷ୍ୟ ଗ୍ରହଣ, ସ୍ୱାସ୍ଥ୍ୟ ପରୀକ୍ଷା, ପ୍ଲାଷ୍ଟିକ ମୁକ୍ତ ଅଭିଯାନ, ଅଙ୍ଗଦାନ ସଂକଳ୍ପ ଏବଂ ସାଇବର ସୁରକ୍ଷା ଭଳି ଜନହିତକର କାର୍ଯ୍ୟ ଅନ୍ତର୍ଭୁକ୍ତ। ଏହାସହ ଏମଏସଏମଇ ବିଭାଗ ଦ୍ୱାରା ଶ୍ରେଷ୍ଠ ଇନୋଭେଟର ଓ ଷ୍ଟାର୍ଟଅପ୍ ପ୍ରଦର୍ଶନୀ, ଲାଇଭ୍ ଡେମୋ ସହ ଯୁବ ସମ୍ବାଦ ଆୟୋଜିତ ହେବ। ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବ୍ଲକ ସ୍ତରରେ 'ସେବା ସେତୁ' ଶିବିର ଜରିଆରେ ସରକାରୀ ଯୋଜନାର ସୁଫଳ ପହଂଚାଯିବ। ଏହି କାର୍ଯ୍ୟକ୍ରମକୁ ଆହୁରି ଗତିଶୀଳ କରିବାକୁ ପ୍ରତି ମାସର ପ୍ରତ୍ୟେକ ରବିବାର ପ୍ରଶାସନିକ ଅଧିକାରୀମାନେ ଗ୍ରାମବାସୀଙ୍କ ସହ ମିଶି ଗୋଟିଏ ଲେଖାଏଁ ଗାଁ ସଫେଇ କରିବାକୁ ବିଧାୟକ ଆହ୍ୱାନ ଦେଇଛନ୍ତି।

ଉକ୍ତ ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ନିର୍ବାହୀ ଅଧିକାରୀ, ଓରମାସ ଡେପୁଟି ସିଇଓ ଏବଂ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ଡିଏଭିରେ ଆୟୋଜିତ ହେଲା ନେଚର କ୍ୟାମ୍ପ: ବିଦ୍ୟାଳୟର ଜୈବ ବିବିଧତା ଅନୁସନ୍ଧାନ ଓ ସଂରକ୍ଷଣ ଉପରେ ଗୁରୁତ୍ୱ

ଝାରସୁଗୁଡ଼ା,୨୧/୦୯ (ନି.ପ୍ର): ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ବିଦ୍ୟାଳୟର ଜୈବ ବିବିଧତା ଅନୁସନ୍ଧାନ ଓ ସଂରକ୍ଷଣ ଉପରେ ଆଧାରିତ 'ନେଚର କ୍ୟାମ୍ପ' ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ଏକଦିବସୀୟ ଶିବିରରେ ପ୍ରକୃତି ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ, ସଚେତନତା ଓ ସଂରକ୍ଷଣ ମନୋଭାବକୁ ଉତ୍ସାହିତ କରାଯାଇଥିଲା । କାର୍ଯ୍ୟକ୍ରମର ଆରମ୍ଭରେ ପଞ୍ଜୀକରଣ ଓ ଅଭିମୁଖୀକରଣ ପରେ ଉଦଘାଟନୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଉଦଘାଟନୀ ଉତ୍ସବରେ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ତଥା ଉଦ୍ଭିଦ ବିଜ୍ଞାନ ବିଶେଷଜ୍ଞ ହରିଲାଲ ପଧାନ ଓ ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟ ତଥା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ନରେନ୍ଦ୍ର ପଣ୍ଡା ଅତିଥି ଭାବରେ ଯୋଗଦେଇ ନେଚର କ୍ୟାମ୍ପର ଉଦଘାଟନ କରିଥିଲେ । ଶ୍ରୀ ପଧାନ ପ୍ରକୃତି ମଧ୍ୟରେ ସମସ୍ତ ପ୍ରକାର ପ୍ରାଣୀ ଓ ଉଦ୍ଭିଦ ପ୍ରଜାତିଗୁଡ଼ିକର ବ୍ୟାବହାରିକ ଆବଶ୍ୟକତା ରହିଛି ବୋଲି ଭାବବ୍ୟକ୍ତ କରିଥିଲେ । ଅଧ୍ୟକ୍ଷ ଶ୍ରୀ ଦେବତା ସ୍ୱାଗତ ଭାଷଣ ଦେବା ସହିତ ଦିନବ୍ୟାପୀ କାର୍ଯ୍ୟକ୍ରମର ସଂକ୍ଷିପ୍ତ ରୂପରେଖା ପ୍ରଦାନ କରିଥିଲେ । ଶିବିରରେ ଉପସ୍ଥିତ ୫୦ ଜଣ ପୂର୍ବଚୟନିତ ବିଦ୍ୟାଳୟ କ୍ଲବ ସଦସ୍ୟ ତଥା ଅଂଶଗ୍ରହଣକାରୀଙ୍କୁ ୫ଟି ଦଳରେ ବିଭକ୍ତ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଛାତ୍ରଛାତ୍ରୀମାନେ ଶିକ୍ଷକ ମାର୍ଗଦର୍ଶକଙ୍କ ସହ ବିଦ୍ୟାଳୟ ପରିସରର ବିଭିନ୍ନ ଅଂଚଳ ପରିଦର୍ଶନ କରି ଉଦ୍ଭିଦ ଓ ପ୍ରାଣୀଜଗତର ଅନୁସନ୍ଧାନ କରିଥିଲେ । ଅଂଶଗ୍ରହଣକାରୀମାନେ ବିଦ୍ୟାଳୟର ଇଷ୍ଟ ଜୋନ, ୱେଷ୍ଟ ଜୋନ, ନର୍ଥ ଜୋନ, ସାଉଥ ଜୋନ ଓ ନର୍ଥ-ୱେଷ୍ଟ ଜୋନରେ ଦଳଗତ ଭାବେ କ୍ଷେତ୍ର ଅଧ୍ୟୟନ କରି ସେମାନଙ୍କ ଅଧ୍ୟୟନ ରିପୋର୍ଟ ପ୍ରସ୍ତୁତ ଓ ଉପସ୍ଥାପନ କରିଥିଲେ । କ୍ଷେତ୍ର ଅଧ୍ୟୟନ ପରେ ବିଭିନ୍ନ ଦଳ ଦ୍ୱାରା ସଂଗୃହୀତ ତଥ୍ୟର ସଂକଳନ କରାଯାଇ ବିଦ୍ୟାଳୟର ଜୈବବିବିଧତା ସଂରକ୍ଷଣ ପାଇଁ ପଦ୍ଧତି ପ୍ରସ୍ତୁତ ଓ ଚୂଡ଼ାନ୍ତ କରାଯାଇଥିଲା । ଅଂଶଗ୍ରହଣକାରୀମାନେ ନିଜ ନିଜ କ୍ଷେତ୍ର ଅଧ୍ୟୟନର ଫଳାଫଳ ଓ ଅନୁଭୂତିକୁ 'ଲ୍ୟାବ ଇନ ଦ ଲ୍ୟାପ ଅଫ ନେଚର'ରେ ପ୍ରଦର୍ଶନ କରିଥିଲେ । ଉଦଯାପନୀ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବନଖଣ୍ଡ ସହକାରୀ ବନ ସଂରକ୍ଷକ ସସ୍ମିତା ବିଶ୍ୱାଳ ଓ ଗଙ୍ଗାଧର ମେହେର ୟୁନିଭରସିଟିରୁ ଅବସରପ୍ରାପ୍ତ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଡ. ସତିଶ ପଟେଲ ଅତିଥି ଭାବେ ଯୋଗଦାନପୂର୍ବକ ଅଂଶଗ୍ରହଣକାରୀଙ୍କୁ ପ୍ରକୃତି ଓ ପ୍ରାକୃତିକ ଜିନିଷକୁ ଭଲ ପାଇବା ଓ ସମସ୍ତଙ୍କୁ ପ୍ରକୃତିର ବିବିଧତାକୁ ନିକଟରୁ ଜାଣିବା, ତାହାର ଗୁରୁତ୍ୱ ବୁଝିବା ଏବଂ ଏହାର ସୁରକ୍ଷା ପାଇଁ ଦାୟିତ୍ୱବୋଧ ବିକଶିତ କରିବାରେ ଏହି ନେଚର କ୍ୟାମ୍ପ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଶିକ୍ଷଣୀୟ ଓ ଅନୁଭୂତିମୂଳକ ଅଭିଜ୍ଞତା ପ୍ରଦାନ କରେ ବୋଲି ଭାବ ବ୍ୟକ୍ତ କରିଥିଲେ । ମୂଲ୍ୟାୟନ ପରେ ଅଶୋକା ଗ୍ରୁପକୁ ସେମାନଙ୍କର ସର୍ବୋତ୍ତମ କ୍ରିୟାକଳାପ ଲାଗି ପୁରସ୍କୃତ କରାଯାଇଥିଲା । ନୀଳିମା ପଟେଲ, ଆଶିଷ ପୂଜାରୀ, ନିକିତା ଗଡ଼ତିଆ, ସୋନମ ପ୍ରିୟାଂଶୀ, ମୃଣ୍ମୟ ଦାଶ ପ୍ରମୁଖ ନେଚର କ୍ୟାମ୍ପର କ୍ରିୟାକଳାପରେ ଏବଂ ପବିତ୍ର ମୋହନ କବି, ଅକ୍ଷୟ ପାଣି, ଶୁଭଦତ୍ତ ପ୍ରଧାନ, ବିଜୟ ଦାଶ, ଓମପ୍ରକାଶ ନାଥ ଶର୍ମା ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ସକ୍ରିୟ ସହଯୋଗ କରି ଶିବିରକୁ ସଫଳ କରିଥିଲେ ।

# ୭ମହିଳା ଜୁଆଡିଙ୍କୁ ଧରିଲା ପୁଲିସ

ଗଂଜାମ,୨୧/୦୯ (ନି.ପ୍ର): ବ୍ରହ୍ମପୁର ବଡ଼ବଜାର ଥାନା ଲକ୍ଷ୍ମୀ ନୃସିଂହ ସାହି ୭ମ ଲେନରେ ଜୁଆ ଖେଳ ହେଉଥିବା ଖବର ପାଇ ପୁଲିସ ଏହି ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଛି । ସେଠାରୁ ୭ଜଣ ମହିଳା ଜୁଆଡିଙ୍କ ଠାରୁ ୨୩ହଜାର୧୦୦ ଟଙ୍କା ଜବତ କରିଛି । ସାତଜଣ ମହିଳା ଜୁଆଡିଙ୍କୁ ଥାନାକୁ ନେଇ ସର୍ତ୍ତ ସମ୍ବଳିତ ନୋଟିସ ଦେଇ ଛାଡ଼ି ଦେଇଛନ୍ତି। ଆଗରୁ କେବଳ ପୁରୁଷ ମାନେ ଜୁଆଖେଳୁ ଥିଲେ। କିନ୍ତୁ ବର୍ତ୍ତମାନ ବ୍ରହ୍ମପୁର ସହର ରେ ମହିଳା ଜୁଆଡି ସଂଖ୍ୟା ବୃଦ୍ଧି ପାଇଥିବାରୁ ବୁଦ୍ଧିଜୀବୀ ମହଲରେ ଉଦ୍ ବେଗ ପ୍ରକାଶ ପାଉଛି।

# ଫୁଲବାଣୀ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ତୃତୀୟ ଗୁରୁ ପୂଜନ ଓ ସମ୍ବର୍ଦ୍ଧନା ଉତ୍ସବ : ସଂସ୍କାର ବିହୀନ ଶିକ୍ଷା ଅସମ୍ପୂର୍ଣ୍ଣ ଅଟେ

କନ୍ଧମାଳ,୨୧/୦୯ (ନି.ପ୍ର): ଫୁଲବାଣୀର ପ୍ରତିଷ୍ଠିତ ସାହିତ୍ୟିକ ଅନୁଷ୍ଠାନ, ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ପକ୍ଷରୁ ତୃତୀୟ ଗୁରୁ ପୂଜନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଜି ଫୁଲବାଣୀ ସ୍ଥିତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ସଭାଗୃହରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି, ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସମାଜର ନିର୍ମାଣ କର୍ତ୍ତା ଅଟନ୍ତି, ସେମାନେ ଛାତ୍ରଛାତ୍ରୀ ମାନଙ୍କ ଜୀବନ ଗଠନରେ ପିତା ମାତାଙ୍କର ଠାରୁ ମଧ୍ୟ ଆଗରେ ତେଣୁ ସେହି ପରିମାଣ ରେ ଜନ୍ମଶୀଳ ହେବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ କନ୍ଧମାଳ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ ଯୋଗଦେଇ ଆମ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ତଥା ଆମ ଦେଶର ସଂସ୍କୃତିକୁ ଗୁରୁତ୍ୱ ଦେବା ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହା ପ୍ରତିଫଳିତ ହେବା ମଧ୍ୟ ଆବଶ୍ୟକ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ବେହେରା ସଭାପତିତ୍ୱ କରିଥିଲେ।

ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସହକାରୀ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅତିନିଆଲ ନାୟକ, ବରିଷ୍ଠ ସାମ୍ବାଦିକ ତଥା ପ୍ରେସ କ୍ଲବ ସଭାପତି ରୋଟାରୀ ଆନ୍ ସୁନୀଲ ପଟ୍ଟନାୟକ, ଅବସରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୁବାସ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ସମ୍ପାଦକ ଡକ୍ଟର କାହ୍ନୁଚରଣ ଶତପଥି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅତିଥି ପରିଚୟ ଅନୁଷ୍ଠାନ ର ସହସମ୍ପାଦକ ଶ୍ରୀ ତ୍ରିଲୋଚନ ପଣ୍ଡା କରିଥିବା ବେଳେ ଉପସଭାପତି ଶ୍ରୀ ସୁଜିତ୍ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ କନ୍ଧମାଳ ଜିଲ୍ଲା ର ସମସ୍ତ ୧୨ଟି ବ୍ଲକ୍ ର ଶିକ୍ଷା ବିଭାଗ ଓ ମଙ୍ଗଳ ବିଭାଗର ଆବାସିକ ବିଦ୍ୟାଳୟ ଗୁଡିକର ୪୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଉପଢ୍ୌକନ,ମାନପତ୍ର ଓ ସ୍ମୃତି ଫଳକ ଦେଇ, କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଓ ଅନ୍ୟ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସମେତ ପୂର୍ବରୁ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବିଦ୍ୟାଳୟ ସ୍ତରୀୟ ଛାତ୍ର ଛାତ୍ରୀ ମାନଙ୍କ ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ଶରତ ଚନ୍ଦ୍ର ମହାନ୍ତି, ବରିଷ୍ଠ ସଦସ୍ୟ ସଦସ୍ୟା ଶ୍ରୀମତୀ ରୁପସ୍ମିକା ତ୍ରିପାଠୀ, ସୁଶ୍ରୀ ମୁସ୍କାନ ସୁଆର, ଶ୍ରୀମତୀ ସୁଭ୍ରାରାଣୀ ପଟ୍ଟନାୟକ, ଶ୍ୟାମବନ୍ଧୁ ମହାରଣା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସଭାପତି ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

# ଓଡିଶା ପ୍ରାନ୍ତର ଏକ ନମ୍ବର ହେବ ପୁରୀ ଯୋଗ ଜିଲ୍ଲା : ମନମୋହନ ମହାପାତ୍ର

ପୁରୀ,୨୧/୦୯ (ନି.ପ୍ର): ପୁରୀର ହୁଲୁହୁଲିଆ ନିକଟସ୍ଥ କୃଷ୍ଣା ଗାର୍ଡେନ ଠାରେ ଭାରତୀୟ ଯୋଗ ସଂସ୍ଥାନର ପୁରୀ ଯୋଗ ଜିଲ୍ଲା ଦ୍ୱାରା ଆୟୋଜିତ ହୋଇଥିଲା ଜିଲ୍ଲା ଯୋଗ ଉତ୍ସବ। ଏହି ସଭାରେ ମୁଖ୍ୟ ଅତିଥି ଭାବେ ପୁରୀ ଯୋଗଜିଲ୍ଲା ପ୍ରଧାନ ମନମୋହନ ମହାପାତ୍ର ଯୋଗଦେଇ ଶରୀରକୁ ସୁସ୍ଥ ରଖିବା ପାଇଁ ହେଲେ ନିୟମିତ ଯୋଗାଭ୍ୟାସ କରିବା ସହ ଯୋଗକୁ କିଭଳି ଭାବେ ପୁରୀସହର ସହ ସମସ୍ତ ଗ୍ରାମାଚଂଳରେ ପହଂଚାଯାଇପାରିବ ଏବଂ ଅଧିକରୁ ଅଧିକ ଲୋକ ଏହି ନିଶୁଳ୍କ ସେବା ପାଇପାରିବା ସହ ଓଡିଶା ପ୍ରାନ୍ତରେ ପୁରୀ ଯୋଗ ଜିଲ୍ଲାକୁ ଏକ ନମ୍ବର କରାଯିବା ନେଇ ଉପଦେଶ ଦେଇଥିଲେ।

ଏହି ଅବସରରେ ଯୋଗ ଜିଲ୍ଲା ଉପଦେଷ୍ଟା ବିବିରାମ ସ୍ୱାଇଁ ଓ ଦେବଦତ ଷଡଙ୍ଗୀ, ଜିଲ୍ଲା ମନ୍ତ୍ରୀ ଶଦାସିବ ଦାସ, ଜିଲ୍ଲା ସଂଗଠନ ମନ୍ତ୍ରୀ ନିରଞ୍ଜନ ରାଉତରାୟ, ଗୁଣ୍ଡିଚା କ୍ଷେତ୍ର ଓ ଜଗନ୍ନାଥ କ୍ଷେତ୍ରର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ପୁରୀ ଯୋଗ ଜିଲ୍ଲାର ଶତାଧିକ ସାଧକ ଓ ସାଧିକାମାନେ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ, ଗାୟତ୍ରୀ ମନ୍ତ୍ର ସହ ବିଭିନ୍ନ ଆସନ, ପ୍ରାଣାୟାମ ଓ ଧ୍ୟାନର ଦକ୍ଷତା ବୃଦ୍ଧି ନିମନ୍ତେ ଯୋଗାଭ୍ୟାସ କରିଥିଲେ । ସୁକାନ୍ତ ସ୍ୱାଇଁ ମଂଚ ପରିଚାଳନା କରିଥିବା ବେଳେ ଶେଷରେ ଦେବଦତ ଷଡଙ୍ଗୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଆୟୁଷ ବେହେରାଙ୍କ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଦାନ

ଜୟପୁର,୨୧/୦୯ (ନି.ପ୍ର): ବୋରିଗୁମ୍ମା ବାସିଙ୍କ ଙ୍କ ଦୀର୍ଘ ଦିନ ର ଅପେକ୍ଷା ର ଅନ୍ତ ଘଟିଛି। ଶେଷରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୋରିଗୁମ୍ମା ରେ ଜଣେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଆୟୁଷ ବେହେରା ଯୋଗଦାନ କରିଛନ୍ତି। ଡାକ୍ତର ଆୟୁଷ ବେହେରା ଜୟପୁର ନିବାସୀ ସ୍ୱର୍ଗତ ଏମ୍. ଆର୍. ବେହେରା ଙ୍କ ସୁପୁତ୍ର। ଦୀର୍ଘ ଦିନ ଧରି ବୋରିଗୁମ୍ମା ଅଂଚଳରେ ଜଣେ ଶିଶୁ ରୋଗ ବିଶେଷଜ୍ଞଙ୍କ ନିଯୁକ୍ତି ନେଇ ଜନସାଧାରଣ ଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଥିଲା। ଏହି ନିଯୁକ୍ତି ଫଳରେ ଅଂଚଳର ଶିଶୁ ରୋଗୀ ମାନଙ୍କୁ ଉନ୍ନତ ଚିକିତ୍ସା ସେବା ମିଳିବାର ଆଶା ସୃଷ୍ଟି ହୋଇଛି। ପ୍ରକାଶ ଥାଉକି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବୋରିଗୁମ୍ମା ରେ ପୂର୍ବରୁ ଜଣେ ଭେଷଜ ବିଶେଷଜ୍ଞ ଏବଂ ଜଣେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଦୀର୍ଘ ଦିନ ଧରି କାର୍ଯ୍ୟରତ ଅଛନ୍ତି। ବର୍ତ୍ତମାନ ଶିଶୁ ରୋଗ ବିଶେଷଜ୍ଞ ଙ୍କ ଯୋଗଦାନ ଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ର ରେ ବିଶେଷଜ୍ଞ ଚିକିତ୍ସା ସେବା ଆହୁରି ସୁଦୃଢ଼ ହେବ ବୋଲି ଅଂଚଳବାସୀ ଆଶା ପ୍ରକାଶ କରିଛନ୍ତି। ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଖାଲି ପଡ଼ିଥିବା ବିଶେଷଜ୍ଞ ଡାକ୍ତର ପଦବୀ ଗୁଡ଼ିକ ପୂରଣ ନେଇ ଜୟପୁର ର ଲୋକପ୍ରିୟ ବିଧାୟକ ତାରା ପ୍ରସାଦ ବାହିନୀପତି ପୂର୍ବରୁ ଅନେକ ଥର ବିଧାନସଭାରେ ପ୍ରଶ୍ନ ଉଠାଇଥିଲେ। ଶିଶୁ ରୋଗ ବିଶେଷଜ୍ଞ ଙ୍କ ଏହି ଯୋଗଦାନ କୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

# ମାଲକାନଗିରିରୁ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ, ଆଭାସୀ ମାଧ୍ୟମରେ ଉଦ୍ଘାଟନ କଲେ ଉପ-ମୁଖ୍ୟମନ୍ତ୍ରୀ

ମାଲକାନଗିରି,୨୧/୦୯ (ନି.ପ୍ର): ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ଓ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାଲକାନଗିରି ଜିଲ୍ଲାରେ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି। ରାଜ୍ୟର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମର ଭବ୍ୟ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ ମାଲକାନଗିରି ଜିଲ୍ଲାର ଦୁଇ ଜଣ ହିତାଧିକାରୀଙ୍କ ସହ ସିଧାସଳଖ ଆଲୋଚନା କରି ସମସ୍ତ ଶ୍ରଦ୍ଧାଳୁଙ୍କ ମଙ୍ଗଳମୟ ଜଗନ୍ନାଥ ଦର୍ଶନ କାମନା କରିଥିଲେ। ସ୍ଥାନୀୟ ସଂସ୍କୃତି ଭବନ ପରିସରରୁ ଏକ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ୪୯୦ ଜଣ ଶ୍ରଦ୍ଧାଳୁଙ୍କୁ ନେଇ ପୁରୀ ଅଭିମୁଖେ ଯାତ୍ରା କରିବାକୁ ଥିବା ରାଜ୍ୟ ସଡ଼କ ପରିବହନ ନିଗମର ବସଗୁଡ଼ିକୁ ପତାକା ଦେଖାଇ ଯାତ୍ରାର ଆରମ୍ଭ କରାଯାଇଛି। ମାଲକାନଗିରି ବିଧାୟକ ନରସିଂହ ମାଡ଼କାମି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ବସ୍ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାମାରୀ ଟାଙ୍ଗୁଲୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ସୋଡି, ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଏବଂ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ଚିତ୍ରକୋଣ୍ଡା ବିଧାୟକଙ୍କ ପ୍ରତିନିଧି ଗୋବିନ୍ଦ ପାତ୍ର ଏବଂ ସାଂସଦଙ୍କ ପ୍ରତିନିଧି ସଞ୍ଜୟ ସରକାର ମଧ୍ୟ ଏହି ସ୍ଥାନୀୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଏହି ଅବସରରେ ମାଲକାନଗିରି ବିଧାୟକ ଶ୍ରୀ ମାଡ଼କାମି ନିଜ ବକ୍ତବ୍ୟରେ କହିଛନ୍ତି ଯେ, ଆମ ଅଂଚଳର ବରିଷ୍ଠ ନାଗରିକ ଓ ଶ୍ରଦ୍ଧାଳୁମାନଙ୍କୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରାଇବା ପାଇଁ ଓଡ଼ିଶା ସରକାରଙ୍କର ଏହା ଏକ ଅତ୍ୟନ୍ତ ପ୍ରଶଂସନୀୟ ଓ ଭକ୍ତିପୂର୍ଣ୍ଣ ପ୍ରୟାସ ଅଟେ। ଆଜି ମାଲକାନଗିରିରୁ ୪୯୦ ଜଣ ଭକ୍ତ ପୁରୀ ଯାଉଛନ୍ତି, ଯାହା ସମଗ୍ର ଜିଲ୍ଲା ପାଇଁ ଏକ ଆଧ୍ୟାତ୍ମିକ ଗୌରବର ବିଷୟ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ଜିଲ୍ଲାପାଳ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ସମସ୍ତ ଶ୍ରଦ୍ଧାଳୁଙ୍କ ଯାତ୍ରା ଯେପରି ସୁରକ୍ଷିତ ଏବଂ ଆରାମଦାୟକ ହେବ, ସେଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟନ ବିଭାଗ ଏବଂ ସରକାରୀ ପରିବହନ ନିଗମ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରାଯାଇ ଏହି ସେବା ଯୋଗାଇ ଦିଆଯାଉଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏହି ସମ୍ପୂର୍ଣ୍ଣ ସରକାରୀ କାର୍ଯ୍ୟକ୍ରମକୁ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ସ୍ୱୟଂସିଦ୍ଧ ରାଉତ, ରାଜ୍ୟ ସଡ଼କ ପରିବହନ ନିଗମର ଜିଲ୍ଲା ପ୍ରବନ୍ଧକ ଗୁରୁଦତ୍ତ ଦୋରା ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ମିଳିତ ଭାବେ ସଫଳତାର ସହ ପରିଚାଳନା ଓ ସମନ୍ୱୟ ରକ୍ଷା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଏକ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଲଡୁଖାଇଠାରେ ଖଡିଆ ସମାଜର ନୂଆଁଖାଇ ଭେଟଘାଟ

ସମ୍ବଲପୁର, ୨୦, ସେପ୍ଟେମ୍ବର (ହି.ସ.) ଅଗ୍ରଣୀ ଖଡିଆ ସାଂସ୍କୃତିକ ସେବା ସମାଜ ଆନୁକୂଲ୍ୟରେ ଧନକଉଡା ବ୍ଲକ କଲାମାଟି ପଂଚାୟତର ଲଡୁଖାଇ ଠାରେ ରବିବାର ଦିନ ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚନ୍ଦ୍ର ଖଡିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଖଡିଆ ସମାଜର ସମ୍ବଲପୁର ଜିଲ୍ଲାର ୯ ଟି ବ୍ଲକର ସଦସ୍ୟ ସଦସ୍ୟା ମାନେ ସାମିଲ ହୋଇଥିଲେ। ଖଡିଆ ପରମ୍ପରା ଅନୁସାରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ତରଣୀ ଖଡିଆ ଯୋଗଦେଇ ନୂଆଁଖାଇ ପର୍ବର ସାଂସ୍କୃତିକ ଓ ସାମାଜିକ ମହତ୍ତ୍ୱ ଉପରେ ମତବ୍ୟକ୍ତ କରିଥିଲେ । ଏହା ପରେ ଆଦିବାସୀ ସମାଜରେ ନିଶାର କୁପ୍ରଭାବ ଉପରେ ଉପସ୍ଥିତ ମହଲଙ୍କୁ ସଚେତନ କରିଥିଲେ । ଖଡିଆ ସାଂସ୍କୃତିକ ସେବା ସମାଜର ବରିଷ୍ଠ ସଦସ୍ୟ ବସନ୍ତ କୋକବାକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବର୍ତ୍ତମାନ ସମୟରେ ଅନେକ ପରମ୍ପରାକୁ ସମାଜର ଯୁବପିଢୀକୁ ଜଣାଇବା ପାଇଁ ଏହାର ସାମୂହିକ ଭାବେ ଆୟୋଜନ କରାଯାଉଛି । କାର୍ଯ୍ୟକ୍ରମରେ ଖଡିଆ ସମାଜର ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୈତିକ ବିକାଶ ସହ ସାମାଜିକ ସଂସ୍କାର ଏବଂ ଭାଷା ସଂସ୍କୃତିର ସଂରକ୍ଷଣ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା । ଏହାପୂର୍ବରୁ ଖଡିଆ ସମାଜର ପୂର୍ବ ପିତୃ ପୁରୁଷ ମାନଙ୍କୁ ସ୍ମରଣ କରାଯିବା ସହ କରମସାନୀ ଏବଂ ସମଲେଇଙ୍କ ପୂଜାର୍ଚ୍ଚନା କରାଯାଇ ମଂଚରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଧନଞ୍ଜୟ କେରକେଟା, ସୁରୁ ଖଡିଆ, ଅର୍ଜୁନ ବାଗ, ରମାକାନ୍ତ ଖଡିଆ, ଅମିନ ଖଡିଆ, ପ୍ରହଲ୍ଲାଦ ଖଡିଆ, ସୁବାସ ବାଗ, ଡମ୍ବରୁ ଖଡିଆ ପ୍ରମୁଖ ସହଯୋଗ ରହିଥିଲେ ।

# ରୋହିଗାଁରେ ମାଡ଼ ଓ ଧମକ ଘଟଣା: ୨ ଜଣ ଗିରଫ

ଗଂଜାମ,୨୧/୦୯ (ନି.ପ୍ର): ବ୍ରହ୍ମପୁର ବି. ସଦର ଥାନା ଅନ୍ତର୍ଗତ ରୋହିଗାଁରେ ପୂର୍ବ ଶତ୍ରୁତାକୁ ନେଇ ଜଣେ ଯୁବକ ଓ ତାଙ୍କ ପରିବାରକୁ ଆକ୍ରମଣ ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ବ୍ରହ୍ମପୁର ବି. ସଦର ଥାନା କେସ ନଂ ୫୯୧/୨୦୨୬। ଗତ ୧୮.୦୯.୨୦୨୬ ସନ୍ଧ୍ୟା ୭ଟା ବେଳେ ରୋହିଗାଁର ବିଶ୍ୱମିତ୍ର ଜେନା ଓରଫ ବାଚନ (୩୫) ଙ୍କୁ କିଛି ଲୋକ ତାଙ୍କ ଘର ବାହାରେ ଅଶ୍ଳୀଳ ଗାଳିଗୁଲଜ କରି ଲୁହା ଫଂଚ ଓ ବାଡ଼ିରେ ମାଡ଼ ମାରିଥିଲେ। ପରିବାର ଲୋକ ବଂଚାଇବାକୁ ଆସିବାରୁ ସେମାନଙ୍କୁ ମଧ୍ୟ ମାଡ଼ ମାରିବା ସହ ମୋବାଇଲ ଭାଙ୍ଗି ହତ୍ୟା ଧମକ ଦେଇ ଫେରାର ହୋଇଯାଇଥିଲେ। ଆହତ ଅଭିଯୋଗକାରୀଙ୍କ ମୁହଁ ଓ କାନରେ ଗଭୀର ଆଘାତ, ମା'ଙ୍କ ଗୋଡ, ଅଂଟା ଓ ଛାତିରେ ଏବଂ କକାଙ୍କ ମୁହଁ ଓ ଛାତିରେ ଆଘାତ ଲାଗିଛି। ଅଭିଯୋଗ ପରେ ବି. ସଦର ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଛି।

# ନବ ଭାରତ ସାକ୍ଷରତା ଅଭିଯାନରେ ଦେଲେ ପରୀକ୍ଷା

ଜୟପୁର ,୨୧/୦୯ (ନି.ପ୍ର): କୋରାପୁଟ ଜିଲ୍ଲାରେ ୧୮ ବର୍ଷରୁ ଉର୍ଦ୍ଧ୍ୱ କେହି ନିରକ୍ଷର ରହିବେ ନାହିଁ। ନବ ଭାରତ ସାକ୍ଷରତା ଅଭିଯାନର ହିଁ ଏହା ମୂଳ ଲକ୍ଷ୍ୟ। ଏହି ଅଭିଯାନକୁ ସଫଳ କରିବା ଲାଗି କୋରାପୁଟ ଜିଲ୍ଲା ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ ଅଧିନସ୍ଥ ୧୫ ଟି କ୍ଲଷ୍ଟରର ୩୦ ଟି ସେଂଟରରେ ୨୦୦୦ ଉର୍ଦ୍ଧ୍ୱ ପରୀକ୍ଷାର୍ଥୀ ଆଜି ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମରେ ପରୀକ୍ଷା ଦେଇଛନ୍ତି। ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କେ ଗୋପାଳ ରାଓ,ସୋମନାଥ ଗାଦବାଙ୍କ ସମେତ ଆଂଚଳିକ ସାଧନ ସଂଯୋଜକ ଜ୍ୟୋତିଶଙ୍କର ତ୍ରିପାଠୀ, ଅଭିମନ୍ୟୁ ପ୍ରଧାନ, ରୁଦ୍ରପ୍ରସନ୍ନ ପାଣିଗ୍ରାହୀ, ବିଜୟଲକ୍ଷ୍ମୀ ସ୍ୱାଇଁ, ରଶ୍ମିରେଖା ଗୌଡ଼, ସାଗର ତ୍ରିପାଠୀ, ଆଦିତ୍ୟ ପଟ୍ଟନାୟକ, ଭାଗିରଥି ବାରିକ, ରାମେଶ୍ୱର ପଣ୍ଡା, ସଂଯୁକ୍ତା ରାଉତ ପରୀକ୍ଷା କେନ୍ଦ୍ରଗୁଡିକରେ ଉପସ୍ଥିତ ରହି ନିରୀକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ପରୀକ୍ଷାରେ ଯେଉଁ ପରୀକ୍ଷାର୍ଥୀମାନେ ଉତ୍ତୀର୍ଣ୍ଣ ହେବେ ସେମାନଙ୍କୁ ଉତ୍ତୀର୍ଣ୍ଣତାର ପ୍ରମାଣପତ୍ର ଯୋଗାଇ ଦିଆଯିବ। ଏହି ପରୀକ୍ଷାରେ ଜୟପୁର ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରୀକ୍ଷା କେନ୍ଦ୍ର ଗୁଡିକରେ ସମସ୍ତ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନା କରିଥିଲେ।

# ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ଏନଇପି, ନାକ ଗୁଣାତ୍ମକ ଢାଂଚା, ପ୍ରତିଷ୍ଠାନିକ ଶାସନ ଓ ପରୀକ୍ଷା ସଂସ୍କାର ସମ୍ପର୍କିତ କର୍ମଶାଳା

ଜୟପୁର,୨୧/୦୯ (ନି.ପ୍ର): ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁରର ଆଇକ୍ୟୁଏ ସି ସେଲ୍ ପକ୍ଷରୁ ଏନଇପି ୨୦୨୦ର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ, ଏଁନ୍ଏ ଏ ସି ଗୁଣାତ୍ମକ ଢାଂଚା, ପ୍ରତିଷ୍ଠାନିକ ଶାସନ ଏବଂ ପରୀକ୍ଷା ସଂସ୍କାର ଉପରେ ଏକ ଦିନିଆ କର୍ମଶାଳା ଆଜି ବିଶ୍ୱବିଦ୍ୟାଳୟ ଠାରେ ଆୟୋଜିତ ହୋଇଯାଇଛି।

କର୍ମଶାଳାର ଆରମ୍ଭରେ ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀ ମହେଶ୍ୱର ନାଏକ ଉଦ୍ବୋଧନ ପ୍ରଦାନ କରି ଉଚ୍ଚଶିକ୍ଷା କ୍ଷେତ୍ରରେ ନୂତନ ଶିକ୍ଷାନୀତିର ସଫଳ କାର୍ଯ୍ୟାନ୍ୱୟନ ଓ ଗୁଣାତ୍ମକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପରବର୍ତ୍ତୀ ଅଧିବେଶନରେ କୁଳପତି ପ୍ରଫେସର ହୃଷିକେଶ ସେନାପତି ଏନ୍ଇପି-୨୦୨୦ର କାର୍ଯ୍ୟାନ୍ୱୟନ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଉଚ୍ଚଶିକ୍ଷାରେ ନୂତନ ଶିକ୍ଷାନୀତିର ଲକ୍ଷ୍ୟ, ଛାତ୍ରକୈନ୍ଦ୍ରିକ ଶିକ୍ଷା ଓ ଦକ୍ଷତାଭିତ୍ତିକ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ସେ ମତ ପ୍ରକାଶ କରିଥିଲେ। ନିର୍ଦ୍ଦେଶକ ଡ. ସୁଜିତ କୁମାର ଦେହୁରୀ ଏନ୍ ଏ ଏ ସି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିବାବେଳେ ପରୀକ୍ଷା ଉପନିୟନ୍ତ୍ରକ ଡ. ବି. ବି. ନନ୍ଦ ବିଭିନ୍ନ ମାନଦଣ୍ଡ ଓ ମାପଦଣ୍ଡ ସମ୍ପର୍କରେ ଅବଗତ କରାଇଥିଲେ। ଏହାପରେ ପରୀକ୍ଷା ନିୟନ୍ତ୍ରକ ଶ୍ରୀ ରଞ୍ଜନ କୁମାର ପ୍ରଧାନ ପରୀକ୍ଷା ସଂସ୍କାର ବିଷୟରେ ଆଲୋଚନା କରିଥିଲେ। ରସାୟନ ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ସ୍ମିଥ ସାଗର ଶତପଥୀ ଇଂଟର୍ନଶିପ୍ ଓ ସମୁଦାୟ ସେବା ସମ୍ପର୍କିତ ବିଷୟରେ ଅଧିବେଶନ ନେଇଥିଲେ। କର୍ମଶାଳାର ଶେଷ ପର୍ଯ୍ୟାୟରେ ଏକ ଆନ୍ତଃକ୍ରିୟାତ୍ମକ ଅଧିବେଶନ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଅଂଶଗ୍ରହଣକାରୀ ମାନେ ବିଭିନ୍ନ ଶିକ୍ଷାଗତ, ପ୍ରଶାସନିକ ଓ ଗୁଣାତ୍ମକ ମାନଦଣ୍ଡ ସମ୍ପର୍କିତ ପ୍ରଶ୍ନ ଓ ମତାମତ ଆଦାନପ୍ରଦାନ କରିଥିଲେ। ଶେଷରେ ଉପକୁଳସଚିବ ଶ୍ରୀ ଫ୍ରାନ୍ସିସ ବାର୍ଲା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳାରେ ବିଶ୍ୱବିଦ୍ୟାଳୟର ଶିକ୍ଷକ, ପ୍ରଶାସନିକ କର୍ମଚାରୀ, ଡି ଇ ଓ, ପରୀକ୍ଷା ବିଭାଗର କର୍ମଚାରୀ, ଅଣଶିକ୍ଷକ କର୍ମଚାରୀ ଓ ଅନ୍ୟାନ୍ୟ ସଦସ୍ୟମାନେ ଯୋଗଦେଇଥିଲେ।

# ନାବାଳିକା ଅପହରଣ ମାସେ ପରେ ବି ଟେର ପାଉନି ପୋଲିସ

## ଶାସକ ଦଳର ସାଂସଦ କଥାକୁ ଶୁଣୁନାହାନ୍ତି ବାଲିଆପାଳ ଥାନା ଅଧିକାରୀ

ବାଲିଆପାଳ , ୨୧/୯ (ନି.ପ୍ର): ବାଲିଆପାଳ ଥାନା ଅଞ୍ଚଳରୁ ଜୈନିକ ଯୁବକ ଏକ ନାବାଳିକାକୁ ଅପହରଣ କରି ନେଇ ଥିବା ଥାନାରେ ଅଭିଯୋଗ ହେଇଛି । ଏକ ମାସ ହେବ ପୋଲିସ ଟେର ପାଉନାହିଁ। ଅଭିଯୋଗ କାରୀଙ୍କୁ ଥାନା କୁ ଡାକି ମାନସିକ ଚାପ ଦେଉଛି ବାଲିଆପାଳ ପୋଲିସ ।ସୂଚନାରୁ ପ୍ରକାଶ ବାଲିଆପାଳ ଥାନା ଅଞ୍ଚଳରୁ ଏକ ୧୬ ବର୍ଷର ନାବାଳିକାକୁ କଟିସାହି ଗ୍ରାମର ଅରୁଣ ରଣଜିତଙ୍କ ପୁଅ ଅଗଷ୍ଟ କୋଡିଏ ତାରିଖରେ ଅପହରଣ କରିଥିବା ନେଇ ବାଲିଆପାଳ ଥାନାରେ ବାଇଶ ତାରିଖରେ ଲିଖିତ ଅଭିଯୋଗ କରିଛନ୍ତି। ଆଜକୁ ଏକ ମାସ ବିତିଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉନାହିଁ ପୋଲିସ । ନାବାଳିକାଙ୍କ ବାପା ମା ଥାନା କୁ ଆସି ନିର୍ଯାତନା ଶିକାର ହେଉଛନ୍ତି। ପୋଲିସର ଅପାରଗତା ପାଇ ଅପହରଣ କାରୀଙ୍କ ବାପା, ଭାଇ ଓ ଭଡାଟିଆ ଗୁଣ୍ଡା ଠାରୁ ଜୀବନରୁ ମାରିଦେବା ଧମକର ଶିକାର ହେଉଛନ୍ତି ପରିବାର ଲୋକେ ।ତେବେ ବସ୍ତା ଏସଡିପିଓ। ବାଲେଶ୍ୱର ଏସ.ପି ଓ ମାନ୍ୟବର ସାଂସଦଙ୍କୁ ଏବାବଦରେ ଜଣାଇଥିଲେ ଅଭିଯୋଗ କାରି ।ବାଲେଶ୍ୱର ସାଂସଦ ଫୋନ ରେ ଅଭିଯୋଗ କାରୀଙ୍କୁ ଲାଇନ ରେ ରଖି ଥାନା ଅଧିକାରୀଙ୍କୁ ତାଗିତ କରିଥିଲେ କିନ୍ତୁ କୌଣସି ଫରକ ପଡି ନଥିଲା ଥାନା ଅଧିକାରୀଙ୍କୁ ତେବେ କିଛି ଗଣମାଧମ ରେ ଖବର ପ୍ରକାଶ ପାଇଥିଲା। ଏଥିରେ ରାଗି ଯାଇ ଅଭିଯୋଗ କାରୀଙ୍କୁ ଡାକି କାହିଁକି ଗଣମାଧମରେରେ ଜଣାଇଲେ ବୋଲି ପଚାରିଛନ୍ତି ଥାନା ଅଧିକାରୀ ।ସୂଚନା ଥାଉକି ବାଲିଆପାଳ ଥାନାରେ ସନ୍ଧ୍ୟା ହେଲେ ଦଲାଲ ଓ କିଛି କୁଜି ନେତାଙ୍କ ଭିଡ଼ ଜମୁଛି ଯାହା ଦ୍ୱାରା ବାଲିଆପାଳ ଅଞ୍ଚଳରେ ଡକାୟତି, ଚିନ୍ତାଇ, ଧଳା ଜହର କାରବାର ବଢି ଚାଲିଛି। କିଛି ଦିନ ପୂର୍ବରୁ ସକାଳ ସମୟରେ ଜଣେ ଫେରି ବାଲା ଙ୍କୁ ବନ୍ଧୁକ ଦେଖାଇ ଭୁଜାଲି ରେ ହାଣି ଟଙ୍କା ଲୁଟ୍ କରିଥିଲେ ଚାରି ପାଞ୍ଚ ଲୋଟରା ।କାଳୀପଦା ଅଞ୍ଚଳରୁ ଏକ ଘରେ ପଶି ସୁନା ଗହଣା ସହିତ ନଗଦ ଟଙ୍କା ଲୋଟି ନେଇ ଥିଲେ ଲୋଟରା। ଯାହାର ସୁରାକ ପାଉ ନାହିଁ ପୋଲିସ। ଥାନା ଅଧିକାରୀ ନୂତନ ଦୋକାନ ଉଦଘାଟନ ଫିତା କାଟିବା ଓ ସଭାରେ ଅତିଥି ହେଇ ଭାଷଣ ଦେବାରେ ଫ୍ରି ହେଲେ ସିନା ଆଇନ ଶୃଙ୍ଖଳା କଥା ବୁଝିବେ ତେବେ ଥାନାଅଧିକାରୀଙ୍କ ଏଭଳି କାର୍ଯ୍ୟ ଦେଖି ଫାଇଦା ଉଠାଉଛନ୍ତି କାର୍ଯ୍ୟରତ ଏସଆଇ ମାନେ । ବାଲିଆପାଳ କାଳିପଦା ରାସ୍ତା କଡ଼ରେ କିଛି ଟୋକା ମଦ ପାନ କରୁ ଥିବା ସମୟରେ ବାଲିଆପାଳ ପୋଲିସ ପେଟ୍ରୋଲିଙ୍ଗରେ ଯାଇଥିବା ଗାଡି ଦେଖିବାକୁ ପାଇଥିଲେ ତାଙ୍କୁ ତାଗିଦ ନକରି ଗାଡ଼ିରେ ଥିବା ଡ୍ରାଇଭରଙ୍କ ଫୋନପେରେ ଲାଞ୍ଚ ନେଇ ଛାଡି ଦେଇ ଥିଲେ ଯାହାର କପି ସୋସିଆଲ ମିଡ଼ିଆରେ ଭାଇରାଲ । ବାଲେଶ୍ୱର ଏସପି. ବସ୍ତା ଏସଡ଼ିପିଓ ଓ ବାଲେଶ୍ୱର ସାଂସଦ ଆଦେଶ ଖାତିର କରୁନାଥିବା ବେଳେ କାହା ପରିଚାଳନାରେ କାର୍ଯ୍ୟ କରୁଛନ୍ତି ଥାନାଅଧିକାରୀ । ନାବାଳିକାଙ୍କ ମା ଝିଅ କୁ ଯଦି ସାତ ଦିନ ମଧ୍ୟରେ ନପାନ୍ତି ତାହାଲେ ବାଲିଆପାଳ ଥାନା ସମ୍ମୁଖରେ ନିଜକୁ ଆତ୍ମହୋତି ଦେବେ ବୋଲି ଏକ ଲିଖିତ ନୋଟିସ ସୁସିଆଲ ମିଡ଼ିଆରେ ଭାଇରାଲ ହେଉଛି।




# ଶିଶୁ ସେବିକା ଚୟନରେ ଅନିୟମିତତା: ଶିକ୍ଷାଧିକାରୀଙ୍କ ନିକଟରେ ଫେରାଦ

ବୈଶିଙ୍ଗା , ୨୧/୯ (ନି.ପ୍ର): ଶିଶୁ ସେବିକା ଚୟନରେ ଅନିୟମିତତାକୁ ନେଇ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ଅଭିଯୋଗ କଲେ ଜଣେ ଅସହାୟ ବିଧବା ମହିଳା। ଏହି ଅଭିଯୋଗକାରୀ ମହିଳା ଜଣକ ହେଲେ ବେତନଟୀ ବ୍ଲକ ଅଧିନ ବୈଶିଙ୍ଗା ପଞ୍ଚାୟତର ଦୁର୍ଗାପୁର ଗ୍ରାମର ସ୍ୱର୍ଗତ ଗୋପାଳ ସିଂଙ୍କ ପତ୍ନି ସୀତାମଣି ସିଂ ।ଅଭିଯୋଗ କାରିଣୀଙ୍କ ଅଭିଯୋଗ ମୁତାବକ ଚଳିତ ମାସ ୫ ସେପଟ୍ମେ୍ବର ୨୦୨୬ରେ ସ୍ଥାନୀୟ ଦୁର୍ଗାପୁର ଉ.ପ୍ରା. ବିଦ୍ୟାଳୟରେ ଶିଶୁ ସେବିକା ନିଯୁକ୍ତି ନେଇ ଏକ ବିଜ୍ଞାପନ ପ୍ରକାଶିତ ହୋଇଥିଲା। ଏଥିରେ ଆବଶ୍ୟକିୟ ସମସ୍ତ ଦସ୍ତାବିଜ୍ ସହ ନିଯୁକ୍ତି ପାଇଁ ପତ୍ର ଆବେଦନ କରିଥିଲେ ସୀତାମଣି ଏବଂ ଏହି ନିଯୁକ୍ତିରେ ତହସିଲ ଭୁକ୍ତ ଜନଜାତିର ଦରିଦ୍ର/ଅସହାୟ ନାରୀଙ୍କ ପ୍ରାଥମିକତା ନେଇ ଶିଶୁ ସେବିକାଙ୍କ ନିଯୁକ୍ତି ପାଇଁ ନିର୍ଦ୍ଦେଶାବଳୀରେ ପରିଷ୍କାର ଭାବେ ଉଲ୍ଲେଖ ହୋଇଅଛି ।ତେବେ ଏହି ଶିଶୁ ସେବିକା ଚୟନ ପ୍ରକ୍ରିୟା ସରିଯାଇଥିବା ବେଳେ ସେହି ଗ୍ରାମର ଧନୀ ଶ୍ରେଣୀର ଅନ୍ୟଜଣେ ସଧବା ମହିଳାଙ୍କୁ ନିଯୁକ୍ତି ପାଇଁ ବିଦ୍ୟାଳୟରେ ରେଜୁଲେସନ କରାଯାଇଥିବା ନେଇ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । ଏଥିପାଇଁ ସେ ସିଧା ସଳଖ ବିଦ୍ୟାଳୟ ପରିଚାଳନା ସମିତି ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଉପରକୁ ଆଙ୍ଗୁଳି ଉଠାଇଛନ୍ତି। ବିଦ୍ୟାଳୟ ପରିଚାଳନା ସମିତି ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ମଧୁ ଚନ୍ଦ୍ରିକା ଥିବାରୁ କିଛି ଅର୍ଥ କାରବାର କରି ଜଣେ ଦରିଦ୍ର / ଅସହାୟ ବିଧବା ମହିଳା ଙ୍କ ପ୍ରତି ଅବିଚାର କରାଯାଇଛି। ତେଣୁ ସୀତାମଣି ଏହି ବାବଦକୁ ଜିଲ୍ଲା ଶିକ୍ଷା ଅଧିକାରୀ, ଉପ-ଜିଲ୍ଲା ପାଳ, ବାରିପଦା ଓ ଜିଲ୍ଲାପାଳ, ମୟୁରଭଞ୍ଜଙ୍କୁ ମଧ ପ୍ରେରଣ କରିଥିବା ଜଣାପଡିଛି।



## ଭାରତୀୟ କିଶାନ ସଂଘର ପୂର୍ବତନ ଉପସଭାପତିଙ୍କ ସ୍ମୃତିସଭା

ଖଇରା, ୨୧/୯ (ନି.ପ୍ର): ଭାରତୀୟ କିଶାନ ସଂଘର ପୂର୍ବତନ ଉପସଭାପତି ତଥା ଭାରତ ସେବକ ସମାଜର ସକ୍ରିୟ ସଦସ୍ୟ ଭାଗବତ ବାରିକ ଙ୍କ ଏକାଦଶାହ ଅବସରରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋଳିହା ପଞ୍ଚାୟତ ଅଧୀନ ମୂଳାପଦା ଗ୍ରାମରେ ଅନୁଷ୍ଠିତ ହୋଇ ଯାଇଛି । ଆଞ୍ଚଳିକ ବ୍ରାହ୍ମଣ ସମିତି ଆନୁକୂଲ୍ୟରେ ଆୟୋଜିତ ସ୍ମୃତିସଭାରେ କୃଷ୍ଣଚନ୍ଦ୍ର ପତ୍ରୀ ସଭାପତିତ୍ୱ କରିଥିଲେ ।ବୈକୁଣ୍ଠ ନାଥ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ପଣ୍ଡା, ବିଶ୍ୱନାଥ ସେଣ୍ଠ, କୈଳାସ ଚନ୍ଦ୍ର ପୃଷ୍ଟି ,ଭଗବାନ ଜେନା,ମଧୁସୁଦନ ରାଉଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବାରିକଙ୍କ ବହୁମୁଖି ପ୍ରତିଭା ଉପରେ ଆଲୋକପାତ କରିଥିଲେ ।

# ମୟୂରଭଞ୍ଜରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ: ଜିଲ୍ଲାରେ ମୋଟ ୧୮ଲକ୍ଷ ୩୬ହଜାର ୮୨୨ଜଣ ଭୋଟର

ବାରିପଦା, ୨୧/୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମ (ଏସଆଇଆର)-୨୦୨୬ ଶେଷ ହେବା ପରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ନୂତନ ତାଲିକା ଅନୁସାରେ ଜିଲ୍ଲାର ୯ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ଭୋଟର ସଂଖ୍ୟା ୧୮ ଲକ୍ଷ ୩୬ ହଜାର ୮୨୨ରେ ପହଞ୍ଚିଛି। ଏଥିରେ ପୁରୁଷ ୯ ଲକ୍ଷ ୧୬ ହଜାର ୨୭୫, ମହିଳା ୯ ଲକ୍ଷ ୨୦ ହଜାର ୪୮୨ ଏବଂ ତୃତୀୟ ଲିଙ୍ଗର ୬୫ ଜଣ ଭୋଟର ରହିଛନ୍ତି। ଚୂଡ଼ାନ୍ତ ତାଲିକା ପ୍ରକାଶ ନେଇ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧକ୍ଷତାରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ଏଥିରେ ଭୋଟର ତାଲିକା ସହ ବିଭିନ୍ନ ନିର୍ବାଚନମଣ୍ଡଳୀର ପୋଲିଂ ଷ୍ଟେସନ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରାଯାଇଥିଲା। ସଂଶୋଧନ ପୂର୍ବରୁ ଜିଲ୍ଲାରେ ୨ ହଜାର ୩୭୨ଟି ପୋଲିଂ ଷ୍ଟେସନ ଥିବା ବେଳେ ବର୍ତ୍ତମାନ ଆଉ ୩୫୨ଟି ନୂତନ ବୁଥ ସୃଷ୍ଟି ହେବାରୁ ଏବେ ମୋଟ ପୋଲିଂ ଷ୍ଟେସନ ସଂଖ୍ୟା ୨ ହଜାର ୭୨୪କୁ ବୃଦ୍ଧି ପାଇଛି। ନିର୍ବାଚନମଣ୍ଡଳୀ ଭିତ୍ତିକ ତଥ୍ୟ ଅନୁସାରେ ମୋରଡ଼ାରେ ସର୍ବାଧିକ ୨ ଲକ୍ଷ ୨୨ ହଜାର ୮୫୧ ଜଣ ଭୋଟର ଥିବା ବେଳେ ବଡ଼ସାହିରେ ସର୍ବନିମ୍ନ ୧ ଲକ୍ଷ ୮୮ ହଜାର ୩୨ ଜଣ ଭୋଟର ରହିଛନ୍ତି। ବାରିପଦା ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୧୦ ହଜାର ୬୪୨, ରାଇରଙ୍ଗପୁରରେ ୨ ଲକ୍ଷ ୧୧ ହଜାର ୪୯୮, ଜଶିପୁର ରେ ୨ଲକ୍ଷ ୧୧ହଜାର ୩୩୬, ସରସକଣାରେ ୨ଲକ୍ଷ ୧୧ହଜାର ୪୯୮, ବାଙ୍ଗିରିପୋଷୀ ରେ ୨ଲକ୍ଷ ୧୧ହଜାର ୬୧୧, କରଞ୍ଜିଆ ରେ ୧ଲକ୍ଷ ୮୯ହଜାର ୯୮୪, ଉଦଳାରେ ୧ଲକ୍ଷ ୯୬ ହଜାର ୪୩୭ଜଣ ଭୋଟର ତାଲିକାଭୁକ୍ତ ହୋଇଛନ୍ତି। ସଂଶୋଧନ ପ୍ରକ୍ରିୟାରେ ମୃତ୍ୟୁ, ସ୍ଥାୟୀ ସ୍ଥାନାନ୍ତରଣ, ଅନୁପସ୍ଥିତି ଓ ନକଲି ପଞ୍ଜୀକରଣ ଆଦି କାରଣରୁ ଯାଞ୍ଚ ପରେ ଅଯୋଗ୍ୟ ନାମଗୁଡ଼ିକୁ ତାଲିକାରୁ ବାଦ ଦିଆଯାଇଛି। ତେବେ ଭୋଟରମାନଙ୍କ ପାଇଁ ଅଭିଯୋଗ ଓ ଆବେଦନର ସୁଯୋଗ ରହିଛି। ପ୍ରଶାସନ ପକ୍ଷରୁ କୁହାଯାଇଛି, ଲୋକ ପ୍ରତିନିଧିତ୍ୱ ଆଇନ, ୧୯୫୦ର ଧାରା ୨୪ ଅନୁଯାୟୀ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସରଙ୍କ ନିଷ୍ପତ୍ତି ବିରୋଧରେ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିକଟରେ ପ୍ରଥମ ଆପିଲ ଏବଂ ପରବର୍ତ୍ତୀ ସମୟରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦ୍ୱିତୀୟ ଆପିଲ କରାଯାଇପାରିବ। ବୈଠକରେ ବିଭିନ୍ନ ନିର୍ବାଚନ ମଣ୍ଡଳୀର ପଞ୍ଜିକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଦୁଃଖବନ୍ଧୁ ନାୟକ, ଈଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା ଏବଂ ନିର୍ବାଚନ ବିଭାଗୀୟ ଅଧିକାରୀ ରାଖାଲ ଚନ୍ଦ୍ର ପରିଡ଼ାଙ୍କ ସମେତ ସମ୍ପୃକ୍ତ ଅଧିକାରୀ ଓ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ।




**AFFIDAVIT**

By virtue of an affidavit before the executive Magistrate Basudevpur , I Sumitra Rani Mahapatra, Wife of Shanti Sworup Sahoo, Vill/Po/Ps-Basudevpur, Pin-756125 declare that I, wholly renounce, relinquish and abandon the use of my former name Sumitra Rani Sahoo and in place thereof assume from the date hereof the name of Sumitra Rani Mahapatra. I will be known as Sumitra Rani Mahapatra for all purposes.

**Sumitra Rani Mahapatra**

# ବାଲେଶ୍ୱର ଜିଲ୍ଲାରେ ଏସ୍‌ଆଇଆର-୨୦୨୬ ପରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ

ବାଲେଶ୍ୱର, ୨୧/୯ (ନି.ପ୍ର): ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ପ୍ରକ୍ରିୟା ସମାପ୍ତ ପରେ ବାଲେଶ୍ୱର ଜିଲ୍ଲାର ୮ଟି ବିଧାନସଭା ନିର୍ବାଚନମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ଆଜି ସନ୍ଧ୍ୟା ୫.୦୦ ଘଟିକା ସମୟରେ ପ୍ରକାଶ ପାଇଛି। ଚୂଡ଼ାନ୍ତ ତାଲିକା ଅନୁସାରେ ବାଲେଶ୍ୱର ଜିଲ୍ଲାରେ ୧୮,୧୧,୫୧୭ ଜଣ ଭୋଟର ଅଛନ୍ତି। ସେଥିରୁ ପୁରୁଷ ୯,୨୯,୪୬୬, ମହିଳା ୮,୮୧,୯୯୦ ଓ ତୃତୀୟ ଲିଙ୍ଗର ୬୧ ଜଣ ଅଛନ୍ତି। ଡ୍ରାଫ୍ଟ ତାଲିକା ତୁଳନାରେ ଚୂଡ଼ାନ୍ତ ତାଲିକାରେ ୭,୮୮୯ ଜଣ ଭୋଟର ବୃଦ୍ଧି ପାଇଛନ୍ତି। ଜିଲ୍ଲାର ୨୪୧୫ଟି ମତଦାନ କେନ୍ଦ୍ରରେ ୨୪୧୫ ଜଣ ବୁଥ୍‌ସ୍ତରୀୟ ଅଧିକାରୀ , ୨୪୨ ଜଣ BLO ସୁପରଭାଇଜର ଓ BLOମାନଙ୍କ ଉପସ୍ଥିତିରେ ଏହି ପ୍ରକ୍ରିୟା ସୁଚାରୁ ଭାବେ ସମ୍ପନ୍ନ ହୋଇଛି। ଏହି ସଂଶୋଧନ ପ୍ରକ୍ରିୟାରେ ଜିଲ୍ଲାର ୮ଟି ବିଧାନସଭା ନିର୍ବାଚନମଣ୍ଡଳୀର ୮ ଜଣ ERO, ୩୪ ଜଣ AERO ଓ ସମ୍ପୃକ୍ତ କର୍ମଚାରୀମାନେ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ କାର୍ଯ୍ୟ ସମ୍ପାଦନ କରିଛନ୍ତି। ପ୍ରି-ଡ୍ରାଫ୍ଟ ପର୍ଯ୍ୟାୟରେ ଜିଲ୍ଲାର ମୋଟ ୧୮,୯୭,୨୭୭ ଜଣ ଭୋଟରଙ୍କ ମଧ୍ୟରୁ ୧୮,୨୮,୬୭୪ ଜଣଙ୍କୁ ମ୍ୟାପିଂ କରାଯାଇଥିବାବେଳେ ୬୮,୬୦୩ ଜଣଙ୍କର ମ୍ୟାପିଂ ହୋଇନଥିଲା। ଦାବି ଓ ଆପତ୍ତି ଅବଧିରେ ମୋଟ ୨,୭୨,୬୬୧ଟି ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏସ୍‌ଆଇଆର ସମୟରେ ଫର୍ମ-୬ ମାଧ୍ୟମରେ ୧୩,୪୮୯ଟି ନାମ ଅନ୍ତର୍ଭୁକ୍ତି ଓ ଫର୍ମ-୭ ମାଧ୍ୟମରେ ୨୬,୫୫୫ଟି ନାମ ବିଲୋପ ପାଇଁ ପ୍ରକ୍ରିୟା କରାଯାଇଥିଲା। ନିର୍ଦ୍ଧାରିତ ଆଇନଗତ ପ୍ରକ୍ରିୟା ପରେ ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ/ଅନୁସନ୍ଧାନଯୋଗ୍ୟ ନଥିବା ଏବଂ ଡୁପ୍ଲିକେଟ୍ ଏଣ୍ଟ୍ରି ଯାଞ୍ଚ କରାଯାଇଛି। ଯୁବ ଓ ପ୍ରଥମ ଥର ଭୋଟରଙ୍କ ପଞ୍ଜୀକରଣ ଉପରେ ମଧ ବିଶେଷ ଗୁରୁତ୍ୱ ଦିଆଯାଇଛି। ଡ୍ରାଫ୍ଟ ତାଲିକାରେ ୧୦,୬୨୬ ଜଣ ଯୁବ ଭୋଟର ଥିବାବେଳେ ଚୂଡ଼ାନ୍ତ ତାଲିକାରେ ଏହା ୧୫,୬୫୭କୁ ବୃଦ୍ଧି ପାଇଛି। ସମସ୍ତ ଭୋଟରଙ୍କୁ ନିଜ ନାମ ଓ ବିବରଣୀ ଚୂଡ଼ାନ୍ତ ତାଲିକାରେ ଯାଞ୍ଚ କରିବାକୁ ଅନୁରୋଧ କରାଯାଇଛି। ଭୋଟରମାନେ voters.eci.gov.in ୱେବସାଇଟ୍ କିମ୍ବା ନିଜ ମତଦାନ କେନ୍ଦ୍ର ମାଧ୍ୟମରେ ତଥ୍ୟ ଯାଞ୍ଚ କରିପାରିବେ। ସହାୟତା ପାଇଁ ୧୯୫୦ ଟୋଲ୍-ଫ୍ରି ନମ୍ବରରେ ଯୋଗାଯୋଗ କରିପାରିବେ। EROଙ୍କ ଆଦେଶରେ ଅସନ୍ତୁଷ୍ଟ ବ୍ୟକ୍ତି ଆଇନ ଅନୁଯାୟୀ ପ୍ରଥମ ଓ ଦ୍ୱିତୀୟ ଅପିଲ୍ କରିପାରିବେ। ପ୍ରଥମ ଅପିଲ୍ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଏବଂ ଦ୍ୱିତୀୟ ଅପିଲ୍ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରାଯାଇପାରିବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଲଘୁଚାପ ପାଇଁ ଓଡ଼ିଶାରେ...

ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି । ସମୁଦ୍ର ଅଶାନ୍ତ ରହିବା ଆଶଙ୍କା ଥିବାରୁ ମତ୍ସ୍ୟଜୀବୀଙ୍କୁ ଆଜି ସନ୍ଧ୍ୟା ସୁଦ୍ଧା ସମୁଦ୍ରରୁ ଫେରିଆସିବାକୁ କୁହାଯାଇଛି । ୨୨ରୁ ୨୪ ତାରିଖ ଯାଏଁ ସମୁଦ୍ରକୁ ନଯିବା ପାଇଁ ମଧ ପରାମର୍ଶ ଦିଆଯାଇଛି । ବର୍ଷାର ମୁକାବିଲା ପାଇଁ ମୁଖ୍ୟ ଶାସନ ସଚିବ ବୈଠକ ଡାକିଛନ୍ତି। ଅଧିକାରୀଙ୍କ ସହ ଆଲୋଚନା ପରେ ପ୍ରଶାସନକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ୨୨ରୁ ୨୪ ତାରିଖ ଗୁରୁତ୍ୱପୂର୍ଣ୍ଣ ଥିବାରୁ ଦକ୍ଷିଣ ଓଡ଼ିଶା ଓ ଉପକୂଳ ଜିଲ୍ଲାର ଜିଲ୍ଲାପାଳଙ୍କୁ ଆଲର୍ଟ କରାଯାଇଛି । ଅଧିକାରୀଙ୍କୁ ହେଡକ୍ୱାର୍ଟର ନଛାଡ଼ିବାକୁ ପରାମର୍ଶ ଦିଆଯାଇଛି । ଇନ୍ଦ୍ରାବତୀ ଜଳଭଣ୍ଡାରରେ ୮୪ ପ୍ରତିଶତ ପାଣି ଥିବାରୁ ଜଳସ୍ତର କମାଇବାକୁ କୁହାଯାଇଛି । ସ୍ଥିତି ଉପରେ ନଜର ରଖିବାକୁ ଜଳସମ୍ପଦ ବିଭାଗକୁ ନିର୍ଦ୍ଦେଶ ରହିଛି । ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖିବା ସହ ଆବଶ୍ୟକ ପଡ଼ିଲେ ଲୋକଙ୍କୁ ସ୍ଥାନାନ୍ତର କରିବାକୁ କୁହାଯାଇଛି । ଗର୍ଭବତୀ ମହିଳାଙ୍କୁ ମଧ ଆବଶ୍ୟକସ୍ଥଳେ ସ୍ଥାନାନ୍ତର ପାଇଁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ରହିଛି । ଅନ୍ୟପଟେ ଧୀରେ ଧୀରେ ମୌସୁମୀ ବାୟୁ ଅପସରିବାରେ ଲାଗିଛି । ରାଜସ୍ଥାନ ସହ ପଞ୍ଜାବ ଓ ହରିୟାଣାର କିଛି ଅଞ୍ଚଳରୁ ମୌସୁମୀ ବାୟୁ ଅପସରିସାରିଛି । ଆଗାମୀ ୨ରୁ ୩ ଦିନରେ ଆହୁରି କିଛି ଅଞ୍ଚଳରୁ ମୌସୁମୀ ବାୟୁ ଅପସାରଣ ପାଇଁ ପାଗ ଅନୁକୂଳ ରହିଛି ।

## ଏସଆଇଆର ଚୂଡ଼ାନ୍ତ ଭୋଟର...

ମୋଟ ଭୋଟରଙ୍କ ମଧ୍ୟରେ ୧ କୋଟି ୬୧ ଲକ୍ଷ ୩୦ ହଜାର ୩୧୯ ଜଣ ପୁରୁଷ, ୧ କୋଟି ୫୪ ଲକ୍ଷ ୯୯ ହଜାର ୬୬୧ ଜଣ ମହିଳା ଓ ୨୭୭୪ ଜଣ ତୃତୀୟ ଲିଙ୍ଗୀ ଭୋଟର ସାମିଲ ଅଛନ୍ତି। ଏହାସହ ରାଜ୍ୟରେ ଲିଙ୍ଗ ଅନୁପାତ ୯୬୧କୁ ବୃଦ୍ଧି ପାଇଛି ଓ ଭୋଟର-ଜନସଂଖ୍ୟା ଅନୁପାତ ୬୭.୦୫ ପ୍ରତିଶତ ରହିଛି। ମତଦାନ କେନ୍ଦ୍ରଗୁଡ଼ିକର ପୁନର୍ଗଠନ ପରେ ରାଜ୍ୟରେ ବୁଥ୍ ସଂଖ୍ୟା ୪୫୨୫୦କୁ ବୃଦ୍ଧି ପାଇଛି। ଭୋଟର ତାଲିକାକୁ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ କରିବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ଏସଆଇଆର ପ୍ରକ୍ରିୟାରେ ପ୍ରାୟ ୫୮ ଲକ୍ଷ ୩୬ହଜାର ୩୯୨ଜଣ ଭୋଟରଙ୍କୁ ନୋଟିସ୍ ଜାରି କରାଯାଇଥିଲା ଓ ଗଣନା ଫର୍ମ ଫେରି ନପାଇବାରୁ ୨୦ ଲକ୍ଷ ୧୨ହଜାର ୫୫୭ଜଣ ଭୋଟରଙ୍କୁ ତାଲିକାରୁ ସିଧାସଳଖ ବାଦ୍ ଦିଆଯାଇଛି। ଜୁଲାଇ ୫ତାରିଖରେ ଜାରି ଚିଠା ଭୋଟର ତାଲିକାରେ ଭୋଟ ୩କୋଟି ୧୩ଲକ୍ଷ ୮୭ହଜାର ୦୩୪ଜଣ ଭୋଟର ଥିବାବେଳେ ସେପଟ୍ମେ୍ବର ୧୭ତାରିଖ ପର୍ଯ୍ୟନ୍ତ ସଂଶୋଧନ ପ୍ରକ୍ରିୟା ପରେ ରାଜ୍ୟରେ ମୋଟ୍ ଭୋଟର ସଂଖ୍ୟା ୩ କୋଟି ୧୬ ଲକ୍ଷ ୩୨ ହଜାର ୭୫୪ରେ ପହଂଚିଛି। ଯାହା ଆଜି ନିର୍ବାଚନ କମିଶନଙ୍କ ପକ୍ଷରୁ ଜାରି ଚୂଡ଼ାନ୍ତ ଭୋଟର ତାଲିକାରୁ ସ୍ପଷ୍ଟ ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ୍ ଗୋପାଳନ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଦେଇଥିବା ତଥ୍ୟ ଅନୁସାରେ, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ୨୦୨୬ ଜୁଲାଇ ୧କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରି ଏହି ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମ(ଏସଆଇଆର) ହାତକୁ ନିଆଯାଇଥିଲା। ଏହି ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ୨୦୨୬ ମଇ ୧୭ ସୁଦ୍ଧା ରାଜ୍ୟରେ ମୋଟ ଭୋଟର ସଂଖ୍ୟା ୩ କୋଟି ୩୩ ଲକ୍ଷ ୯୯ ହଜାର ୫୯୧ ଥିଲା। ମାତ୍ର ପ୍ରଥମ ପର୍ଯ୍ୟାୟରେ ବିଏଲଓମାନଙ୍କ ମାଧ୍ୟମରେ ଘରେ ଘରେ ଗଣନା ଫର୍ମ ବଣ୍ଟନ କରାଯିବା ପରେ ୯୩.୯୭% ଅର୍ଥାତ୍ ୩ କୋଟି ୧୩ ଲକ୍ଷ ୮୭ ହଜାର ୩୪ଟି ଫର୍ମ ଫେରି ଆସିଥିଲା। ବାକି ୬.୦୩ ପ୍ରତିଶତ ଅର୍ଥାତ୍ ୨୦ ଲକ୍ଷ ୧୨ ହଜାର ୫୫୭ ଜଣଙ୍କ ଫର୍ମ ଫେରି ନଆସିବାରୁ ସେମାନଙ୍କୁ ଚିଠା ତାଲିକାରୁ ବାଦ୍ ଦିଆଯାଇଥିଲା। ବାଦ୍ ପଡ଼ିଥିବା ଏହି ୨୦.୧୨ଲକ୍ଷ ଭୋଟରଙ୍କ ମଧ୍ୟରୁ ୮ ଲକ୍ଷ ୩୨ ହଜାର ୫୪୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୮ ଲକ୍ଷ ୮ହଜାର ୨୦୫ ଜଣ ସ୍ଥାନାନ୍ତରିତ, ୧ଲକ୍ଷ ୯୯ ହଜାର ୨୪୯ ଜଣ ଅନୁପସ୍ଥିତ, ୧ଲକ୍ଷ ୫୮ହଜାର ୧୧୮ ଜଣ ନକଲି ବା ଡୁପ୍ଲିକେଟ୍ ଓ ୧୪୪୪୧ ଜଣ ଅନ୍ୟାନ୍ୟ କାରଣ ପାଇଁ ଚିହ୍ନଟ ହୋଇଥିଲେ। ଜୁଲାଇ ୫ ତାରିଖରେ ୩ କୋଟି ୧୩ ଲକ୍ଷ ୮୭ ହଜାର ୩୪ ଜଣଙ୍କୁ ନେଇ ଚିଠା ତାଲିକା ପ୍ରକାଶ ପାଇବା ପରେ ଆରମ୍ଭ ହୋଇଥିଲା ଯାଂଚ ଓ ନୋଟିସ୍ ପର୍ଯ୍ୟାୟ। ଏଥିରେ ୧୨ ଲକ୍ଷ ୯୮ ହଜାର ୭୭୯ ଜଣ ଅନମ୍ୟାପଡ ଭୋଟର ଓ ୪୫ ଲକ୍ଷ ୩୭ ହଜାର ୬୧୩ ଜଣଙ୍କ ତଥ୍ୟରେ ତ୍ରୁଟି ଦେଖାଯିବାରୁ ମୋଟ୍ ୫୮ ଲକ୍ଷ ୩୬ ହଜାର ୩୯୨ ଜଣଙ୍କୁ ନୋଟିସ୍ ଜାରି କରାଯାଇଥିଲା। ନିର୍ବାଚନ ପଞ୍ଜିକରଣ ଅଧିକାରୀ ଓ ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀମାନେ ପ୍ରତ୍ୟେକ କ୍ଷେତ୍ରରେ କଡ଼ା ଶୁଣାଣି କରିବା ସହ ଦସ୍ତାବିଜ୍ ଯାଂଚ କରିଥିଲେ। ଦାବି ଓ ଆପତ୍ତି ଅଭିଯୋଗ ଅବଧି ମଧ୍ୟରେ ୨ ଲକ୍ଷ ୫୫ ହଜାର ୯୯୬ଟି ଆବେଦନ ଆସିଥିବାବେଳେ ଶୁଣାଣି ପରେ ୨୪୦୭୦ ଜଣ ଅଯୋଗ୍ୟ ପ୍ରମାଣିତ ହୋଇଥିଲେ ଏବଂ ଫର୍ମ-୭ ଜରିଆରେ ୨୦୭୦୭ ଜଣଙ୍କୁ ମିଶାଇ ମୋଟ ୪୪୭୭୭ ଜଣଙ୍କ ନାମ ବାଦ୍ ପଡ଼ିଥିଲା। ସେହିପରି ନୂତନ ଭାବେ ଫର୍ମ-୬, ୬ଏ ଓ ୮ ମାଧ୍ୟମରେ ୨ ଲକ୍ଷ ୯୦ ହଜାର ୪୯୭ ଜଣଙ୍କ ନାମ ଯୋଡ଼ା ଯାଇଥିଲା, ଯାହାଫଳରେ ଚିଠା ତାଲିକା ତୁଳନାରେ ମୋଟ୍ ୨ ଲକ୍ଷ ୪୫ ହଜାର ୭୨୦ ଜଣ ବୃଦ୍ଧି ପାଇ ଚୂଡ଼ାନ୍ତ ଭୋଟର ସଂଖ୍ୟା ୩,୧୬,୩୨,୭୫୪ରେ ପହଂଚିଛି। ଏଥିରେ ସେନା ଓ ସୁରକ୍ଷା ବାହିନୀରେ ଥିବା ସେବା ଭୋଟରଙ୍କ ସଂଖ୍ୟା ୪୬୮୧୬ ରହିଛି। ଏହି ଚୂଡ଼ାନ୍ତ ଭୋଟର ତାଲିକା ସମସ୍ତ ବୁଥ୍, ସରକାରୀ ନିର୍ବାଚନ କାର୍ଯ୍ୟାଳୟ ତଥା ନିର୍ବାଚନ କମିଶନ ଓ ସିଇଓଙ୍କ ୱେବସାଇଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପଲବ୍ଧ କରାଯାଇଛି, ଯେଉଁଠାରେ ନାଗରିକମାନେ ନିଜ ନାମ ଯାଂଚ କରି ଆବଶ୍ୟକ ସଂଶୋଧନ ପାଇଁ ଆବେଦନ କରିପାରିବେ ଓ ନିର୍ବାଚନ ଅଧିକାରୀଙ୍କ ନିଷ୍ପତ୍ତି ବିରୋଧରେ ଆଇନ ଅନୁଯାୟୀ ଜିଲ୍ଲାପାଳ କିମ୍ବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅପିଲ କରିପାରିବେ ବୋଲି କୁହାଯାଇଛି।

## ଆଜିଠୁ ବିଧାନସଭା ...

ଅନ୍ୟପକ୍ଷରେ ସରକାରଙ୍କ ଆଭିମୁଖ୍ୟକୁ ସହଜରେ ଗ୍ରହଣ କରିବା ମୁଡରେ ନାହିଁ ବିରୋଧୀ ବିଜେଡି। ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ଆଜି ବାଚସ୍ପତିଙ୍କ ଅଧକ୍ଷତାରେ ଚିରାଚରିତ ଢଙ୍ଗରେ ସର୍ବଦଳୀୟ ବୈଠକ ହୋଇଛି। ବିଧାନସଭା କେମିତି ଚାଲିବ ସେନେଇ ଆଲୋଚନା କଲେ। ଆମେ କିନ୍ତୁ ଏମଏମଡିଆର ଆକ୍ଟ ସଂଶୋଧନ କଥା ଉଠାଇଲୁ, ଓଡ଼ିଶାର ଯାହା କ୍ଷତି ହୋଇଛି ସେନେଇ ଆଲୋଚନା କରାଯାଉ, ନଚେତ୍ ଧନ୍ୟବାଦ ଦେଇ ଆଲୋଚନା କରାଯାଉ। ଆମେ ଅପେକ୍ଷା ବି କରିଛୁ। ନହେଲେ ତା'ପରେ ଦଳ ଯାହା ନିଷ୍ପତ୍ତି ନେବ ସେହି ଅନୁଯାୟୀ ଆମେ କାର୍ଯ୍ୟ କରିବୁ। ଗୃହ ଚାଲିବାରେ ସହଯୋଗ କରିବୁ କି ନାହିଁ ତାହା ଆମ ଦଳ ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି। ସେହିପରି କଂଗ୍ରେସ ମଧ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ପଛଘୁଂଚା ଦେବନାହିଁ ବୋଲି ସ୍ପଷ୍ଟ କରିଛି। ବୈଠକ ପରେ କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି ଯେ, ବିଧାନସଭାକୁ ସୁରୁଖୁରୁରେ ଚଳାଇବାକୁ ବାଚସ୍ପତି କହିଛନ୍ତି। ଆମେ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ଯେଉଁ ପ୍ରସ୍ତାବ ଦେଉଛୁ ତାକୁ ଆଲୋଚନା ପାଇଁ କହିଛୁ। ଏମଏମଡିଆର ଆକ୍ଟ ଓ ପାଠ୍ୟପୁସ୍ତକ ତ୍ରୁଟିକୁ ଆଲୋଚନା ପାଇଁ ଆମେ କହିଛୁ। ଆମେ ଏ ପ୍ରସଙ୍ଗକୁ ଜୋରଦାର ଢଙ୍ଗରେ ଉଠାଇବୁ ଓ ଏହାକୁ ଆଲୋଚନାକୁ ନେବାକୁ ଦାବି କରିବୁ। ଏଥିସହିତ ରାଜ୍ୟ ସରକାରଙ୍କ ବାରମ୍ବାର ବିବୃତି ସତ୍ତ୍ୱେ ମହାନଦୀ ଜଳ ବିବାଦର ସ୍ଥାୟୀ ସମାଧାନ ନହେବା ପ୍ରସଙ୍ଗକୁ ମଧ କଂଗ୍ରେସ ଜୋରଦାର ଭାବେ ଉଠାଇବ ବୋଲି ସେ ଦୋହରାଇଛନ୍ତି। ଆଜିର ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ମହାଲିଙ୍ଗ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ବିଜେଡି ବିଧାୟକ ଦଳର ଉପନେତା ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିଜେଡି ମୁଖ୍ୟ ସଚେତକ ଶ୍ରୀମତୀ ମଲ୍ଲିକ, ଉପମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ ଓ କଂଗ୍ରେସ ବିଧାୟକ ଶ୍ରୀ ଦାସ ଉପସ୍ଥିତ ଥିଲେ। ଏହି ସର୍ବଦଳୀୟ ବୈଠକରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଯୋଗ ଦେଇନଥିଲେ।

## ପଶ୍ଚିମ ଏସିଆରେ ବଢୁଛି...

ୟମନର ଇରାନ ସମର୍ଥିତ ହୁତୀ ବିଦ୍ରୋହୀମାନେ ସାଉଦି ଆରବର ରିୟାଦ୍, ବିଶା, ତାଏଫ୍, ଫାରାସନ୍ ଓ ୟନବୁ ଅଞ୍ଚଳକୁ ଲକ୍ଷ୍ୟ କରି ଆକ୍ରମଣ କରିଥିବା ଦାବି କରାଯାଇଛି। ତେବେ ସାଉଦି ମେଣ୍ଟ ସେନା ଓ ଏୟାର ଡିଫେନ୍ସ ସିଷ୍ଟମ୍ ଅନେକ ମିସାଇଲ୍ ଓ ଡ୍ରୋନ୍‌କୁ ଆକାଶରେ ନଷ୍ଟ କରିଥିବା ଦାବି କରିଛି ।ସେପଟେ ସୁରକ୍ଷା ସ୍ଥିତିକୁ ନେଇ ଆମେରିକା ମଧ ସତର୍କ ହୋଇଛି । ସାଉଦି ଆରବ ଯାତ୍ରା ନେଇ ନିଜ ନାଗରିକଙ୍କ ପାଇଁ ଆଡଭାଇଜରି ଜାରି କରିଛି ଆମେରିକା। ଅତ୍ୟାବଶ୍ୟକ ନଥିଲେ ସାଉଦି ଆରବ ଯାତ୍ରା ଏଡାଇବାକୁ କୁହାଯାଇଛି । ଅନ୍ୟପଟେ ଇରାନ ମଧ ଆମେରିକା ଓ ତାର ସହଯୋଗୀ ଦେଶଗୁଡ଼ିକୁ କଡ଼ା ଚେତାବନୀ ଦେଇଛି । ଇରାନ ଉପରେ ନୂଆ ଆକ୍ରମଣ ହେଲେ ଏହାର କଡ଼ା ଜବାବ ଦିଆଯିବ ବୋଲି ଇରାନ ପକ୍ଷରୁ କୁହାଯାଇଛି । ଆମେରିକାର ସହଯୋଗୀ ଦେଶଗୁଡ଼ିକୁ ମଧ ସଂଘର୍ଷର ଅଂଶ ଭାବେ ବିଚାର କରାଯିବ ବୋଲି ଇରାନ ଚେତାବନୀ ଦେଇଛି । କ୍ରମାଗତ ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣ ଯୋଗୁଁ ପଶ୍ଚିମ ଏସିଆରେ ସୁରକ୍ଷା ଚିନ୍ତା ବଢ଼ିଛି । ସାଉଦି ଆରବ ଓ ହୁତୀ ବିଦ୍ରୋହୀଙ୍କ ମଧ୍ୟରେ ଉତ୍ତେଜନା ଆହୁରି ବଢ଼ିଲେ ଏହାର ପ୍ରଭାବ ତୈଳ ବଜାର ଓ ଅନ୍ତର୍ଜାତୀୟ ବାଣିଜ୍ୟ ଉପରେ ପଡ଼ିବା ନେଇ ଆଶଙ୍କା ପ୍ରକାଶ ପାଉଛି ।

## କଂଗ୍ରେସରେ ଗୋଷ୍ଠୀ...

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ଯେଉଁମାନଙ୍କୁ ଦାୟିତ୍ୱ ମିଳିଛି, ସମସ୍ତେ ଏକାଠି ହୋଇ ସଂଗଠନ ପାଇଁ କାମ କରିବା ଦରକାର । ଅସନ୍ତୁଷ୍ଟ ନେତା ଓ କର୍ମୀଙ୍କ ସହ ଆଲୋଚନା କରାଯିବ। ଆବଶ୍ୟକ ହେଲେ ନୂଆ ଦାୟିତ୍ୱ ଦେବା ନେଇ ମଧ ବିଚାର କରାଯିବ । ସେହିପରି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ସମସ୍ତଙ୍କୁ ସାଙ୍ଗରେ ନେଇ କମିଟି ଗଠନ କରାଯାଇଛି । ଯେଉଁମାନେ ନିଜ ଦାୟିତ୍ୱ ଓ ମର୍ଯ୍ୟାଦା ଅନୁଯାୟୀ ସ୍ଥାନ ପାଇନାହାନ୍ତି, ସେମାନଙ୍କ ସହ ଆଲୋଚନା କରି ସନ୍ତୁଷ୍ଟ କରାଯିବ ବୋଲି ସେ କହିଛନ୍ତି । ନୂଆପଡ଼ାରେ ଦୁଇଟି ସମାନ୍ତରାଳ କାର୍ଯ୍ୟକ୍ରମ କଂଗ୍ରେସର ଆଭ୍ୟନ୍ତରୀଣ ମତଭେଦକୁ ସାମ୍ନାକୁ ଆଣିଛି । ଆଗକୁ ପଞ୍ଚାୟତ ନିର୍ବାଚନ ଥିବା ବେଳେ ଗୋଷ୍ଠୀ କନ୍ଦଳ ଭିତରେ ଦଳକୁ ଏକାଠି କରିବା ନେତୃତ୍ୱ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି ।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ



ଭଦ୍ରକ, ୨୧/୯ (ନି.ପ୍ର): ଧାମନଗର ବ୍ଲକର ଅସୁରାଳି ପଂଚାୟତ ସମିତି ସମ୍ମିଳନୀ କକ୍ଷ ପରିସରଠାରେ ଆଜି ଜିଲ୍ଲାପାଳକଂ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୧୬୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୧୫୦ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୧୨ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରଶ ଅଧିନସ୍ଥ ୨ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୨୨ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିବାବେଳେ ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୨ଜଣ ଅଭିଯୋଗକାରୀଙ୍କୁ ମୋଟ ୬,୦୦୦/- ଟଙ୍କା ମଞ୍ଜୁର କରାଯାଇଛି।ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ, ଡିଆରଡିଏ, ଶୁଭେନ୍ଦ୍ର ସାମଲ, ଜ଼ିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ, ଉପ ଜ଼ିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ସୁନହଟରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ ମାନସ କୁମାର ଦତ୍ତ



ବାଲେଶ୍ୱର, ୨୧/୯ (ନି.ପ୍ର): ବାଲେଶ୍ୱର ସହରର ସର୍ବାଙ୍ଗୀଣ ବିକାଶ ଓ ନାଗରିକମାନଙ୍କ ମୌଳିକ ସୁବିଧାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ୱାର୍ଡ ନଂ-୩ ସୁନହଟ ଅଞ୍ଚଳରେ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅଟକଳ ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ। ଏହି ଅବସରରେ ବିଧାୟକ ଶ୍ରୀ ଦତ୍ତ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ସୁନହଟ ଠାରେ ଆୟୋଜିତ ସଭାରେ ଅଞ୍ଚଳବାସୀଙ୍କୁ ସମ୍ବୋଧିତ କରିଥିଲେ। ସୁନହଟ ଅଞ୍ଚଳରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ୨ କୋଟି ୨୫ ଲକ୍ଷ ୬୩ ହଜାର ୯୬୧ ଟଙ୍କା ଅଟକଳ ମୂଲ୍ୟରେ ଏକ ବହୁମୁଖୀ ଇଣ୍ଡୋର ହଲ୍ ନିର୍ମାଣ କରାଯିବ। ଏହି ଇଣ୍ଡୋର ହଲ୍ ନିର୍ମାଣ ଦ୍ୱାରା ଅଞ୍ଚଳର ଯୁବପିଢ଼ି ଓ କ୍ରୀଡ଼ାବିତ୍‌ମାନଙ୍କୁ ଅଭ୍ୟାସ ଓ ବିଭିନ୍ନ କ୍ରୀଡ଼ା କାର୍ଯ୍ୟକଳାପ ପାଇଁ ଉନ୍ନତ ସୁବିଧା ମିଳିପାରିବ। ସେହିପରି ସ୍ଥାନୀୟ ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ୮୮ ଲକ୍ଷ ୪୧ ହଜାର ୬୪ ଟଙ୍କା ବ୍ୟୟ ଅଟକଳରେ ସୁନହଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଗୃହ ନିର୍ମାଣ କରାଯିବ।ଅଞ୍ଚଳର ଯାତାୟାତ ବ୍ୟବସ୍ଥାକୁ ଆହୁରି ସୁଗମ କରିବା ପାଇଁ ଦେୱାନପାଟଣା ଛକଠାରୁ କନକଦୁର୍ଗା ମନ୍ଦିର ଭାୟା ଡିଗିରଣିଆ ଛକ ଦେଇ ଭୁଜାଖିଆ ପୀରବାବା ଛକ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ କରାଯିବ। ଏହି କାର୍ଯ୍ୟ ପାଇଁ ୧ କୋଟି ୫୯ ଲକ୍ଷ ୭୮ ହଜାର ୧୯୮ ଟଙ୍କା ଅଟକଳ କରାଯାଇଛି। ଏହାସହ ୧୫ ଲକ୍ଷ ଟଙ୍କା ବ୍ୟୟରେ କନକଦୁର୍ଗା ମନ୍ଦିରଠାରୁ ବୁଢ଼ୀ ମଙ୍ଗଳା ମନ୍ଦିର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯିବ। ଏହି ରାସ୍ତାଗୁଡ଼ିକର ଉନ୍ନତିକରଣ ଓ ନିର୍ମାଣ ଦ୍ୱାରା ସ୍ଥାନୀୟ ଲୋକଙ୍କ ଦୈନନ୍ଦିନ ଯାତାୟାତ ସହିତ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ। ସେହିପରି ଅଞ୍ଚଳର ଡ୍ରେନେଜ୍ ଓ ଆଭ୍ୟନ୍ତରୀଣ ରାସ୍ତା ସମସ୍ୟାର ସମାଧାନ ପାଇଁ ୨୦ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ପାପୁଲି ସୁତାରଙ୍କ ଘରଠାରୁ ପାତ୍ରପଡ଼ା ଛକ ପର୍ଯ୍ୟନ୍ତ ରାସ୍ତା ଓ ଡ୍ରେନ୍ ନିର୍ମାଣ କରାଯିବ। ଏଥିସହ ୭ ଲକ୍ଷ ଟଙ୍କା ବ୍ୟୟରେ ରାଧା ସାବନ ଦାସଙ୍କ ଘରଠାରୁ ରାଧା ସତ୍ୟ ସାଇ ମନ୍ଦିର ଦେଇ କନକଦୁର୍ଗା ମେନ୍ ରୋଡ୍ ପର୍ଯ୍ୟନ୍ତ ପେଭର ବ୍ଲକ୍ ରାସ୍ତା ଓ ଡ୍ରେନ୍ ନିର୍ମାଣ କରାଯିବ। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ଅଞ୍ଚଳର ଜଳ ନିଷ୍କାସନ ବ୍ୟବସ୍ଥା ସୁଧାରିବା ସହ ବର୍ଷାଦିନରେ ଜଳବନ୍ଦୀ ଓ ଯାତାୟାତ ସମସ୍ୟା ହ୍ରାସ ପାଇବାରେ ସହାୟକ ହେବ। ସହରର ପ୍ରତ୍ୟେକ ୱାର୍ଡରେ ଲୋକଙ୍କ ଆବଶ୍ୟକତା ଓ ସ୍ଥାନୀୟ ସମସ୍ୟାକୁ ଗୁରୁତ୍ୱ ଦେଇ ରାସ୍ତା, ଡ୍ରେନେଜ୍, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ ଅନ୍ୟାନ୍ୟ ଭିତ୍ତିଭୂମିର ବିକାଶ କାର୍ଯ୍ୟକୁ ଆଗକୁ ନିଆଯାଉଛି ବୋଲି ବିଧାୟକ ମାନସ ଦତ୍ତ ପରିପ୍ରକାଶ କରିଛନ୍ତି। ସୁନହଟରେ ଆଜି ଶିଳାନ୍ୟାସ ହୋଇଥିବା ପ୍ରକଳ୍ପଗୁଡ଼ିକ ଅଞ୍ଚଳର ବିକାଶରେ ଏକ ନୂତନ ଅଧ୍ୟାୟ ଯୋଡ଼ିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ସୁନହଟରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହେବା ଫଳରେ ଅଞ୍ଚଳର ଭିତ୍ତିଭୂମି ବିକାଶ ସହିତ ସ୍ୱାସ୍ଥ୍ୟ, କ୍ରୀଡ଼ା ଓ ଯୋଗାଯୋଗ କ୍ଷେତ୍ରରେ ମଧ୍ୟ ଉନ୍ନତି ଆସିବ। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ପୌରପାଳିକାର ଅଧକ୍ଷା ସବିତା ସାହୁ, ସ୍ଥାନୀୟ କାଉନସିଲର ରୋଜାଲିନ ପାଣି, ସସ୍ମିତା ନାଥ, ରାଧାକୃଷ୍ଣ ଦାସ, ଅମିତ କୁମାର ନାୟକ କବିତା ମୁର୍ମୁ, ସାଂସଦଙ୍କ ପ୍ରତିନିଧି ଚିତ୍ତରଞ୍ଜନ ପଣ୍ଡା ଓ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# 'ଉଲ୍ଲାସ'ରେ ରହିଛି ଜୀବନ ବଂଚିବାର କୌଶଳ: ସ୍ୱେଚ୍ଛାସେବୀ ସସ୍ମିତା



ଉଦଳା , ୨୧/୯ (ନି.ପ୍ର): ୧୮ବର୍ଷ ବୟସରୁ ଉର୍ଦ୍ଧ ନୀରକ୍ଷର ବ୍ୟକ୍ତି ମାନଙ୍କୁ ସାକ୍ଷର କରି ଦେଶ ଗଠନରେ ସାମିଲ କରିବା ଉଦେଶ୍ୟରେ ସରକାରଙ୍କ ତରଫରୁ ସମଗ୍ର ରାଜ୍ୟରେ 'ଉଲ୍ଲାସ' କାର୍ଯ୍ୟକ୍ରମ ଚାଲିଛି । ଏହାଦ୍ୱାରା ମୌଳିକ ସାକ୍ଷରତା ଏବଂ ସଂଖ୍ୟା ଜ୍ଞାନ ବିଷୟରେ ସମସ୍ତଙ୍କୁ ଅବଗତ କରାଯାଉଛି । ଏହାକୁ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ବୋଲି କୁହାଯାଉଛି । ଏହି ନୀରକ୍ଷର ବ୍ୟକ୍ତି ବିଶେଷଙ୍କର ଅଗ୍ରଗତି ସମ୍ପର୍କରେ ଜାଣିବା ପାଇଁ ପରୀକ୍ଷା ମଧ କରାଯାଉଛି । ଏହି ଅବସରରେ ଉଦଳା ବ୍ଲକର ଖଲାଡ଼ି ପଂଚାୟତ ଅନ୍ତର୍ଗତ ଦୁତିକାଦେଇପୁର ଗ୍ରାମସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସାଧାରଣସଭା ଓ ଲିଖିତ ପରୀକ୍ଷାର ପର୍ବ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେଶଚନ୍ଦ୍ର ବେହେରା ଅଧକ୍ଷତା କରି ଏହା ନୁଆ କାର୍ଯ୍ୟକ୍ରମ ନୁହେଁ, ବହୁ ପୁର୍ବରୁ ଏହା ଚାଲିଥିବା ବେଳେ ପ୍ରୌଢ଼ ଶିକ୍ଷା ନାମରେ ପରିଚିତ ଥିଲା ବୋଲି ବ୍ୟକ୍ତ କରିଥିଲେ । ଉଦଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବ୍ରତ କିସ୍କୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସରକାରଙ୍କର 'ଉଲ୍ଲାସ' କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏଠାରେ କାର୍ଯ୍ୟରତ ଶିକ୍ଷକ, ଶିକ୍ଷୟିତ୍ରୀ, ସ୍ୱେଚ୍ଛାସେବି ଓ ଗ୍ରାମବାସୀ ମାନେ ମିଳିମିଶି ଯେଉଁଭଳି ଉଦ୍ୟମ ଜାରି ରଖିଛନ୍ତି ଏହାକୁ ଭୂୟସୀ ପ୍ରଶଂସା କରିଥିଲେ । ଲୋକସଂଗଠନ ଜନଜାଗୃତି ମଂଚର ଉର୍ମି ଲିଡ଼ର ସସ୍ମିତା ମଢ଼େଇ ଜଣେ ସ୍ୱେଚ୍ଛାସେବି ଭାବରେ ଯୋଗଦେଇ 'ଉଲ୍ଲାସ' କାର୍ଯ୍ୟକ୍ରମରେ କିପରି ଜୀବନ ବଂଚିବାର କୌଶଳ ପୁରି ରହିଛି ବ୍ୟକ୍ତ କରିଥିଲେ। ପରେ ସମସ୍ତଙ୍କ ପାଇଁ ଶିକ୍ଷା ଆନ୍ଦୋଳନକୁ ଆଗେଇନେବା ଉଦେଶ୍ୟରେ ଆତ୍ମାକ୍ତି ଟ୍ରଷ୍ଟ, ମନ୍ତ୍ରା ଫର ଚେଂଜ ଓ ଶିକ୍ଷାଗ୍ରହ ମିଳିତ ଭାବରେ ମୟୂରଭଂଜ ସମେତ ଓଡ଼ିଶାର ୧୦ଗୋଟି ଜିଲ୍ଲାରେ ଶିକ୍ଷା ଚୌପାଲ କାର୍ଯ୍ୟକ୍ରମ କିପରି ଆରମ୍ଭ କରିଛନ୍ତି ବିସ୍ତୃତ ବର୍ଣ୍ଣନା କରିଥିଲେ । ମୟୂରଭଂଜର ୩ଗୋଟି ବ୍ଲକ-(କପ୍ତିପଦା, ଉଦଳା, ଖୁଂଟା) ଠାରେ ୬ଜଣ ଉର୍ମି ଲିଡ଼ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆଜି ସେପ୍ଟେମ୍ବର ୨୦ ତାରିଖ ଶନିବାରର ଠାରୁ ଆରମ୍ଭ ହୋଇଛି ବୋଲି ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ମୋଟ ୧୨୦ଟି ଗ୍ରାମରେ ଶିକ୍ଷା ଚୌପାଲର ପର୍ବ ଅନୁଷ୍ଠିତ ହେବ ବୋଲି ଜଣାଇଥିଲେ । ଏହାପରେ ଲିଖିତ ପରୀକ୍ଷା ଆରମ୍ଭ ହୋଇଥିଲା । ଶିକ୍ଷୟିତ୍ରୀ ରାଇମାତ ମାର୍ଣ୍ଡି ଓ ସ୍ୱେଚ୍ଛାସେବି ରବିନ୍ଦ୍ର ଖଣ୍ଡେଇଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ମାନେ ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

# ସାପ କାମୁଡାରେ ନାବାଳିକା ମୃତ

ବସ୍ତା , ୨୧/୯ (ନି.ପ୍ର): ସାପ କାମୁଡାରେ ନାବାଳିକା ମୃତ। ସୂଚନା ଅନୁଯାୟୀ ରୂପସା ଥାନା ଅନ୍ତର୍ଗତ ରାମକୃଷ୍ଣ ମାଝୀ ଙ୍କ ଝିଅ ସୁଭସ୍ମିତା ମାଝୀ(୧୦) ଗତ କାଲି ନିଜ ମିରିଗୀମୁଣ୍ଡି ଗାଁ କରଞ୍ଜି ହୁଜା ଠାରେ ବଡ ବାପା ବଡ ମା ଙ୍କ ପାଖରେ ସୋଇଥିଲେ । ସକାଳୁ ଉଠି ସୁଭସ୍ମିତା କୁ ଡାକି ଥିବା ବେଳେ ସେ ଆଉ ଉଠି ନଥିଲେ । ରାମକୃଷ୍ଣ ବାହାରେ ରହୁଥିବା ବେଳେ ତାଙ୍କ ଝିଅ ସୁଭସ୍ମିତା ତାଙ୍କ ବଡ ବାପା ବଡ ମା ଙ୍କ ପାଖରେ ରହୁଥିଲେ । ତାଙ୍କର ଏ ଭଳି ଅବସ୍ଥା ଦେଖି ତାଙ୍କୁ ସଙ୍ଗେ ସଙ୍ଗେ ରୂପସା ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇ ଯାଇଥିବା ବେଳେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରୂପସା ଥାନା ପକ୍ଷରୁ କେସ ନମ୍ବର୍ ୧୨/୨୬ ମୂଳେ ଅପମୃତ୍ୟୁ ମାମଲା ରୁଜୁ କରି ମୃତ ଶରୀରକୁ ପୋଷ୍ଟମୋଟମ୍ ପାଇଁ ପଠାଇଛି ।

# ବସ୍ତା ଷ୍ଟେସନରେ ଟ୍ରେନ ଧକ୍କାରେ ଦୁଇ ମହିଳାଙ୍କ ମର୍ମନ୍ତୁଦ ମୃତ୍ୟୁ

ବସ୍ତା, ୨୧/୯ (ନି.ପ୍ର): ଆଜି ଦ୍ୱିପ୍ରହର ବେଳେ ବସ୍ତା ଷ୍ଟେସନ ନିକଟରେ ରେଳ ଧାରଣାରେ ଟ୍ରେନ ଧକ୍କାରେ ଦୁଇ ଜଣ ମହିଳାଙ୍କ ମର୍ମନ୍ତୁଦ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଷ୍ଟେସନର ଉତ୍ତର ପାର୍ଶ୍ୱ ରେ ଏହି ଦୁଇ ମହିଳା ଲାଇନ ପାରି ହେବା ସମୟରେ ସେମାନଙ୍କୁ ଡାଉନ ୨୨୬୪୧ ତ୍ରିଭେନ୍ଦ୍ରମ - ଶାଲିମାର ସୁପର ଫାଷ୍ଟ ଟ୍ରେନ ଧକ୍କା ଦେଇଥିଲା। ଟ୍ରେନ ଧକ୍କା ଏତେ ପ୍ରଚଣ୍ଡ ଥିଲା ଯେ ସେମାନଙ୍କ ଶରୀର ପୁରା ପୁରି ଚକଟି ଖଣ୍ଡ ବିଖଣ୍ଡିତ ହୋଇ ଯାଇଥିଲା। ଏହା ଫଳରେ ସେମାନଙ୍କୁ ଚିହ୍ନିବା ମୁସ୍କିଲ ହୋଇଯାଇଥିଲା। ତେବେ ପରେ ସେମାନଙ୍କ ପରିଚୟ ମିଳିଛି। ସେମାନେ ହେଲେ ମୟୁରଭଞ୍ଜ ରାସଗୋବିନ୍ଦ ପୁର ଥାନା ଗୋବରା ଗାଁର ନୃସିଂହ ମୁର୍ମୁଙ୍କ ସ୍ତ୍ରୀ କପୁର (୫୭)ଏବଂ ବାଉଁଶ ତୋଫା ଗାଁର ରୂପଚାନ୍ଦ ହାଂସଦା। ଙ୍କ ସ୍ତ୍ରୀ ସୀତା (୬୪)। ସେମାନେ ସିଂଲା ଯାଇଥାନ୍ତେ ମାତ୍ର ଲାଇନ ପାର ହେଉଥିବା ବେଳେ ଅସାବଧାନତା ବଶତଃ ଟ୍ରେନ ଧକ୍କାରେ ସମ୍ମୁଖୀନ ହୋଇଥିଲେ। ଖବର ପାଇ ରେଳବାଇ ପୁଲିସ ସେମାନଙ୍କ ଶବକୁ ଏକାଠି କରି ବ୍ୟବଚ୍ଛେଦ କରିବା ପରେ ପରିବାର ବର୍ଗକୁ ହସ୍ତାନ୍ତର କରିଛି। ଏବଂ ଅପମୃତ୍ୟୁ ମାମଲା ରୁଜୁ କରିଛି।









❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida